R.N.I. REGN. No. 65000/96 POSTAL REGN. No. OR/BN-32/12-14

ସମୟ SAMAYA

ସମୟ

ପ୍ରତିଷ୍ଠାତା - ବସନ୍ତ କୁମାର ବିଶ୍ୱାଳ

ଏକତ୍ରିଂଶତମ ବର୍ଷ
ସଂଖ୍ୟା : ୪୪
ତିଥି: ନବମୀ
୧୮ ନଭେମ୍ବର ୨୦୨୬, ବୁଧବାର
ସମ୍ବଲପୁର
ପୃଷ୍ଠା- ୧୨, ମୂଲ୍ୟ- ଟ.୫.୦୦

Vol. - XXXI, No. 44
18 November 2026, Wednesday
Sambalpur
Price: 5.00
Online Portal
www.odishasamaya.com
samayaepaper.com
odishasamaya
thesamayanews@gmail.com
www.samayalive.in

Bhubaneswar | Balasore | Angul | Berhampur | Sambalpur

ବାରମ୍ବାର ଦିଗ ବଦଳାଉଛି ଅକୱାନ



ଭୁବନେଶ୍ୱର, ୧୭ ।୧୧ (ସବୁ୍ୟ) : ତିନିଦିନ ହେବ ଦିଗ ବଦଳାଉଛି ବାତ୍ୟା ଅକୱାନ । ଗତକାଲି ଦକ୍ଷିଣ ଆନ୍ଧ୍ରପ୍ରଦେଶ ସ୍ଥଳଭାଗ ଛୁଇଁବାକୁ ଆକଳନ କରାଯାଇଥିବା ବେଳେ ଆଜି(ମଙ୍ଗଳବାର) ଦକ୍ଷିଣ ଆନ୍ଧ୍ର ଆଡ଼କୁ ମୁହାଁଇବ ବୋଲି ଭାରତୀୟ ପାଣିପାଗ ବିଭାଗ(ଆଇଏମ୍‌ଡି) କହିଛି । ବାତ୍ୟା ଅକୱାନ ଅତ୍ୟନ୍ତ ଧିମା ବେଗରେ ଆଗକୁ ବଢୁଛି । ତେବେ ଏହା ସନ୍ଧ୍ୟା ୫.୩୦ ସୁଦ୍ଧା ସ୍ଥିର ରହିଥିବା ପର୍ଯ୍ୟବେକ୍ଷଣରୁ ଜଣାପଡ଼ିଛି । ଆସନ୍ତାକାଲି (ବୁଧବାର) ସୁଦ୍ଧା ଆହୁରି ଘନୀଭୂତ ହୋଇ ଭୀଷଣ ବାତ୍ୟା ରୂପ ନେବ । ପରେ ଏହା ୨୦ ତାରିଖ ମଧ୍ୟାହ୍ନ ସୁଦ୍ଧା ଆନ୍ଧ୍ରର ନଲୋରରୁ ବିଶାଖାପଟ୍ଟନମ ମଧ୍ୟରେ ସ୍ଥଳଭାଗ ଛୁଇଁବାର ସମ୍ଭାବନା ଅଛି । ସେପଟେ ପାଣିପାଗ ବିଶେଷଜ୍ଞମାନେ କହିଛନ୍ତି, ଯଦି ସମ୍ଭାବ୍ୟ ବାତ୍ୟା ଦକ୍ଷିଣ ଆନ୍ଧ୍ରପ୍ରଦେଶ ଉପକୂଳରେ ସ୍ଥଳଭାଗ ଛୁଇଁବ, ତାହେଲେ ଓଡ଼ିଶାରେ କମ ପ୍ରଭାବ ପଡ଼ିବ । ଏହା ଦିଗ ବଦଳାଇ ଉତ୍ତର ଆନ୍ଧ୍ରକୁ ଗଲେ ଓଡ଼ିଶାରେ ଭୀଷଣ ବର୍ଷାର ସମ୍ଭାବନା ଅଛି ।ତେବେ ସମ୍ଭାବ୍ୟ ବାତ୍ୟାକୁ ଦୃଷ୍ଟିରେ ରଖି ମାଲକାନଗିରି ଜିଲ୍ଲାରେ ଦୁଇଦିନ ଲାଗି ସ୍କୁଲ ଛୁଟି ଘୋଷଣା କରାଯାଇଛି । ଜିଲ୍ଲାପାଳଙ୍କ ଘୋଷଣା ଅନୁଯାୟୀ ଜିଲ୍ଲାର ସମସ୍ତ ଶିକ୍ଷାନୁଷ୍ଠାନ, ଅଙ୍ଗନୱାଡ଼ି କେନ୍ଦ୍ର ବନ୍ଦ ରହିବ । ସରକାରୀ କର୍ମଚାରୀମାନେ ବିନା ଅନୁମତିରେ ମୁଖ୍ୟାଳୟ ନ ଛାଡ଼ିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି ।

କେନ୍ଦ୍ରୀୟ ଅଞ୍ଚଳର ଦକ୍ଷିଣ ଏବଂ ସଂଲଗ୍ନ ପଶ୍ଚିମ କେନ୍ଦ୍ରୀୟବଙ୍ଗୋପସାଗର ଉପରେ ବାତ୍ୟା ଅକଓ୍ୱାନ କେନ୍ଦ୍ରୀଭୂତ ଅଛି । ଏହା ଅତ୍ୟନ୍ତ ଧିମା ବେଗରେ ଆଗକୁ ବଢୁଛି । ସନ୍ଧ୍ୟା ୫.୩୦ ସୁଦ୍ଧା ଏହା ଘଣ୍ଟାପ୍ରତି ୩ କିମି ବେଗରେ ଗତି କରୁଛି । ଆହୁରି ଘନୀଭୂତ ହୋଇ ବୁଧବାର ସକାଳ ସୁଦ୍ଧା ଭୀଷଣ ବାତ୍ୟାରେ ପରିଣତ ହେବ । ପରେ ଏହା ଉତ୍ତର ପଶ୍ଚିମ ଦିଗରେ ଗତି କରି ୧୯ତାରିଖ ବେଳକୁ ଅତି ଭୀଷଣ ବାତ୍ୟା ରୂପ ନେବ । ୨୦ ତାରିଖ ସୁଦ୍ଧା ଆନ୍ଧ୍ରପ୍ରଦେଶ ଓୟାନମ ଉପକୂଳର ନେଲୋର ଠାରୁ ବିଶାଖାପଟ୍ଟନମ ମଧ୍ୟରେ ସ୍ଥଳଭାଗ ଛୁଇଁବାର ସମ୍ଭାବନା ରହିଛି । ଏହାଜି ସମୟରେ ପବନର ବେଗ ଘଣ୍ଟାପ୍ରତି ୧୨୦ରୁ ୧୩୦ କିମି ଓ ଝଟକା ୧୪୫ କିମି ରହିପାରେ ।

ଅନ୍ୟପକ୍ଷରେ ପାଣିପାଗ ବିଜ୍ଞାନୀ ପ୍ରଫେସର ସୁରେନ୍ଦ୍ରନାଥ ପଣ୍ଡୁପାଳକ କହିଛନ୍ତି, ସନ୍ଧ୍ୟା ୫ଟା ୩୦ରେ ବାତ୍ୟା "ଅକୱାନ୍" (୯ ପୃଷ୍ଠାରେ)

- ଆଜି ଭୀଷଣ ବାତ୍ୟା ରୂପ ନେବ
- ଧିମା ଗତିରେ ଆଗକୁ ବଢୁଛି ବାତ୍ୟା
- ଦକ୍ଷିଣ ଓଡ଼ିଶାରେ ପ୍ରବଳ ବର୍ଷା ସମ୍ଭାବନା
- ଦୁର୍ବଳ ହୋଇ ସ୍ଥଳଭାଗ ଛୁଇଁପାରେ : ପଶୁପାଳକ
- ମାଲକାନଗିରିରେ ଦୁଇଦିନ ଶିକ୍ଷାନୁଷ୍ଠାନ ଛୁଟି

ମାନିଲାରେ ଭାରତର ପ୍ରାଥମିକତା ଉପସ୍ଥାପନ କଲେ ପ୍ରଧାନମନ୍ତ୍ରୀ

ସାମୁଦ୍ରିକ ସୁରକ୍ଷା, ନିର୍ଭରଯୋଗ୍ୟ ଯୋଗାଣ ଶୃଙ୍ଖଳାକୁ ଗୁରୁତ୍ୱ



ନୂଆଦିଲ୍ଲୀ, ୧୭ ।୧୧ : ଇଣ୍ଡୋ-ପାସିଫିକ୍ ଅଞ୍ଚଳରେ ଶାନ୍ତି, ସ୍ଥିରତା ଓ ସମୃଦ୍ଧି ସୁନିଶ୍ଚିତ କରିବା ସହ ଏହି ଅଞ୍ଚଳର ସମସ୍ତ ଦେଶ ପାଇଁ ବିଶ୍ୱସନୀୟ ସମାଧାନ ଯୋଗାଇଦେବା ଦିଗରେ କ୍ୱାଡ୍ ରାଷ୍ଟ୍ରସମୂହ କାର୍ଯ୍ୟ କରିବା ଆବଶ୍ୟକ। ମଙ୍ଗଳବାର ଫିଲିପାଇନ୍ସର ରାଜଧାନୀ ମାନିଲାରେ ଅନୁଷ୍ଠିତ କ୍ୱାଡ୍ ବୈଠକରେ ଯୋଗଦେଇ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏହା କହିଛନ୍ତି। ସାମୁଦ୍ରିକ ସୁରକ୍ଷା, ନିର୍ଭରଯୋଗ୍ୟ ଯୋଗାଣ ଶୃଙ୍ଖଳ, ଉଦୀୟମାନ ପ୍ରଯୁକ୍ତିବିଦ୍ୟା ଏବଂ ପ୍ରାକୃତିକ ବିପର୍ଯ୍ୟୟର ମୁକାବିଲାକୁ କ୍ୱାଡ୍ ସହଯୋଗର ପ୍ରମୁଖ କ୍ଷେତ୍ର ଭାବେ ସେ ଚିହ୍ନଟ କରିଛନ୍ତି।

ବୈଠକରେ ଉଦ୍‌ବୋଧନ ଦେଇ ମୋଦୀ କହିଥିଲେ ଯେ, ଭାରତ କ୍ୱାଡ୍‌କୁ ଏକ ଗଠନମୂଳକ ଓ ବିଶ୍ୱସନୀୟ ସହଭାଗିତା ଭାବେ ଦେଖୁଛି। ଭାରତ, ଅଷ୍ଟ୍ରେଲିଆ, ଜାପାନ ଓ (୯ ପୃଷ୍ଠାରେ)

ସରକାରୀ କର୍ମଚାରୀଙ୍କ ମହଙ୍ଗା ଭତ୍ତାରେ ୩% ବୃଦ୍ଧି

ଭୁବନେଶ୍ୱର, ୧୭ ।୧୧ (ସବୁ୍ୟ) : ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଜି ରାଜ୍ୟ ସରକାରୀ କର୍ମଚାରୀଙ୍କ ମହଙ୍ଗା ଭତ୍ତାରେ ତିନି ପ୍ରତିଶତ ବୃଦ୍ଧି ବିଷୟ ଘୋଷଣା କରିଛନ୍ତି। ଏହା ଫଳରେ ସରକାରୀ କର୍ମଚାରୀଙ୍କ ମହଙ୍ଗା ଭତ୍ତା ୬୦ ପ୍ରତିଶତରୁ ୬୩ ପ୍ରତିଶତକୁ ବୃଦ୍ଧି ପାଇଲା। ଏହା ଜୁଲାଇ ପହିଲା ୨୦୨୬ରୁ ପିଛିଲା ଭାବରେ ଲାଗୁ ହେବ। ଏହି ବର୍ଦ୍ଧିତ ମହଙ୍ଗା ଭତ୍ତା ଚଳିତ ନଭେମ୍ବର ମାସ ଦରମାରେ ନଗଦ ଆକାରରେ ମିଳିବ ।

ଏହା ସହିତ ପେନ୍‌ସନଭୋଗୀ ମାନଙ୍କ ଟି.ଆଇ ରେ ମଧ୍ୟ ତିନି ପ୍ରତିଶତ ବୃଦ୍ଧି କରାଯାଇଛି। (୯ ପୃଷ୍ଠାରେ)

ଏସ୍‌ଆଇଆର୍ ନିଷ୍ପତ୍ତି ସର୍ବସମ୍ମତ ପ୍ରମାଣ ଦେଇପାରିଲେନି ନିର୍ବାଚନ କମିଶନ

ନୂଆଦିଲ୍ଲୀ, ୧୭ ।୧୧ : ଭୋଟର ତାଲିକାର ସ୍ୱତନ୍ତ୍ର ଗଭୀର ସଂଶୋଧନ (ଏସ୍‌ଆଇଆର୍) ସମ୍ପର୍କିତ ନିଷ୍ପତ୍ତିଗୁଡ଼ିକ ତିନିଜଣ ନିର୍ବାଚନ କମିଶନରଙ୍କ ସର୍ବସମ୍ମତିକ୍ରମେ ନିଆଯାଇଥିବାର କୌଣସି ସମସାମୟିକ ଦସ୍ତାବିଜ ଦାଖଲ କରିବାରେ ନିର୍ବାଚନ କମିଶନ ବିଫଳ ହୋଇଛନ୍ତି। ମୁଖ୍ୟ ନିର୍ବାଚନ କମିଶନର ଜ୍ଞାନେଶ କୁମାରଙ୍କ କାର୍ଯ୍ୟଶୈଳୀକୁ ଚ୍ୟାଲେଞ୍ଜ୍ କରି ସୁପ୍ରିମକୋର୍ଟରେ ଏହି ଯୁକ୍ତି ରଖିଛନ୍ତି ଆବେଦନକାରୀ ରାକେଶ କୁମାର ସିଂହ।

ଆଇନଜୀବୀ ମୁଦିତ ଗୁପ୍ତାଙ୍କ ଜରିଆରେ ଦାଖଲ ପ୍ରତିଜବାବୀ ସତ୍ୟପାଠରେ ସିଂହ କହିଛନ୍ତି ଯେ, ନିର୍ବାଚନ କମିଶନ ନିଜର ଜବାବୀ ସତ୍ୟପାଠରେ ସମସ୍ତ ନିଷ୍ପତ୍ତି ସର୍ବସମ୍ମତିକ୍ରମେ ହୋଇଥିବା ଦାବି କରିଥିଲେ ମଧ୍ୟ ଏହାର ପ୍ରମାଣ ଦେଇନାହାନ୍ତି। ମୁଖ୍ୟ ନିର୍ବାଚନ କମିଶନର ଓ ଅନ୍ୟ ନିର୍ବାଚନ କମିଶନରଙ୍କ ନିଯୁକ୍ତି ଓ କାର୍ଯ୍ୟକାଳ ସମ୍ପର୍କିତ ୨୦୨୩ ଆଇନର ଧାରା ୧୮ ଅନୁଯାୟୀ ସାମୂହିକ ନିଷ୍ପତ୍ତି ନିଆଯାଇଥିବା ଆବଶ୍ୟକ। ପରବର୍ତ୍ତୀ ସମୟରେ ତ୍ରୁଟି ସଂଶୋଧନ କରିବା ଦ୍ୱାରା ପୂର୍ବ ନିଷ୍ପତ୍ତିଗୁଡ଼ିକର ଆଇନଗତ ବୈଧତା ପ୍ରମାଣିତ ହୁଏ ନାହିଁ ବୋଲି ସେ ଯୁକ୍ତି ଦର୍ଶାଇଛନ୍ତି।

ଆବେଦନକାରୀ ବୈଠକର ଏଜେଣ୍ଡା, ବିବରଣୀ, ଫାଇଲ୍ ନୋଟିଂ, ଲିଖିତ ଅନୁମୋଦନ ଓ ଇଲେକ୍ଟ୍ରୋନିକ୍ ରେକର୍ଡ ଦାଖଲ ପାଇଁ ଦାବି କରିଛନ୍ତି। ଅନଲାଇନ୍ ଫର୍ମ-୬ରେ ଅତିରିକ୍ତ ଘୋଷଣାପତ୍ର ଯୋଡ଼ିବା, ଇସିଆଇନେଟ୍ ପୋର୍ଟାଲର ତ୍ରୁଟି ଏବଂ ପଶ୍ଚିମବଙ୍ଗରେ ଭୋଟର ତାଲିକାରୁ ବାଦ୍ ପଡ଼ିଥିବା ଲୋକଙ୍କ ସମ୍ପର୍କିତ ଆବେଦନ ଉପରେ ମଧ୍ୟ ସେ ପ୍ରଶ୍ନ ଉଠାଇଛନ୍ତି।

ଗୋଆର ୯୭ ଜଣ ଯୋଗ୍ୟ ଭୋଟର ଇସିଆଇନେଟ୍ ପୋର୍ଟାଲ୍ ମାଧ୍ୟମରେ ଫର୍ମ-୬ ଦାଖଲ କରିପାରି ନଥିବା ଅଭିଯୋଗ ମଧ୍ୟ ସତ୍ୟପାଠରେ ଉଲ୍ଲେଖ ହୋଇଛି। ଏଥିସହ ପଶ୍ଚିମବଙ୍ଗରେ ଭୋଟର ତାଲିକାରୁ ନାମ ବାଦ୍ ପଡ଼ିବା ନେଇ ନ୍ୟାୟିକ ଅଧିକାରୀଙ୍କ ରାୟ ବିରୋଧରେ କେଉଁ ଅଧିକାର ବଳରେ ଅପିଲ୍ ଦାଖଲ ହୋଇଥିଲା, ତାହାର ତଥ୍ୟ ମଧ୍ୟ ମଗାଯାଇଛି।

ଏହି ମାମଲାରେ (୯ ପୃଷ୍ଠାରେ)

ଆଜିଠୁ ବିଧାନସଭା ‖ ସବୁ ଦଳର ସହଯୋଗ ଲୋଡ଼ିଲେ ବାଚସ୍ପତି

ଭୁବନେଶ୍ୱର, ୧୭ ।୧୧ (ସବୁ୍ୟ) : ଆସନ୍ତାକାଲି ଠାରୁ ବିଧାନସଭାର ଶୀତ ଅଧିବେଶନ ଆରମ୍ଭ ହେବାକୁ ଯାଉଛି। ୩୧ ତାରିଖ ଯାଏ ଏହି ଅଧିବେଶନ ଚାଲିବ। ଅଧିବେଶନ ପୂର୍ବରୁ ବାଚସ୍ପତି ସୁରମା ପାଢ଼ୀ ସର୍ବଦଳୀୟ ବୈଠକ ଡାକିଛନ୍ତି। ବୈଠକରେ ଗୃହକାର୍ଯ୍ୟ ସୁରୁଖୁରୁରେ ଚଳାଇବା ଲାଗି ସବୁ ଦଳର ସହଯୋଗ ଲୋଡ଼ିଛନ୍ତି। ବିଧାନସଭାକୁ ସୁରୁଖୁରୁରେ ଚଳାଇବା ଲାଗି ସବୁ ଦଳ ସହମତି ଦେଇଛନ୍ତି।

ସର୍ବଦଳୀୟ ବୈଠକ ପରେ ସଂସଦୀୟ ବ୍ୟାପାର ମନ୍ତ୍ରୀ ମୁକେଶ ମହାଲିଙ୍ଗ କହିଛନ୍ତି ଯେ ବିଧାନସଭାକୁ ସୁରୁଖୁରୁରେ ଚଳାଇବା ପାଇଁ ସର୍ବସମ୍ମତିକ୍ରମେ ନିଷ୍ପତ୍ତି ହୋଇଛି।



ବିରୋଧୀଙ୍କ ପକ୍ଷରୁ ଯେଉଁ ପ୍ରସ୍ତାବ ଆସିବ ତାହା ଆଲୋଚନା କରାଯିବ। ଓଡ଼ିଶାର ସ୍ୱାର୍ଥକୁ ନେଇ ଯେଉଁ ପ୍ରସ୍ତାବ ଆଣିବେ ତାହା ଗୁରୁତର ସହ ଆଲୋଚନା କରାଯିବ। ଚଳିତ ଅଧିବେଶନରେ ୫ ବିଲ୍ ଆସିବ। ବିରୋଧୀ ଯେଉଁ ପ୍ରସଙ୍ଗରେ ମୋସନ ଆଣିଛନ୍ତି ବାଚସ୍ପତି ନିଷ୍ପତ୍ତି ନେଲେ ସରକାରୀ ଦଳ ଆଲୋଚନା ପାଇଁ ପ୍ରସ୍ତୁତ। ବୈଠକରେ ଯୋଗ ଦେଇଥିବା ବିରୋଧୀ ଦଳ ମୁଖ୍ୟ ସଚେତକ ପ୍ରମିଳା ମଲ୍ଲିକ କହିଛନ୍ତି ଯେ ବାଚସ୍ପତି ସୁରୁଖୁରୁରେ କାର୍ଯ୍ୟ ଚଳାଇବା ଲାଗି ସବୁ ଦଳର ସହଯୋଗ ଲୋଡ଼ିଛନ୍ତି। ବିଜେଡି ବାତ୍ୟା, ବନ୍ୟା ନେଇ ମୋସନ ଆଣିଛି। ଗୃହର ସବୁ କାର୍ଯ୍ୟକୁ ବାତିଲ କରି ଏହି ପ୍ରସଙ୍ଗରେ ଆଲୋଚନା ଲାଗି ବିଜେଡି ଦାବି କରିଛି। ଏହାସହ ରାଜ୍ୟର ଆଇନ୍ ଶୃଙ୍ଖଳା, ଭତ୍ତା ସମସ୍ୟା, ଶିକ୍ଷା, ସ୍ୱାସ୍ଥ୍ୟ ସମସ୍ୟା ମଧ୍ୟ ବିଜେଡି ଉଠାଇବ।

ସରକାର ଆଣିବେ ୫ ବିଲ୍

ବୈଠକରେ ଯୋଗ ଦେଇଥିବା କଂଗ୍ରେସ ବିଧାୟକ ଦଳର ନେତା ରାମଚନ୍ଦ୍ର କାଡାମ କହିଛନ୍ତି ଯେ କଂଗ୍ରେସ ପକ୍ଷରୁ କୋଟିଆ ପ୍ରସଙ୍ଗ ବିଧାନସଭାରେ ଉଠାଯିବ। ବନ୍ୟା, ବାତ୍ୟା ପ୍ରସଙ୍ଗ ମଧ୍ୟ ଉଠାଇବା ଲାଗି ସ୍ଥିର ହୋଇଛି।

ଦୁଇ ଦୁଷ୍କର୍ମକାରୀଙ୍କୁ ଜାମିନ ପ୍ରସଙ୍ଗ

ମୁଁ ଲଢ଼େଇ ଜାରି ରଖିବି : ବିଲ୍‌କିସ୍

ନୂଆଦିଲ୍ଲୀ, ୧୭ ।୧୧ : ୨୦୦୨ ଗୁଜରାଟ ଦଙ୍ଗା ସମୟରେ ଗଣଦୁଷ୍କର୍ମର ଶିକାର ହୋଇଥିବା ବିଲ୍‌କିସ୍ ବାନୋଙ୍କ ମାମଲାରେ ଦୁଇ ଦୋଷୀଙ୍କୁ ସୁପ୍ରିମକୋର୍ଟ ଜାମିନ ପ୍ରଦାନ କରିବା ସହ ସେମାନଙ୍କ ଆଜୀବନ କାରାଦଣ୍ଡାଦେଶ ସ୍ଥଗିତ ରଖିବା ଘଟଣାକୁ ନେଇ ବିବାଦ ଦେଖାଦେଇଛି। ଏହି ରାୟରେ ଗଭୀର ଆଘାତ ଓ ଅବିଶ୍ୱାସ ପ୍ରକାଶ କରିବା ସହ ଏହାକୁ ଚ୍ୟାଲେଞ୍ଜ୍ କରିବେ ବୋଲି ମଙ୍ଗଳବାର ବିଲ୍‌କିସ୍ କହିଛନ୍ତି। 'ମୁଁ ଏହି ଆଦେଶ ବିରୋଧରେ ଲଢ଼ିବି। ମୋତେ ଲଢ଼ିବାକୁ ହିଁ ପଡ଼ିବ' ବୋଲି ସେ ନିଜ ପ୍ରତିକ୍ରିୟାରେ ଉଲ୍ଲେଖ କରିଛନ୍ତି।

ନିଜ ଓକିଲଙ୍କ ଜରିଆରେ ଜାରି କରିଥିବା ବିବୃତିରେ ବିଲ୍‌କିସ୍ କହିଛନ୍ତି ଯେ, ଅକ୍ଟୋବର ୨୮ରେ ସୁପ୍ରିମକୋର୍ଟ ଦେଇଥିବା ଆଦେଶ ସମ୍ପର୍କରେ ତାଙ୍କୁ କୌଣସି ସୂଚନା ଦିଆଯାଇ ନଥିଲା। ଗଣମାଧ୍ୟମର ଖବରରୁ ସେ ଏହି ରାୟ ବିଷୟରେ ଜାଣିବାକୁ ପାଇଥିଲେ। ଏହା ଦ୍ୱିତୀୟ ଥର ଯେତେବେଳେ ତାଙ୍କୁ ଡାକି ନ ଶୁଣି କୌଣସି ଆଦେଶ ଜାରି କରାଯାଇଛି ବୋଲି ସେ କ୍ଷୋଭ ପ୍ରକାଶ କରିଛନ୍ତି। ଅପରାଧର ଶିକାର ହୋଇଥିବା ବ୍ୟକ୍ତିଙ୍କ ମତାମତ ନ ନେଇ ଏପରି ନିଷ୍ପତ୍ତି କିପରି ନିଆଗଲା ବୋଲି ସେ ପ୍ରଶ୍ନ କରିଛନ୍ତି।

ସୂଚନାଯୋଗ୍ୟ, ୨୦୦୨ ଗୁଜରାଟ ଦଙ୍ଗା ସମୟରେ ବିଲ୍‌କିସ୍ ବାନୋଙ୍କୁ ଏକ ଉତ୍ତ୍ୟକ୍ତ ଜନତା ଗଣଦୁଷ୍କର୍ମ କରିଥିଲେ। ସେତେବେଳେ ତାଙ୍କୁ ମାତ୍ର ୧୯ ବର୍ଷ ବୟସ ହୋଇଥିଲା। ଏହି ଘଟଣାରେ ତାଙ୍କ ପରିବାରର ସାତଜଣ ସଦସ୍ୟଙ୍କ ମୃତ୍ୟୁ ହୋଇଥିଲା। ସେମାନଙ୍କ ମଧ୍ୟରେ ତାଙ୍କର ତିନିବର୍ଷର ଝିଅ ସାଲେହା ମଧ୍ୟ ଥିଲା। ଏହି ଘଟଣା ତାଙ୍କ ପରିବାର, ମାନବିକତା ପ୍ରତି ବିଶ୍ୱାସ (୯ ପୃଷ୍ଠାରେ)

ଛତିଶଗଡରୁ ଆସିଛି ବାଘ : ଏନ୍‌ଟିସିଏ

ସମ୍ବଲପୁର, ୧୭ ।୧୧ (ସବୁ୍ୟ) : ଡେବ୍ରିଗଡ ଅଭୟାରଣ୍ୟରେ ନିକଟରେ ଦେଖା ଦେଇଥିବା ଅଣ୍ଡିଆ ମହାବଳ ବାଘଟି ଛତିଶଗଡରୁ ଆସିଛି । ଜାତୀୟ ବ୍ୟାଘ୍ର ସଂରକ୍ଷଣ ପ୍ରାଧିକରଣ (ଏନ୍‌ଟିସିଏ) ଏହା ସ୍ପଷ୍ଟ କରିଛି । ଏହି ବାଘଟି ୨୦୨୫ରେ ଛତିଶଗଡ଼ର ଉଦନ୍ତୀ-ସୀତାନଦୀ ବ୍ୟାଘ୍ର ଅଭୟାରଣ୍ୟରେ ଚିହ୍ନଟ ହୋଇଥିଲା । ଛତିଶଗଡ଼ ବନ ବିଭାଗରୁ ମିଳିଥିବା କଯାମେରା ଟ୍ରାପ୍ ଫଟୋ ଓ ଅନ୍ୟ ପ୍ରମାଣ ଗୁଡିକୁ ବିଧିବଦ୍ଧ ଭାବେ ଯାଞ୍ଚ କରାଯାଇଥିଲା । ଏଥିସହ ବାଘ ଦେହର ପଟା ଚିହ୍ନ (ଷ୍ଟ୍ରାଇପ୍ ପାଟର୍ଣ୍ଣ) ମିଳାଇବା ପରେ ଏହା ସ୍ପଷ୍ଟ ହୋଇଛି । ଏହି ମହାବଳ ବାଘଟି ଉଦନ୍ତୀ-ସୀତାନଦୀରୁ ବାହାରି ପ୍ରଥମେ ଛତିଶଗଡ଼ର ବର୍ଣ୍ଣାୱାପାରା ଅଭୟାରଣ୍ୟକୁ ଯାଇଥିଲା । ସେଠାରୁ ଓଡ଼ିଶାର ଡେବ୍ରିଗଡ଼ ଅଞ୍ଚଳକୁ ଆସିଛି ବୋଲି ଜଣାପଡ଼ିଛି । ଏହି ଅଣ୍ଡିରା ବାଘର ବୟସ ପ୍ରାୟ ୫ ବର୍ଷ ହେବ ବୋଲି ଆକଳନ କରାଯାଇଛି । ସୂଚନାଯୋଗ୍ୟ, ହୀରାକୁଦ ବନ୍ୟପ୍ରାଣୀ ଡିଜିଜନ ଅନ୍ତର୍ଗତ ଡେବ୍ରିଗଡରେ ଗତ ୯ ନଭେମ୍ବର, ୨୦୨୬ରେ ପ୍ରଥମ ଥର ପାଇଁ ଏହି ଅଣ୍ଡିରା ବାଘର ଉପସ୍ଥିତି ରେକର୍ଡ କରାଯାଇଥିଲା । ଏହାପରେ ବାଘର ସୁରକ୍ଷା ବ୍ୟବସ୍ଥାକୁ ଅଧିକ କଡାକଡି କରାଯାଇଛି ।



ଶୀତ ଅଧିବେଶନ ଲାଗି ୩ ଦଳର ରଣନୀତି

ମାଳମାଳ ପ୍ରସଙ୍ଗ ନେଇ ଜବାବ ମାଗିବ ବିଜେଡି



ଭୁବନେଶ୍ୱର, ୧୭ ।୧୧ (ସବୁ୍ୟ) : ବିଧାନ ସଭାର ଶୀତ ଅଧିବେଶନ ପୂର୍ବରୁ ଆଜି ସନ୍ଧ୍ୟାରେ ଶଙ୍ଖ ଭବନଠାରେ ବିଜୁ ଜନତା ଦଳର ବିଧାୟକ ଦଳ ବୈଠକ ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇ ଯାଇଛି । ଏହି ଅବସରରେ ବିଜେଡି ବିଧାୟକ ମାନଙ୍କୁ ଉଦ୍‌ବୋଧନ ଦେଇ କହିଥିଲେ, ସଂପ୍ରତି ଗଞ୍ଜାମର ମନୁଷ୍ୟକୃତ ବନ୍ୟା ଓଡିଶାର ଛବିକୁ ଦେଶ ବିଦେଶରେ ମଳିନ କରିଛି । ଗଞ୍ଜାମରେ ଘଟିଯାଇଥିବା ବିପର୍ଯ୍ୟୟ ରାଜ୍ୟ ସରକାରଙ୍କ ଅପାରଗତାର ସର୍ବୋତ୍କୃଷ୍ଟ ଉଦାହରଣ । ଗଞ୍ଜାମର ଜନସାଧାରଣ ଏବେ ବି ରିଲିଫ ସହାୟତା ପାଇବାରେ ହଇରାଣ ହେଉଛନ୍ତି ବୋଲି ଶ୍ରୀ ପଟ୍ଟନାୟକ କ୍ଷୋଭ ପ୍ରକାଶ କରିଥିଲେ । (୯ ପୃଷ୍ଠାରେ)

ବିରୋଧୀଙ୍କୁ ତଥ୍ୟ ସହ ଜବାବ ଦେବ ଶାସକ ଦଳ



ଭୁବନେଶ୍ୱର, ୧୭ ।୧୧ (ସବୁ୍ୟ) : ଶୀତ ଅଧିବେଶନରେ ବିରୋଧୀ ଆଣୁଥିବା ସମସ୍ତ ପ୍ରସଙ୍ଗର ଜବାବ ଦିଆଯିବ। ତଥ୍ୟ ସହ ବିରୋଧୀଙ୍କୁ ଜବାବ ଦେବାପାଇଁ ଆଜି ବିଜେପି ବିଧାୟକ ଦଳ ବୈଠକରେ ରଣନୀତି ପ୍ରସ୍ତୁତ ହୋଇଛି।

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଅଧ୍ୟକ୍ଷତାରେ ବିଜେପି ବିଧାୟକ ଦଳର ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ରାଜ୍ୟ ସଭାପତି ମନମୋହନ ସାମଲ ଉପସ୍ଥିତ ଥିଲେ। ବୈଠକର ନିଷ୍ପତ୍ତି ସମ୍ପର୍କରେ ସଂସଦୀୟ ବ୍ୟାପାର ମନ୍ତ୍ରୀ ମୁକେଶ ମହାଲିଙ୍ଗ କହିଛନ୍ତି ଯେ ବିଧାନସଭା ଅଧିବେଶନକୁ ନେଇ ଶାସକ ଦଳ ପକ୍ଷରୁ ରଣନୀତି ପ୍ରସ୍ତୁତ ହୋଇଛି। ବିଧାୟକ ଦଳ ବୈଠକରେ ସରକାରଙ୍କ ଉପଲବ୍ଧି, ବିରୋଧୀ ଦଳ ଉଠାଇବାକୁ ଥିବା ବିଭିନ୍ନ ପ୍ରସଙ୍ଗ ଓ ରାଜ୍ୟ ସ୍ୱାର୍ଥ ସମ୍ବଳିତ ପ୍ରସଙ୍ଗ ଉପରେ ଆଲୋଚନା କରାଯାଇଛି। ବିରୋଧୀ ଦଳ ସରକାରଙ୍କୁ ଘେରିବା ପାଇଁ ଅନେକ ପ୍ରସଙ୍ଗ ଉଠାଇବାକୁ ଥିବାବେଳେ ଏହାର ଜବାବ ତଥ୍ୟ ଓ ପ୍ରମାଣ ସହ ରଖିବାକୁ ଶାସକ ଦଳ ପ୍ରସ୍ତୁତ ରହିଛି। ବିରୋଧୀ ଦଳ ଭ୍ରମାତ୍ମକ କିମ୍ବା ଅସତ୍ୟ ତଥ୍ୟ ଆଧାରରେ ଯଦି କୌଣସି ପ୍ରସଙ୍ଗ ଉଠାନ୍ତି ତେବେ ସରକାରଙ୍କ ପକ୍ଷରୁ ଏହାର ସତ୍ୟାସତ୍ୟ ଗୃହରେ ରଖାଯିବ। ପ୍ରତ୍ୟେକ ପ୍ରଶ୍ନ ଓ ଅଭିଯୋଗର ତଥ୍ୟ ଭିତ୍ତିକ ଉତ୍ତର (୯ ପୃଷ୍ଠାରେ)

କୋଟିଆ ପ୍ରସଙ୍ଗ ଉଠାଇବ କଂଗ୍ରେସ



ଭୁବନେଶ୍ୱର, ୧୭ ।୧୧ (ସବୁ୍ୟ) : ବିଧାନସଭା ଅଧିବେଶନ ପୂର୍ବରୁ ରଣନୀତି ପ୍ରସ୍ତୁତ ଲାଗି କଂଗ୍ରେସ ବିଧାୟକ ଦଳର ବୈଠକ ଆଜି ଅନୁଷ୍ଠିତ ହୋଇଛି। ବିଧାୟକ ଦଳର ନେତା ରାମଚନ୍ଦ୍ର କାଡାମଙ୍କ ଅଧ୍ୟକ୍ଷତାରେ ଏହି ବୈଠକ ଅନୁଷ୍ଠିତ ହୋଇଛି। ନିଷ୍ପତ୍ତି ସମ୍ପର୍କରେ ଶ୍ରୀ କାଡାମ କହିଛନ୍ତି ଯେ କୋଟିଆ ସମସ୍ୟା, ଆନ୍ଧ୍ରର ଅନୁପ୍ରବେଶ, ଦରଦାମ ବୃଦ୍ଧି, ଆଇନ୍‌ଶୃଙ୍ଖଳା ଓ ଆଦିବାସୀଙ୍କ ଜଙ୍ଗଲ,



ଅଅଁଳା ନବମୀ

କାର୍ତ୍ତିକ ମାସର ଶୁକ୍ଳପକ୍ଷ ନବମୀ ଦିନଟିକୁ ଅଅଁଳା ନବମୀ ଭାବେ ପାଳନ କରାଯାଏ । ଏହି ଦିନ ଅଅଁଳା ଗଛକୁ ପୂଜା କରାଯାଏ । ଓଡ଼ିଶାର ଧର୍ମ ସଂସ୍କୃତିରେ ଅଅଁଳା ଗଛକୁ ଦେବୀ ରୂପେ ଗ୍ରହଣ କରାଯାଇଛି । ବିଶ୍ୱାସ କରାଯାଏ ଯେ ସରସ୍ୱତୀଙ୍କର ରଜୋଗୁଣରୁ ଅଅଁଳାର ସୃଷ୍ଟି । ଏହି ଦିନଠାରୁ ସତ୍ୟ ଯୁଗ ଆରମ୍ଭ ହୋଇଥିବା ବିଶ୍ୱାସ କରାଯାଏ । ଏହି ଦିନଟିକୁ ପୁରୀ ଜିଲ୍ଲା ସାକ୍ଷୀଗୋପାଳରେ ଖୁବ ଧୁମଧାମରେ ପାଳନ କରାଯାଇଥାଏ । ଏହି ଦିନ ସାକ୍ଷୀଗୋପାଳ ମନ୍ଦିରରେ ଶ୍ରୀରାଧା ପାଦଦର୍ଶନର ଆୟୋଜନ କରାଯାଇଥାଏ । ଏହି ଦିନ ମା ରାଧାରାଣୀ ଓଡିଆଣୀ ବେଶରେ ଶ୍ରଦ୍ଧାଳୁଙ୍କୁ ଦର୍ଶନ ଦିଅନ୍ତି । ଅନ୍ୟଦିନ ମାନଙ୍କରେ ମାଆଙ୍କର ପାଦ ଦେଖାଯାଉନଥିବା ବେଳେ ବର୍ଷକୁ ଥରେ ଏହି ଅଅଁଳା ନବମୀରେ ମାଆଙ୍କର ପାଦ ଦର୍ଶନ ମିଳିଥାଏ । ତେଣୁ ଏହି ଦିନ ଏଠାରେ ଅନେକ ଶ୍ରଦ୍ଧାଳୁଙ୍କର ଭିଡ ଦେଖିବାକୁ ମିଳିଥାଏ ।

୫ ଫୁଟର ବାଲାଟ ପେପର

ରାଜସ୍ଥାନର ସୱାଇ ମାଧୋପୁର ଜିଲ୍ଲା ଅନ୍ତର୍ଗତ ସୁରୱାଲ ଗ୍ରାମ ପଞ୍ଚାୟତର ସରପଞ୍ଚ ପଦବୀ ପାଇଁ ୪୩ ଜଣ ପ୍ରାର୍ଥୀ ନିର୍ବାଚନ ମଇଦାନକୁ ଓହ୍ଲାଇଛନ୍ତି । ଯେଉଁଥିପାଇଁ ସେଠାରେ ୫ ଫୁଟ ଲମ୍ବର ଏକ ବାଲାଟ ପେପର ପ୍ରସ୍ତୁତ କରାଯାଇଥିବା ଘଟଣା ଏବେ ଚର୍ଚ୍ଚାର ବିଷୟ ପାଲଟିଛି । ଏହି ପଞ୍ଚାୟତର ସରପଞ୍ଚ ପଦ ପାଇଁ ପ୍ରାରମ୍ଭରେ ମୋଟ ୫୫ ଜଣ ନାମାଙ୍କନ ପତ୍ର ଦାଖଲ କରିଥିଲେ । ଯେଉଁଥିରୁ ଯାଞ୍ଚ ଓ ପ୍ରାର୍ଥିପତ୍ର ପ୍ରତ୍ୟାହାର ପରେ ଶେଷରେ ୪୩ ଜଣ ପ୍ରାର୍ଥୀ ପ୍ରତିଦ୍ୱନ୍ଦ୍ୱିତାରେ ରହିଛନ୍ତି । ଏତେ ସଂଖ୍ୟକ ପ୍ରାର୍ଥୀଙ୍କ ପାଇଁ ଉପଲବ୍ଧ ନିର୍ବାଚନୀ ଚିହ୍ନ କମ୍ ପଡ଼ିବାରୁ ରାଜ୍ୟ ନିର୍ବାଚନ କମିଶନଙ୍କ ଅନୁମତି କ୍ରମେ ବେଞ୍ଚ, ଚକିଆ ଏବଂ ଡଙ୍ଗା ଭଳି ନୂତନ ଚିହ୍ନ ଆବଣ୍ଟନ କରାଯାଇଛି । ପ୍ରାୟ ୬,୫୬୬ ଜଣ ପଞ୍ଜୀକୃତ ଭୋଟର ଥିବା ଏହି ଗ୍ରାମ ପଞ୍ଚାୟତର ବାଲାଟ ପେପରରେ ସମସ୍ତ ୪୩ ଜଣ ପ୍ରାର୍ଥୀଙ୍କ ନାମ ସହିତ ଶେଷରେ 'ନୋଟା' ବିକଳ୍ପ ରହିଥିବାରୁ ମୋଟ ବିକଳ୍ପ ସଂଖ୍ୟା ୪୪ରେ ପହଞ୍ଚିଛି । ଯାହା ଫଳରେ ବାଲାଟ ପେପରଟି ସ୍ୱାଭାବିକଠାରୁ ବହୁତ ଲମ୍ବା ହୋଇଯାଇଛି ।



ଏକାକୀ ବିମାନଟାଣି ରେକର୍ଡ

ବ୍ରୁଲଗେରିଆର ଆଥଲେଟ୍ କ୍ରିଷ୍ଟୋ ମୋସ୍କୋଭ୍ ଏକ ଏୟାରବସ୍ ଏ୩୨୦ ବିମାନକୁ ୨୦ ମିଟର ଦୂରତା ପର୍ଯ୍ୟନ୍ତ ଟାଣି ଏକ ବିଶ୍ୱ ରେକର୍ଡ ସୃଷ୍ଟି କରିଛନ୍ତି । ପ୍ରାୟ ୪୫ ଟନ୍ (୪୪,୪୬୦ କିଗ୍ରା) ଓଜନ ବିଶିଷ୍ଟ ଏହି ବିମାନଟିକୁ ସେ ମାତ୍ର ୨୩.୨୫ ସେକେଣ୍ଡରେ ଟାଣି ଏହି ସଫଳତା ହାସଲ କରିଛନ୍ତି । ଯାହା ସମାନ ମଡେଲର ବିମାନ ଟାଣିବାର ପୂର୍ବ ରେକର୍ଡଠାରୁ ଅଧିକ ଦ୍ରୁତ ଥିଲା । ଏହି ରେକର୍ଡ ସ୍ଥାପନ କରିବା ପାଇଁ ମୋସ୍କୋଭ୍ଙ୍କୁ ୩୦ ସେକେଣ୍ଡରୁ କମ୍ ସମୟ ମଧ୍ୟରେ ୨୦ ମିଟର ବିମାନ ଟାଣିବାକୁ ପଡ଼ିଥିଲା । ଏହାପୂର୍ବରୁ ଏହି ରେକର୍ଡ ବ୍ରିଟିଶ ଆଥଲେଟ୍ ମାର୍କ ଜିନ୍ସ୍ଙ୍କ ନାମରେ ଥିଲା । ଯିଏ ଫେବୃଆରୀ ୨୮, ୨୦୨୧ରେ ସମାନ ମଡେଲର ବିମାନକୁ ୩୧.୩ ସେକେଣ୍ଡରେ ଟାଣିଥିଲେ । ଜଣେ ଆଥଲେଟ୍ ଭାବରେ ୨୦ ବର୍ଷର ଅଭିଜ୍ଞତା ରଖିଥିବା ମୋସ୍କୋଭ୍ ଷ୍ଟ୍ରଙ୍ଗମ୍ୟାନ୍ ପ୍ରତିଯୋଗିତାରେ ଅନେକ ବିଶ୍ୱ ଏବଂ ୟୁରୋପୀୟ ଚାମ୍ପିୟନଶିପ୍ ଜିତିସାରିଛନ୍ତି । ତାଙ୍କୁ ବ୍ରୁଲଗେରିଆର ସବୁଠାରୁ ଶକ୍ତିଶାଳୀ ବ୍ୟକ୍ତିମାନଙ୍କ ମଧ୍ୟରୁ ଜଣେ ବୋଲି ବିବେଚନା କରାଯାଏ । ଏହା ପୂର୍ବରୁ ୨୦୨୫ ମସିହା ନଭେମ୍ବର ୪ ତାରିଖରେ ସେ ପ୍ରାୟ ୪୦ ଟନ୍ ଓଜନର ଏକ ବ୍ରୁଲଗେରିଆ ଏୟାରବସ୍ ଏ୨୨୦ ବିମାନକୁ ୨୫ ମିଟର ଦୂରତା ପର୍ଯ୍ୟନ୍ତ ଟାଣିଥିଲେ ।



ଘୋଡ଼ାର ଅଛନ୍ତି ଏକଗହ ବଡ଼ିଗାର୍ଡ଼

ରାଜସ୍ଥାନର ଆଜମେରଠାରେ ଆୟୋଜିତ ବିଶ୍ୱପ୍ରସିଦ୍ଧ ପୁଷ୍କର ପଶୁ ମେଳା ଆରମ୍ଭ ହୋଇଛି । ଏଠାରେ ସବୁ ବର୍ଷ ପରି ଚଳିତଥର ମଧ୍ୟ ବିଭିନ୍ନ ପ୍ରକାରର ପଶୁ ସାମିଲ ହୋଇଛନ୍ତି । ଚଳିତ ମେଳାରେ 'ବାଦଲ' ନାମକ ଏକ ଘୋଡ଼ା ୧୦୦ ଜଣ ବଡିଗାର୍ଡଙ୍କ ସୁରକ୍ଷା ବଳୟ ମଧ୍ୟରେ ପହଞ୍ଚି ଚର୍ଚ୍ଚାର କେନ୍ଦ୍ରବିନ୍ଦୁ ପାଲଟିଛି । ସେହିଭଳି ତା'ର ସ୍ୱାଗତରେ ନୋଟ୍ ବର୍ଷା ମଧ୍ୟ କରାଯାଇଥିବା ଦେଖିବାକୁ ମିଳିଛି । ଏହି ଘୋଡାର ମୂଲ୍ୟ ୫ କୋଟି ବୋଲି ଜଣାପଡିଛି । ନଭେମ୍ବର ୧୭ରୁ ଆରମ୍ଭ ହେଉଥିବା ଏହି ମେଳାରେ ଗୁଜରାଟରୁ ଆସିଥିବା ୨୧ କୋଟି ଟଙ୍କା ମୂଲ୍ୟର 'ଗୋଲ୍ଡେନ୍ କିଙ୍ଗ୍' ନାମକ ଏକ ମାରୱାଡ଼ି ଘୋଡ଼ା ମଧ୍ୟ ପହଞ୍ଚିଛି । ଯାହା ଦେଶରେ ଏହି ରଙ୍ଗର ଏକମାତ୍ର ଘୋଡ଼ା ବୋଲି ଏହାର ମାଲିକ ଦାବି କରିଛନ୍ତି । ତେବେ ଏହାକୁ କେବଳ ପ୍ରଦର୍ଶନ ପାଇଁ ଅଣାଯାଇଛି ଏବଂ ବିକ୍ରି ପାଇଁ ନୁହେଁ ବୋଲି ସ୍ପଷ୍ଟ କରିଛନ୍ତି । ଏହା ସହିତ ଗ୍ୱାଲିୟରରୁ ଆସିଥିବା ୮୦୦ କିଲୋଗ୍ରାମ ଓଜନର 'ଛୋଟା ସୁଲତାନ' ନାମକ ଏକ ମୁରା ମଇଁଷି ମଧ୍ୟ ମେଳାରେ ଆକର୍ଷଣ ସାଜିଛି । ଯାହାର ଲମ୍ବ ୯ ଫୁଟ ଓ ଉଚ୍ଚତା ୫ ଫୁଟ ୭ ଇଞ୍ଚ ହୋଇଥିବା ବେଳେ ଏହାର ମୂଲ୍ୟ ପ୍ରାୟ ୨୫ ଲକ୍ଷ ଟଙ୍କା ଆକଳନ କରାଯାଇଛି । ସେହିପରି ମାତ୍ର ୧୪ ଇଞ୍ଚ ଉଚ୍ଚତା ବିଶିଷ୍ଟ ଏକ 'ଗୁନୁର' ପ୍ରଜାତିର ଗାଈ ମଧ୍ୟ ମେଳାକୁ ଆସିଛି, ଯିଏ ଦୈନିକ ପ୍ରାୟ ତିନି ଲିଟର କ୍ଷୀର ଦେଇଥାଏ । ପଶୁପାଳନ ବିଭାଗର ସୂଚନା ଅନୁଯାୟୀ, ନଭେମ୍ବର ୧୫ ସୁଦ୍ଧା ମେଳାରେ ୪,୧୫୦ଟି ଘୋଡ଼ା ଏବଂ ୩,୪୧୧ଟି ଓଟଙ୍କ ସମେତ ମୋଟ ୭,୫୯୬ଟି ପଶୁ ପହଞ୍ଚି ସାରିଥିବା ବେଳେ ଅଧିକ ସଂଖ୍ୟକ ପଶୁଙ୍କ ଆଗମନ ହେବାର ଆଶା ରହିଛି ।



ସୋସିଆଲ କୋର୍ଟ୍ଟ

ଜୟ ହୋ ଗୀତଟି ସୁବାସ ଘାଇଙ୍କର ଅନ୍ୟ ଏକ ଫିଲ୍ମ ପାଇଁ ଥିଲା । ଏହି ଗୀତଟିର ସଫଳତା ମୋ ପାଇଁ ଏକ ଖୁବ ସୁନ୍ଦର ଉପହାର ଥିଲା । ଏହା ମୋ ପାଇଁ ଗର୍ବ ।

ସୁଖବିନ୍ଦର ସିଂ, ସିଙ୍ଗର





ରଣବୀରଙ୍କର କାନ୍ତରା ଫିଲ୍ମକୁ ନେଇ ଦେଇଥିବା ଉକ୍ତ ମନ୍ତବ୍ୟ ପଛରେ କଣ ଇଚ୍ଛା ଥିଲା ମୁଁ ଜାଣିନି । ହେଲେ ସେ ଏଥିପାଇଁ କ୍ଷମା ମାଗିଥିଲେ । ଆମେ ସମସ୍ତେ ଭୁଲ କରୁ ସେହିଭଳି ସେ କରିଥିଲେ ।

ଗୁଲସନ ଦେବିହା, ଅଭିନେତା



ବ୍ୟକ୍ତିଗତ ଓ ବୃତ୍ତିଗତ ଜୀବନକୁ ବାଲାନ୍ସ କରିବା ଖୁବ କଷ୍ଟ କାମ । ମାଆ ହେବା ପରେ ଏହା ଜାଣିଲି, ସ୍କ୍ରିପ୍ଟ ଶୁଣିବା ସହିତ ଛୁଆର କେୟାର ନେବା ଖୁବ କଷ୍ଟ ।

କିଆରା ଆଡଭାନୀ, ଅଭିନେତ୍ରୀ

ଇତିହାସ

୧୭୨୭- ମହାରାଜା ଜୟ ସିଂ ଦ୍ୱିତୀୟ ଜୟପୁର ସହରର ସ୍ଥାପନା କରିଥିଲେ ।
୧୭୩୮- ଫ୍ରାନ୍ସ ଓ ଅଷ୍ଟ୍ରିଆ ମଧ୍ୟରେ ଶାନ୍ତି ଚୁକ୍ତି ସ୍ୱାକ୍ଷରିତ ହେଲା ।
୧୭୭୨- ପେଶୱା ମାଧବ ରାଓ ପ୍ରଥମଙ୍କ ଛୋଟଭାଇ ନାରାୟଣ ରାଓ ସିଂହାସନରେ ବିରାଜମାନ କଲେ ।
୧୯୨୮- ପ୍ରଥମକରି ୱାର୍ଲ୍ଡ ଡିଜନୀ କମ୍ପାନୀର ମାସ୍କଟ ଷ୍ଟିମବୋଟ ବିଲେଇକୁ ସର୍ବସମ୍ମୁଖରେ ଉପସ୍ଥାପନା କରାଗଲା ।
୧୯୭୨- ଜାତୀୟ ପଶୁ ରୂପେ ବାଘକୁ ଚୟନ କରାଗଲା ।
୧୯୭୮- ଦକ୍ଷିଣ ଆମେରିକାର ଗୟାନା ସହରରେ ୨୭୬ଜଣ ପିଲାଙ୍କ ସହିତ ମୋଟ୍ ୯୧୪ ଜଣ ଲୋକଙ୍କ ସାମୂହିକ ଆତ୍ମହତ୍ୟା ।
୨୦୧୭- ଭାରତକୁ ପ୍ରତିନିଧି ତ୍ୱ କୁଆ୍ଚ୍ଚି ବା ମୁକ୍ତା ଛିଲ୍ଲର ମିସ୍ ୱାର୍ଲ୍ଡ ଟାଇଟଲ ଜିତିଲେ ।

ପସନ୍ଦ ଆସୁଛି କୀର୍ତ୍ତିଙ୍କ ଅଭିନୟ

କୀର୍ତ୍ତି ସୁରେଶ ଏବଂ ମିସ୍କିନ୍ଙ୍କ ମୁଖ୍ୟ ଭୂମିକାରେ ଅଭିନୀତ ସସ୍ପେନ୍ସ ଥ୍ରିଲର ଚଳଚ୍ଚିତ୍ର 'ସତ୍ୟବାନ ସାବିତ୍ରୀ' ଆସନ୍ତା ନଭେମ୍ବର ୨୦, ୨୦୨୬ରେ ରିଲିଜ ହେବ । ନିକଟରେ ଏହାର ଟ୍ରେଲର ରିଲିଜ ହୋଇଥିଲା, ଯାହା ଖୁବ ଦମଦାର ହୋଇଥିବା ନେଇ ମତ ପ୍ରକାଶ ପାଇଥିଲା । ଏହି ଟ୍ରେଲରରେ କୀର୍ତ୍ତି ସୁରେଶଙ୍କୁ 'ସାବିତ୍ରୀ' ଭୂମିକାରେ ଦେଖିବାକୁ ମିଳିଛି, ଯିଏ ପ୍ରଥମେ ବିବାହ କରିବାକୁ ଅନିଚ୍ଛୁକ ଥିଲେ ମଧ୍ୟ ପିତାମାତାଙ୍କ ଚାପରେ ବିବାହ କରୁଛନ୍ତି । ଏହାପରେ ଏକ ସୁନ୍ଦର ପାରିବାରିକ ଓ ପ୍ରେମ କାହାଣୀ ଦେଖିବାକୁ ମିଳୁଛି । କିଭଳି ସାବିତ୍ରୀ ସ୍ୱାମୀଙ୍କୁ ସାହାଯ୍ୟ କରୁଛନ୍ତି, ତାହା ଏହି ଫିଲ୍ମର ମୂଳ କାହାଣୀ । ଫିଲ୍ମରେ କୀର୍ତ୍ତିଙ୍କର ଜୀବନ୍ତ ଅଭିନୟ ସମସ୍ତଙ୍କୁ ଖୁବ ପସନ୍ଦ ଆସୁଥିବା ଦେଖିବାକୁ ମିଳୁଛି । ଟ୍ରେଲରର କ୍ରେଜ ଦେଖି ଫିଲ୍ମ ହିଟ ହେବାନେଇ ମେକର୍ସ ଆଶା ରଖିଛନ୍ତି । ଏହି ଫିଲ୍ମରେ କୀର୍ତ୍ତି ଓ ମିସ୍କିନ୍ଙ୍କ ବ୍ୟତୀତ ଚାରୁକେଶ, ବାଲା ସରବନନ୍, ଶିଳ୍ପା ମଞ୍ଜୁନାଥ, ଦୀପା ଶଙ୍କର, ମଧୁସୂଦନନ୍, ଆର୍. ସୁନ୍ଦରରାଜନ୍ ଏବଂ ମାଳା ପାର୍ବତୀ ପ୍ରମୁଖ ଗୁରୁତ୍ୱପୂର୍ଣ୍ଣ ଭୂମିକାରେ ଅଭିନୟ କରିଛନ୍ତି । ଅନ୍ୟପକ୍ଷରେ କୀର୍ତ୍ତି ସୁରେଶଙ୍କ କ୍ୟାରିୟର ବିଷୟରେ ଦେଖିଲେ, ତାଙ୍କୁ ଶେଷଥର ପାଇଁ କାର୍ତ୍ତିକ ସୁବ୍ବାରାଜଙ୍କ ନିର୍ଦ୍ଦେଶିତ ୧୯୮୦ ଦଶକର ପୃଷ୍ଠଭୂମି ଉପରେ ଆଧାରିତ 'ଡୋରୋଥି' ଫିଲ୍ମରେ ରଷିକାନ୍ତ ଏବଂ ସନନ୍ଦଙ୍କ ସହ ଦେଖିବାକୁ ମିଳିଥିଲା । ଆଗକୁ ମଧ୍ୟ ତାଙ୍କୁ ଅନ୍ୟକିଛି ପ୍ରୋଜେକ୍ଟରେ ଦେଖିବାକୁ ମିଳିବ ।



ବରଫରେ ଦୌଡିଲା ରୋବଟ



ଆଣ୍ଟାର୍କଟିକାରେ ୨୪ ଜଣ ମଣିଷଙ୍କ ସାଙ୍ଗରେ ଏକ ରୋବଟ ଦୌଡୁଥିବାର ଦେଖିବାକୁ ମିଳିଥିଲା । ଏହି ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିବା ହ୍ୟୁମାନଏଡ୍ ରୋବଟ୍ 'କେଷ୍ଟ୍ରେଲ୍' ମାଇନସ୍ ୨୪ ଡିଗ୍ରୀ ସେଲ୍ସିୟସ୍ ତାପମାତ୍ରାରେ ମାତ୍ର ୩ କିଲୋମିଟର ଅତିକ୍ରମ କରିବା ପରେ ପ୍ରତିଯୋଗିତାରୁ ଓହରିଯାଇଥିଲା । ଅତ୍ୟଧିକ ଥଣ୍ଡା କାରଣରୁ ରୋବଟ୍ର ବ୍ୟାଟେରୀ କାମ କରିବା ବନ୍ଦ କରିଦେବାର ସମ୍ଭାବନା ରହିଥିଲା । ତେଣୁ 'ଆଣ୍ଟାର୍କଟିକ୍ ଆଇସ୍ ଅଲ୍ଟ୍ରା' ଅଧୀନରେ ଉଲ୍ଲିମା କ୍ୟାମ୍ପ ନିକଟରେ ଆୟୋଜିତ ଏହି ପ୍ରତିଯୋଗିତାରେ ଏହାକୁ ଜମାଟ ବାନ୍ଧୁଥିବା ପରିସ୍ଥିତିରୁ ରକ୍ଷା କରିବା ପାଇଁ ଏକ ସ୍ୱତନ୍ତ୍ର ଥର୍ମାଲ୍ ଜ୍ୟାକେଟ୍ ତିଆରି କରାଯାଇଥିଲା । ଅତ୍ୟଧିକ ଥଣ୍ଡା ପରିବେଶରେ ରୋବଟର କାର୍ଯ୍ୟଦକ୍ଷତା, ସହନଶୀଳତା ଏବଂ ବରଫପୂର୍ଣ୍ଣ ଭୂମିରେ ଚଳପ୍ରଚଳ କରିବାର କ୍ଷମତା ପରୀକ୍ଷା କରିବା ଏହି ରୋବଟ୍ର ଅଂଶଗ୍ରହଣର ମୁଖ୍ୟ ଉଦ୍ଦେଶ୍ୟ ଥିଲା । ଅନ୍ୟପଟେ, ବାକି ପ୍ରତିଯୋଗୀମାନେ ପ୍ରତିଯୋଗିତା ଜାରି ରଖିଥିବାବେଳେ ଚୀନ୍ର ୟୁଶେଙ୍ଗ୍ ନି ମାତ୍ର ୧୭ ଘଣ୍ଟାରୁ ଅଧିକ ସମୟ ମଧ୍ୟରେ ୧୦୦ ମାଇଲ୍ ଦୂରତା ଅତିକ୍ରମ କରି ନିଜର ପୂର୍ବର ରେକର୍ଡ ଭାଙ୍ଗିଥିଲେ । ଏହାସହ କାନାଡ଼ାର ଷ୍ଟେଫାନି କେସ୍ ଏହି ଦୌଡ଼ ଶେଷ କରିବାରେ ପ୍ରଥମ ମହିଳା ପାଲଟିଛନ୍ତି ।

କଳିଙ୍ଗ ଷ୍ଟାଡିୟମରେ ଯୁବ ମହୋତ୍ସବ- ଉମଙ୍ଗ

ଯୁବ ଶକ୍ତିର ପ୍ରକୃତ ସାମର୍ଥ୍ୟ ହିଁ ଗଠନ କରିବ ସମୃଦ୍ଧ ଓଡ଼ିଶା : ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର, (ସବୁ୍ୟ): ସ୍ଥାନୀୟ କଳିଙ୍ଗ ଷ୍ଟାଡିଅମ ଠାରେ ଆଜି ଆୟୋଜିତ ଯୁବ ମହୋତ୍ସବ 'ଉମଙ୍ଗ' କାର୍ଯ୍ୟକ୍ରମରେ ଯୋଗଦେଇ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ରାଜ୍ୟର ଯୁବପିଢ଼ିଙ୍କୁ ନୂଆ ଭାରତ ଓ ସମୃଦ୍ଧ ଓଡ଼ିଶା ନିର୍ମାଣର ପ୍ରକୃତ ସାରଥି ଭାବେ ଅଭିହିତ କରିଛନ୍ତି। ଆଧ୍ୟାତ୍ମିକ ଗୁରୁ ପୂଜ୍ୟ ଶ୍ରୀ ଶ୍ରୀ ରବିଶଙ୍କରଙ୍କ ଆର୍ଟ ଅଫ୍ ଲିଭିଙ୍ଗ୍ ପକ୍ଷରୁ ଅନୁଷ୍ଠିତ ଏହି ଭବ୍ୟ ସମାରୋହରେ ଯୁବସମାଜର ସାମଗ୍ରିକ ବିକାଶ, ଗୁଣାତ୍ମକ ଶିକ୍ଷା, ନାରୀ ସଶକ୍ତିକରଣ ଏବଂ ରାଜ୍ୟକୁ ସମ୍ପୂର୍ଣ୍ଣ ନିଶାମୁକ୍ତ କରିବା ଲକ୍ଷ୍ୟରେ ରାଜ୍ୟ ସରକାରଙ୍କ ଦୃଢ଼ ପ୍ରତିବଦ୍ଧତା ଓ ଭବିଷ୍ୟତ କାର୍ଯ୍ୟପନ୍ଥା ସମ୍ପର୍କରେ ଏହି ମଞ୍ଚରୁ ବିସ୍ତୃତ ବାର୍ତ୍ତା ପ୍ରଦାନ କରାଯାଇଛି। ଏହି ଅବସରରେ ମୁଖ୍ୟମନ୍ତ୍ରୀ ନିଜ ଅଭିଭାଷଣରେ ଯୁବପିଢ଼ିଙ୍କ ଉତ୍ସାହ ଓ ଅନୁଶାସନକୁ ଭୂୟସୀ ପ୍ରଶଂସା କରି କହିଛନ୍ତି ଯେ, ଆଜିର ଯୁବସମାଜ ଅସମ୍ଭବକୁ ସମ୍ଭବ କରି ଦେଖାଇବାର ସାମର୍ଥ୍ୟ ରଖନ୍ତି ଏବଂ ସେମାନେ ହିଁ ହେଉଛନ୍ତି ଦେଶର 'ରିଅଲ ଯୁଥ୍'। ସେମାନେ ଅରାଜକତା ନୁହେଁ, ବରଂ ବିଚାରବିମର୍ଷ ଓ ଲୋକତନ୍ତ୍ରରେ ବିଶ୍ୱାସ ରଖନ୍ତି ଏବଂ ସେମାନଙ୍କ ମନରେ ସାଂସ୍କୃତିକ ରାଷ୍ଟ୍ରବାଦ ଭରି ରହିଛି ବୋଲି ମୁଖ୍ୟମନ୍ତ୍ରୀ ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି।

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ 'ବିକଶିତ ଭାରତ' ସଂକଳ୍ପକୁ ସାକାର



କରିବାରେ ଓଡ଼ିଶାର ଯୁବଶକ୍ତି ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ ବୋଲି ସେ ଆଶାବ୍ୟକ୍ତ କରିଛନ୍ତି। ଏହା ସହିତ ଗୁରୁଦେବ ଶ୍ରୀ ଶ୍ରୀ ରବିଶଙ୍କରଙ୍କ ଅବଦାନକୁ ପ୍ରଶଂସା କରି ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟ କେବଳ ପାଠପଢ଼ାରେ ସୀମିତ ନରହି 'ଏଜୁକେସନ୍ ଫ଼ଅର୍ ଭାଲ୍ୟୁଜ୍' ବା ମୂଲ୍ୟବୋଧଭିତ୍ତିକ ଶିକ୍ଷା ମାଧ୍ୟମରେ ଭବିଷ୍ୟତର ରାଷ୍ଟ୍ରନିର୍ମାତା ପ୍ରସ୍ତୁତ କରୁଛି ଏବଂ ଏହା ଏକ ମାନବ ନିର୍ମାଣର କାରଖାନା ପାଲଟିଛି। ଶିକ୍ଷା ହିଁ ଅଜ୍ଞାନର ଅନ୍ଧକାରକୁ ଦୂର କରେ ଏବଂ ଆର୍ଥିକ ଅନାଟନ ଯୋଗୁଁ ଯେପରି କୌଣସି ମେଧାବୀ ବିଦ୍ୟାର୍ଥୀଙ୍କ ପାଠପଢ଼ାରେ ଡୋରି ନବନ୍ଧାଯାଏ, ସେଥିପାଇଁ ସରକାର ରାଜ୍ୟରେ 'କେଜି ରୁ ପିଜି ଶିକ୍ଷା' ବା ୟୁନିଭର୍ସାଲ୍ ଫ୍ରି ଏଜୁକେସନ୍ ବ୍ୟବସ୍ଥା ଲାଗୁ କରିଛନ୍ତି। ଏହାଦ୍ୱାରା ଲକ୍ଷ ଲକ୍ଷ ଗରିବ ଓ ଆର୍ଥିକ ଅନଗ୍ରସର ଛାତ୍ରଛାତ୍ରୀ ସିଧାସଳଖ ଉପକୃତ ହେଉଛନ୍ତି। ସେହିପରି ଗରିବ ପରିବାରର କନ୍ୟାସନ୍ତାନମାନଙ୍କୁ ଉଚ୍ଚଶିକ୍ଷା କ୍ଷେତ୍ରରେ ପ୍ରୋତ୍ସାହିତ କରିବା ପାଇଁ ଚଳିତ ବର୍ଷଠାରୁ 'ମୁଖ୍ୟମନ୍ତ୍ରୀ କନ୍ୟା ସୁମଙ୍ଗଳ ଯୋଜନା' ଆରମ୍ଭ କରାଯାଇଛି, ଯେଉଁଥିରେ ୨୦୨୬ ଏପ୍ରିଲ ପରଠାରୁ ଜନ୍ମିତ ଯୋଗ୍ୟ କନ୍ୟାସନ୍ତାନଙ୍କ ନାମରେ ୨୦ ହଜାର ଟଙ୍କା ଜମା ରଖାଯିବ ଏବଂ ସେ ସ୍ନାତକ ଶିକ୍ଷା ସମାପ୍ତ କରିବା ପରେ ଏକାଥରକେ ୧ ଲକ୍ଷ ୧ ଟଙ୍କା ପାଇପାରିବେ। ଏହା ବ୍ୟତୀତ ଛାତ୍ରସମାଜକୁ ଗଣତାନ୍ତ୍ରିକ ଅଧିକାର ଦେବା ଓ ସେମାନଙ୍କ ଭିତରେ ନେତୃତ୍ୱର ଗୁଣ ବିକଶିତ କରିବା ପାଇଁ ରାଜ୍ୟ ସରକାର କଲେଜ ନିର୍ବାଚନ କରାଇଛନ୍ତି, ଯାହାଫଳରେ ନିର୍ବାଚିତ ଛାତ୍ର ପ୍ରତିନିଧିମାନେ ଆଜି ନିଜ କ୍ୟାମ୍ପସରେ ସକାରାତ୍ମକ ଭୂମିକା ନିର୍ବାହ କରୁଛନ୍ତି। କାର୍ଯ୍ୟକ୍ରମରେ ଉପସ୍ଥିତ ଯୁବପିଢ଼ିଙ୍କୁ ଉଦ୍‌ବୋଧନ ଦେଇ ଶ୍ରୀ ଶ୍ରୀ ରବିଶଙ୍କର କହିଛନ୍ତି ଯେ, ଜୀବନରେ ପ୍ରକୃତ ଆନନ୍ଦ ଓ ଉତ୍ସାହ ବାହ୍ୟ କ୍ଷତିକାରକ ନିଶା ଦ୍ରବ୍ୟରୁ ନୁହେଁ, ବରଂ ନିଜ ଭିତରର ଆତ୍ମଶକ୍ତି, ଆତ୍ମଚିନ୍ତନ, ଧ୍ୟାନ ଏବଂ ଯୋଗରୁ ମିଳିଥାଏ। ଯୁବସମାଜ ନିଜର ଅସୀମ ଶକ୍ତିକୁ ରାଷ୍ଟ୍ର ନିର୍ମାଣ ଓ ସମାଜ ସେବାରେ ବିନିଯୋଗ କରିବା ଉଚିତ ବୋଲି ସେ ପରାମର୍ଶ ଦେଇଛନ୍ତି।

ସେ ଆହୁରି କହିଛନ୍ତି ଯେ, କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ମିଳିତ ଉଦ୍ୟମରେ 'ନିଶାମୁକ୍ତ ଭାରତ ଅଭିଯାନ' ଓଡ଼ିଶାର ସମସ୍ତ ୩୦ଟି ଜିଲ୍ଲାରେ ପହଞ୍ଚି ସାରିଛି ଏବଂ ଏଯାବତ୍ ୧୬ ଲକ୍ଷ ଯୁବକଯୁବତୀଙ୍କ ସମେତ ପ୍ରାୟ ୩୮ ଲକ୍ଷ ଲୋକଙ୍କୁ ଏହି ସଚେତନତା ଅଭିଯାନରେ ସାମିଲ କରାଯାଇଛି। ଶିକ୍ଷାନୁଷ୍ଠାନଗୁଡ଼ିକୁ ସମ୍ପୂର୍ଣ୍ଣ ନିଶାମୁକ୍ତ ରଖିବା ପାଇଁ ସରକାର 'ଡ୍ରଗ୍ସ ଫ୍ରି କ୍ୟାମ୍ପସ୍' ଘୋଷଣା କରିଥିବା ବେଳେ କ୍ୟାମ୍ପସ ପରିସରରେ ଯେକୌଣସି ପ୍ରକାର ନିଶା ସେବନ ଓ ବିକ୍ରୟକୁ ବେନିୟମ ଘୋଷଣା କରାଯାଇଛି। ଆଗାମୀ ଦିନରେ ସ୍କୁଲ ଓ କଲେଜ ସ୍ତରରେ ସ୍ୱତନ୍ତ୍ର ନିଶା ବିରୋଧୀ ପାଠ୍ୟକ୍ରମ ବା ମଡ୍ୟୁଲ୍ ପ୍ରସ୍ତୁତ କରାଯିବ ଏବଂ ନିଶାର ପ୍ରାରମ୍ଭିକ ଲକ୍ଷଣ ଚିହ୍ନଟ କରିବା ପାଇଁ ଶିକ୍ଷକମାନଙ୍କୁ ସ୍ୱତନ୍ତ୍ର ପ୍ରଶିକ୍ଷଣ ଦିଆଯିବ ବୋଲି ମୁଖ୍ୟମନ୍ତ୍ରୀ ପ୍ରକାଶ କରିଛନ୍ତି। କାର୍ଯ୍ୟକ୍ରମରେ ଯୋଗଦେଇ ଶିଳ୍ପ, ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ ଯୁବସମାଜର ସାମାଜିକ ଦାୟିତ୍ୱବୋଧ ଉପରେ ଗୁରୁତ୍ୱାରୋପ କରି କହିଛନ୍ତି ଯେ, ଏକ ସୁସ୍ଥ ସମାଜ ଗଠନ କରିବା ନିମନ୍ତେ ଦୃଢ଼ ସଂକଳ୍ପ ନେବା ପାଇଁ ଆଜି ସମସ୍ତେ ଏଠାରେ ଏକତ୍ରିତ ହୋଇଛନ୍ତି। ଏହି କାର୍ଯ୍ୟକ୍ରମରେ ପୂଜ୍ୟ ଗୁରୁଦେବ ଶ୍ରୀ ଶ୍ରୀ ରବିଶଙ୍କରଙ୍କ ସମେତ ରାଜ୍ୟର ପଞ୍ଚାୟତିରାଜ ଓ ପାନୀୟ ଜଳ ମନ୍ତ୍ରୀ ଶ୍ରୀ ରବି ନାରାୟଣ ନାଏକ ଏବଂ ଉଚ୍ଚଶିକ୍ଷା, କ୍ରୀଡ଼ା ଓ ଯୁବସେବା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ପ୍ରମୁଖ ମଞ୍ଚାସୀନ ଥିଲେ। କାର୍ଯ୍ୟକ୍ରମର ଏକ ବିଶେଷ ପର୍ଯ୍ୟାୟରେ ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଉପସ୍ଥିତ ସମସ୍ତ ଛାତ୍ରଛାତ୍ରୀ, ଯୁବକଯୁବତୀ ଓ ଅତିଥିମାନଙ୍କୁ ନିଶାଠାରୁ ଦୂରେଇ ରହିବା ଏବଂ ଏକ ସୁସ୍ଥ, ନିଶାମୁକ୍ତ ଓ ବିକଶିତ ଓଡ଼ିଶା ଗଠନ କରିବା ପାଇଁ ସାମୂହିକ ଶପଥ ପାଠ କରାଇଥିଲେ।

ପିସ୍ତଲ ଜବତ, ବେପାରୀ ଗିରଫ

ଭୁବନେଶ୍ୱର, (ସବୁ୍ୟ) : ପିସ୍ତଲ ବିକ୍ରି କରିବା ପାଇଁ ଗ୍ରାହକଙ୍କ ସହ ଖଣ୍ଡଗିରି ଥାନା ଅନ୍ତର୍ଗତ ଏମ୍ସ ରାସ୍ତାକଡ କାନ୍ଥ ଜଙ୍ଗଲରେ ମୂଲଚାଲ କରୁଥିବା ବ୍ୟବସାୟୀ ସୁନୀଲ କୁମାର ପ୍ରଧାନ (୩୨)କୁ ପୋଲିସ ଗିରଫ କରିବା ସହ ତା'ନିକଟରୁ ଗୋଟିଏ ଚୋରା ପିସ୍ତଲ ଜବତ କରିଛି। ବନ୍ଧୁକ ଉପରେଥ୍ରୁଏସ୍ଏ ମେଡ୍ ଲେଖାଥିବା ବେଳେ ସେଥିରେ ମାଗାଜିନ ଫିଟ୍ ହୋଇଥିଲା। ମାଗାଜିନ୍‌ରେ ୨ଟି ଗୁଳି ଥିବା ପୋଲିସ କହିଛି।

ଏ ସମ୍ପର୍କରେ ଖବର ପାଇ ଖଣ୍ଡଗିରି ଥାନାର ଏକ ଟିମ୍ ଘଟଣାସ୍ଥଳରେ ପହଞ୍ଚିବା ବେଳକୁ କଳାରଙ୍ଗର ହାଫ୍‌ପ୍ୟାଣ୍ଟ ଓ ନୀଳ ଜିନ୍ସ ପିନ୍ଧି ଜଣେ ସନ୍ଦିଗ୍ଧ ଯୁବକ ଠିଆ ହୋଇଥିଲା। ସେହି ସନ୍ଦିଗ୍ଧ ଯୁବକଙ୍କୁ ପୋଲିସ ଚାରିପଟୁ ଘେରି ଯାଇଥିଲେ। ହେଲେ ସେ ଦୌଡି ପଳାଇବାକୁ ଉଦ୍ୟମ କରିଥିଲେ ମଧ୍ୟ ସଫଳ ହୋଇ ନଥିଲା। ପୋଲିସ ସନ୍ଦିଗ୍ଧ ଯୁବକ ସୁନୀଲକୁ ଧରିବାକୁ ଯିବା ବେଳକୁ ସେ ପୋଲିସକୁ ଜବତ ପିସ୍ତଲକୁ ଦେଖାଇ ଭୟଭୀତ କରାଇଥିଲା। ହେଲେ ପୋଲିସ ତାକୁ ଧରିବା ସହ ତା'ହାତରୁ ପିସ୍ତଲକୁ ଛଡାଇ ଆଣିଥିଲା।



ଥାନାକୁ ଆଣି ପଚରାଉଚରା କରିବା ପରେ ସେ ତାହା ପରିଚୟ ଦେବା ସହ ସେଠାରେ ବନ୍ଧୁକ ବିକିବା ପାଇଁ ଗ୍ରାହକ ସହ ମୂଲଚାଲ କରୁଥିବା କହିଥିଲା। ପୋଲିସ ସେମି ଅଟୋମେଟିକ୍ ପିସ୍ତଲ ଓ ଗୁଳି ସହ ମାଗାଜିନ ଜବତ କରିଛି। ସୁନୀଲ ଘର ଖୋର୍ଦ୍ଧା ସଦର ଥାନା ଦେଉଳଟାଙ୍ଗି ଗ୍ରାମରେ। ସେ ଜଣେ ଅଭ୍ୟାସଗତ ଅପରାଧୀ। ଖୋର୍ଦ୍ଧା ଜିଲ୍ଲାର ବିଭିନ୍ନ ଥାନାରେ ଡକାୟତି, ହତ୍ୟା ଉଦ୍ୟମ, ନିଶା କାରବାର, ବେଆଇନ ଅସ୍ତ୍ରଶସ୍ତ୍ର ଚାଲାଣ ଓ ବିସ୍ଫୋରକ ଆଇନ ଅନ୍ତର୍ଗତ ୯ଟି ସାଂଘାତିକ ମାମଲା ରହିଥିବା ଜଣାପଡ଼ିଛି ବୋଲି ପୋଲିସ କହିଛି। କୋର୍ଟଚାଲାଣ କରାଯିବା ପରେ ଜାମିନ ନାମଞ୍ଜୁର ହୋଇଯିବାରୁ ତାକୁ ଜେଲ୍ ହାଜତ ପଠାଇ ଦିଆଯାଇଛି। ବନ୍ଧୁକ କାରବାର ସମ୍ପର୍କରେ ଅଧିକ ତଥ୍ୟ ଜାଣିବା ପାଇଁ ଅନୁସନ୍ଧାନ ଜାରି ରହିଥିବା ପୋଲିସ କହିଛି।



ଦୀର୍ଘ ଦିନର ଦାବି ପୂରଣ ହୋଇଥିବାରୁ ବିଭିନ୍ନ ଶିକ୍ଷକ ସଂଘ ପ୍ରତିନିଧି ମାନେ ବିଧାନସଭା କକ୍ଷରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ସମ୍ବର୍ଦ୍ଧିତ କରୁଛନ୍ତି।

ବିଧାନସଭା ପାଇଁ ୩୫ ପ୍ଲାଟୁନ ଫୋର୍ସ

ଭୁବନେଶ୍ୱର, (ସବୁ୍ୟ) : ବିଧାନସଭା ଶୀତକାଳୀନ ଅଧିବେଶନ ବୁଧବାର ଠାରୁ ଆରମ୍ଭ ହେଉଥିବା ବେଳେ ସୁରକ୍ଷାରେ ୩୫ ପ୍ଲାଟୁନ ଫୋର୍ସ ନିୟୋଜିତ ହେବେ। ୩୦ ପ୍ଲାଟୁନ ଫୋର୍ସ ମୁତୟନ ହୋଇଥିବା ବେଳେ ୫ ପ୍ଲାଟୁନ ଷ୍ଟାଣ୍ଡବାଏ ଅଛନ୍ତି। ଆବଶ୍ୟକ ଅନୁଯାୟୀ ସେମାନଙ୍କୁ ନିୟୋଜିତ କରାଯିବ ବୋଲି ସୂଚନା ମିଳିଛି। ତ୍ରିସ୍ତରୀୟ ସୁରକ୍ଷା ବ୍ୟବସ୍ଥାରେ ଫୋର୍ସଙ୍କ ସହ ଟ୍ରାକଫିକାଲଯୁନିଟ୍, ବମ୍‌ସ୍କ୍ୱାଡ୍, ଡଗସ୍କ୍ୱାଡ୍, ରୁପଟପ୍ ସିକ୍ୟୁରିଟି ବ୍ୟବସ୍ଥା କରାଯାଇଛି। ଟ୍ରାକଫିକାଲଯୁନିଟ୍ ସନ୍ତାସବାଦ ମୁକାବିଲାଠୁ ଆରମ୍ଭ କରି ବଡଧରଣର ଅଘଟଣ ମୁକାବିଲା କରିପାରିବେ ବୋଲି କମିଶନରେଟ୍ ପୋଲିସ ସୂତ୍ରରୁ ସୂଚନା ମିଳିଛି। ଫୋର୍ସଙ୍କ ସହ ନିୟୋଜିତ ସମସ୍ତ ସୁରକ୍ଷା ବ୍ୟବସ୍ଥାକୁ ମନିଟରିଂ କରିବେ ଭୁବନେଶ୍ୱର ଡିସିପି ସର୍ବଣା ବିବେକ ଏମ୍। ତାଙ୍କ ଅଧୀନରେ ଅତିରିକ୍ତ ଡିସିପି, ଏସିପି, ଇନ୍ସପେକଫର, ଏସ୍ଆଇ, ଏଏସ୍ଆଇ ପ୍ରଭୃତି ଅଫିସରମାନେ ସୁରକ୍ଷାରେ ନିୟୋଜିତ ରହିବେ। ତ୍ରିସ୍ତରୀୟ ସୁରକ୍ଷାରେ ଆୟୋଜନ କରାଯାଇଥିବା ସମସ୍ତ ବ୍ୟବସ୍ଥାକୁ ବିଭାଗୀକରଣ କରାଯାଇ ବଡଅଫିସରମାନଙ୍କୁ ଦାୟିତ୍ୱ ଦିଆଯାଇଛି। ମଙ୍ଗଳବାର ଡିଜିପି ବିନୟତୋଷ ମିଶ୍ର, ପୋଲିସ କମିଶନର ସୁରେଶ ଦେବଦତ୍ତ ସିଂ ସୁରକ୍ଷା ବ୍ୟବସ୍ଥାକୁ ସମୀକ୍ଷା କରିଛନ୍ତି। ବମ୍‌ସ୍କ୍ୱାଡ୍ ଓ ଡଗସ୍କ୍ୱାଡ୍ ମିଳିତ ଭାବେ ମଙ୍ଗଳବାର ବିଧାନସଭା ଭିତର ବାହାର ସନ୍ଦିଗ୍ଧ ସ୍ଥାନଗୁଡିକୁ ଯାଞ୍ଚ କରିଛନ୍ତି। ବିଧାନସଭା ଚତୁଃପାଶ୍ୱର୍ ଓ ଧାରଣାସ୍ଥଳର ସୁରକ୍ଷାକୁ ମଧ୍ୟ ଗୁରୁତର ସହ ନେଇଛି କମିଶନରେଟ୍ ପୋଲିସ। ଶୀତକାଳୀନ ଅଧିବେଶନ ୧୮ ତାରିଖରୁ ଆରମ୍ଭ ହୋଇ ଡିସେମ୍ବର ୩୧ ତାରିଖ ପର୍ଯ୍ୟନ୍ତ ଚାଲିବ।

ପ୍ରକୃତି, ସଂସ୍କୃତି ଓ ଦୁଃସାହସିକ ପର୍ଯ୍ୟଟନର ସମନ୍ୱୟରେ

ହୀରାକୁଦକୁ ଏକ ସ୍ଥାୟୀ ପର୍ଯ୍ୟଟନ ଲକ୍ଷ୍ୟ ସ୍ଥଳ ଭାବେ ବିକଶିତ କରିବା ଲକ୍ଷ୍ୟ : ମୁଖ୍ୟ ସଚିବ

ଭୁବନେଶ୍ୱର, (ସବୁ୍ୟ): ହୀରାକୁଦ ଅଞ୍ଚଳକୁ ଏକ ପ୍ରମୁଖ ଜାତୀୟ ଓ ଆନ୍ତର୍ଜାତୀୟ ପର୍ଯ୍ୟଟନ ଗନ୍ତବ୍ୟସ୍ଥଳ ଭାବେ ବିକଶିତ କରିବା ଲକ୍ଷ୍ୟରେ ଲୋକସେବା ଭବନଠାରେ ମୁଖ୍ୟ ଶାସନ ସଚିବ ଶ୍ରୀମତୀ ଅନୁ ଗର୍ଗଙ୍କ ଅଧ୍ୟକ୍ଷତାରେ ଏଥି ନିମନ୍ତେ ଗଠିତ ମାର୍ଗଦର୍ଶକ କମିଟି (ଷ୍ଟିଅରିଂ କମିଟି) ବୈଠକ ଅନୁଷ୍ଠିତ ହୋଇଯାଇଛି। ଲୋକସେବା ଭବନସ୍ଥିତ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ଏହି ବୈଠକରେ ହୀରାକୁଦ ଅଞ୍ଚଳର ସମନ୍ୱିତ ପର୍ଯ୍ୟଟନ ବିକାଶ ପାଇଁ ପ୍ରସ୍ତୁତ ମାଷ୍ଟର ପ୍ଲାନ୍ ସହ ରାଜ୍ୟ ସରକାରଙ୍କ ବିଭିନ୍ନ ବିଭାଗ ଓ କେନ୍ଦ୍ରୀୟ ସଂସ୍ଥା ଦ୍ୱାରା ରୂପାୟିତ ହେଉଥିବା ବିଭିନ୍ନ ପ୍ରକଳ୍ପଗୁଡ଼ିକର ଅଗ୍ରଗତି ସମୀକ୍ଷା କରାଯାଇଥିଲା।



ରାଜ୍ୟ ପୂର୍ତ୍ତ ବିଭାଗ ଅନ୍ତର୍ଗତ ଓଡ଼ିଶା ସେତୁ ଓ ନିର୍ମାଣ ନିଗମ, ରାଜ୍ୟ ଜଳ ସମ୍ପଦ ବିଭାଗ, ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ, ଓଡ଼ିଶା ପର୍ଯ୍ୟଟନ ଉନ୍ନୟନ ନିଗମ, ଏନଟିପିସି, ଭାରତୀୟ ଅନ୍ତର୍ଦେଶୀୟ ଜଳପଥ ପ୍ରାଧିକରଣ (ଆଇଡବ୍ଲ୍ୟୁଏଆଇ) ଆଦିଙ୍କ ସମନ୍ୱିତ ପ୍ରୟାସରେ ହୀରାକୁଦ ଅଞ୍ଚଳରେ ପର୍ଯ୍ୟଟନ ଭିତ୍ତିଭୂମିକୁ ସୁଦୃଢ଼ ଓ ଆକର୍ଷଣୀୟ କରିବା ପାଇଁ ବିଭିନ୍ନ ପ୍ରକଳ୍ପ କାର୍ଯ୍ୟକାରୀ କରାଯାଉଛି। ଏ ସଂପର୍କରେ କାର୍ଯ୍ୟ ଆରମ୍ଭ ସ୍ଥିତି, ବାକି ରହିଥିବା ଟେଣ୍ଡର ପ୍ରକ୍ରିୟା ସଂପର୍କରେ ବୈଠକରେ ସମୀକ୍ଷା କରାଯାଇଥିଲା। ମୁଖ୍ୟ ଶାସନ ସଚିବ ଏହି ଅବସରରେ କହିଥିଲେ ଯେ, ହୀରାକୁଦ ରାଜ୍ୟର ଅନ୍ୟତମ ଶ୍ରେଷ୍ଠ ପର୍ଯ୍ୟଟନ ଲକ୍ଷ୍ୟସ୍ଥଳ ହେବାକୁ ଯାଉଛି। ହୀରାକୁଦ ଅଞ୍ଚଳର ସମସ୍ତ ପ୍ରକଳ୍ପର ସମନ୍ୱିତ କାର୍ଯ୍ୟାନ୍ୱୟନ ମାଧ୍ୟମରେ ପର୍ଯ୍ୟଟନ ଭିତ୍ତିଭୂମିର ବିକାଶ, ଆଞ୍ଚଳିକ ଯୋଗାଯୋଗର ସୁଦୃଢ଼ୀକରଣ, ସ୍ଥାନୀୟ କଳା ଓ ସଂସ୍କୃତିର ପ୍ରୋତ୍ସାହନ, ନିବେଶ ବୃଦ୍ଧି ଏବଂ ନିଯୁକ୍ତି ଓ ଜୀବିକାର ନୂତନ ସୁଯୋଗ ସୃଷ୍ଟି ହେବାର ଆଶା ରହିଛି। ଏହା ଓଡ଼ିଶାକୁ ଜାତୀୟ ଓ ଆନ୍ତର୍ଜାତୀୟ ପର୍ଯ୍ୟଟନ ମାନଚିତ୍ରରେ ଏକ ସ୍ୱତନ୍ତ୍ର ପରିଚୟ ଦେବା ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ବୈଠକରେ ରାଜ୍ୟ ପର୍ଯ୍ୟଟନ ବିଭାଗ କମିଶନର ତଥା ଶାସନ ସଚିବ ଶ୍ରୀ ବଲୱନ୍ତ ସିଂ ଯୋଗ ଦେଇ ବିଭିନ୍ନ ପ୍ରକଳ୍ପର କାର୍ଯ୍ୟାରମ୍ଭ ଓ ଆଗାମୀ ପଦକ୍ଷେପ ସଂପର୍କରେ ସ୍ଥିତି ଓ ପ୍ରସ୍ତାବ ଉପସ୍ଥାପନ କରିଥିଲେ।

ବୈଠକରେ ରାଜ୍ୟ ସରକାରଙ୍କ ଅର୍ଥ,ଜଳ ସଂପଦ, ବାଣିଜ୍ୟ ଓ ପରିବହନ, ଷ୍ଟେଟ୍ ଇନଷ୍ଟିଚ୍ୟୁଟ୍ ଫର୍ ଟ୍ରାନ୍ସଫର୍ମେଟିଭ୍ ଇନିସିଏଟିଭ୍ସର ମୁଖ୍ୟ କାର୍ଯ୍ୟ ନିର୍ବାହୀ ଅଧିକାରୀ, ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ସଚିବ, ଓବିସିସିର ପରିଚାଳନା ନିର୍ଦ୍ଦେଶକଙ୍କ ସମେତ ସଂପୃକ୍ତ ବିଭିନ୍ନ ବିଭାଗ ଏବଂ ସଂସ୍ଥାର ଉଚ୍ଚ ପଦାଧିକାରୀମାନେ ଯୋଗଦେଇ ଆଲୋଚନା କରିଥିଲେ।

୧୯ ରୁ ୪୭ତମ ସିନିୟର ଆମେଚର୍ ଥ୍ରୋବଲ୍ ଚାମ୍ପିଅନସିପ୍

ଜଟଣୀ, (ସବୁ୍ୟ) : ଆମେଚର୍ ଥ୍ରୋବଲ୍ ଆସୋସିଏସନ୍ ଅଫ୍ ଓଡ଼ିଶା ଆନୁକୂଲ୍ୟରେ ଖୋର୍ଦ୍ଧାଜିଲ୍ଲା ଜଟଣୀ ପୌରାଞ୍ଚଳ ଅନ୍ତର୍ଗତ କୁଦିଆରି ଠାରେ ଅବସ୍ଥିତ କ୍ଲବ ଫିଲଡ଼ ପରିସରରେ ଚଳିତ ବର୍ଷ ୪୭ତମ ଦିବାରାତ୍ର ସିନିୟର ନ୍ୟାସନାଲ ଥ୍ରୋବଲ୍ ଚାମ୍ପିଅନସିପ୍ -୨୬ ଆସନ୍ତା ୧୯ ତାରିଖରୁ ୨୨ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେଵାକୁ ଯାଉଅଛି। ଏଥିରେ ଦେଶର ୨୫ ଟି ରାଜ୍ୟରୁ ପୁରୁଷ ଓ ମହିଳା ବର୍ଗରୁ ପ୍ରାୟ ୧ ହଜାର ଖେଳାଳୀ ମାନେ ଅଂଶଗ୍ରହଣ କରିବେ, ଯେଉଁଥିରେ ସମୁଦାୟ ୨୦୦ଟି ମ୍ୟାଚ ଅନୁଷ୍ଠିତ ହେବ ବୋଲି ଆୟୋଜିତ ଖବରଦାତା ସମ୍ମିଳନୀରେ ଆସୋସିଏସନର ସମ୍ପାଦକ କୈଳାଶ ଚନ୍ଦ୍ର ବାରିକ ସୂଚନା ଦେଇଛନ୍ତି। ଏହି କ୍ରୀଡା ମହାକୁମ୍ଭରେ ଅତିଥି ଭାବେ କ୍ରୀଡାମନ୍ତ୍ରୀ ଓଡ଼ିଶା ସରକାର ସୂର୍ଯ୍ୟବଂଶୀ ସୁରଜ, ଭୁବନେଶ୍ୱର ଲୋକସଭା ସାଂସଦ ଅପରାଜିତା ଷଡ଼ଙ୍ଗୀଙ୍କ ସମେତ ବିଶିଷ୍ଟ ମାନ୍ୟଗଣ୍ୟ ଅତିଥି ମାନେ ଯୋଗ ଦେବେ ବୋଲି ସୂଚନା ଦିଆଯାଇଛି।

ମିଶନ ଶକ୍ତି ମହିଳାଙ୍କୁ ମିଳିଲା 'ସୁଭଦ୍ରା ଶକ୍ତି' ବ୍ରାଣ୍ଡ

ଡବଲ୍ ଇଞ୍ଜିନ୍ ସରକାରରେ ମହିଳାମାନଙ୍କର ଦୁଇଗୁଣା ପ୍ରଗତି: ପ୍ରଭାତୀ ପରିଡ଼ା

ଭୁବନେଶ୍ୱର, (ସବୁ୍ୟ): ରାଜ୍ୟର ମହିଳା ସ୍ୱୟଂ ସହାୟକ ଗୋଷ୍ଠୀଙ୍କ ଆର୍ଥିକ ସଶକ୍ତୀକରଣ, ଉଦ୍ୟୋଗ ବିକାଶ ଓ ସ୍ଥାୟୀ ଜୀବିକା ସୃଷ୍ଟିକୁ ଅଧିକ ଗତିଶୀଳ କରିବା ଲକ୍ଷ୍ୟରେ ମିଶନ ଶକ୍ତି ବିଭାଗ ପକ୍ଷରୁ ଭୁବନେଶ୍ୱରସ୍ଥିତ ମିଶନ ଶକ୍ତି ଭବନଠାରେ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଉପମୁଖ୍ୟମନ୍ତ୍ରୀ ଶ୍ରୀମତୀ ପ୍ରଭାତୀ ପରିଡ଼ାଙ୍କ ପୌରୋହିତ୍ୟରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ୩,୨୬,୩୬୬ଟି ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ୨୪୭.୩୪ କୋଟି ଟଙ୍କାର ସୁଧ ଫେରସ୍ତ ସହାୟତା ପ୍ରଦାନ କରାଯାଇଛି। ଏଥିସହ ୨୭ଟି ଜିଲ୍ଲାର ୮,୯୨୭ଟି ସ୍ୱୟଂ ସହାୟକ ଗୋଷ୍ଠୀଙ୍



ଜାପାନ ପାରା ଅଲମ୍ପିକ୍ସରେ ୪୦୦ମିଟର ଦୌଡରେ ରୌପ୍ୟ ମେଡାଲ ବିଜେତା ଜୟନ୍ତୀ ବେହେରାଙ୍କୁ ବିରୋଧୀଦଳ ନେତା ନବୀନ ପଟ୍ଟନାୟକ ସମ୍ବର୍ଦ୍ଧିତ କରୁଛନ୍ତି ।

ଏକ୍ସପାରି ଥଣ୍ଡାପାନୀୟ ବିକ୍ରି ର‍ୟାକେଟ୍ ଠାବ: ୩ ଗିରଫ

କଟକ,(ସବୁ୍ୟ): ଅବଧି ଶେଷ ହୋଇଯାଇଥିବା (ଏକ୍ସପାରି) ଥଣ୍ଡାପାନୀୟ ବିକ୍ରି କରୁଥିବା ଏକ ର‍ୟାକେଟ୍‌କୁ କ୍ୟାଣ୍ଟନ୍‌ମେଣ୍ଟ ଥାନା ପୁଲିସ ଠାବ କରିଛି । ଜଣେ ସଚେତନ ଗ୍ରାହକଙ୍କ ତତ୍ପରତା ଏବଂ ପୁଲିସର ତ୍ୱରିତ କାର୍ଯ୍ୟାନୁଷ୍ଠାନ ଫଳରେ ବହୁ ପରିମାଣର ଅସ୍ୱାସ୍ଥ୍ୟକର ପାନୀୟ ସାଧାରଣ ଲୋକଙ୍କ ନିକଟରେ ପହଞ୍ଚିବା ପୂର୍ବରୁ ଅଟକାଯାଇ ପାରିଛି । ଏହି ଘଟଣାରେ ପୁଲିସ ୩ ଜଣ ଅଭିଯୁକ୍ତଙ୍କୁ ଗିରଫ କରିବା ସହ ସେମାନଙ୍କ ନିକଟରୁ 'କାମ୍ପା କୋଲା' ବ୍ରାଣ୍ଡର ୧,୦୯୫ଟି ଏକ୍ସପାରି ବୋତଲ, ଗୋଟିଏ ପିକଅପ୍ ଭ୍ୟାନ୍ (ଓଡି-୦୫-ଏଏମ୍) ଏବଂ ନଗଦ ୬୨୦ ଟଙ୍କା ଜବତ କରିଛି । ଗିରଫ ଅଭିଯୁକ୍ତମାନେ ହେଲେ କଟକ ସଦର ଥାନା ଅନ୍ତର୍ଗତ ଗୋପାଳପୁର ଗ୍ରାମର ମାର୍କେଟିଂ କର୍ମଚାରୀ ଶରତ ସାହୁ, ଜଗତସିଂହପୁର ଜିଲ୍ଲା ନାଉଗାଁ ଥାନା ଓଷକଣା ଗ୍ରାମର ସେଲ୍ସମ୍ୟାନ୍ ବୈକୁଣ୍ଠ ପାତ୍ର ଏବଂ କଟକ ସଦର ଥାନା ଉସୁମା ଗ୍ରାମର ପିକଅପ୍ ଭ୍ୟାନ୍ ଚାଳକ ରଞ୍ଜିତ ପ୍ରଧାନ । କ୍ୟାଣ୍ଟନମେଣ୍ଟ ଥାନା ଅଞ୍ଚଳର ଏକ ଜନଗହଳିପୂର୍ଣ୍ଣ ସ୍ଥାନରେ ଏକ ପିକଅପ୍ ଭ୍ୟାନ୍ ଯୋଗେ ଅବଧି ସରିଯାଇଥିବା ଥଣ୍ଡାପାନୀୟ ବିକ୍ରି ହେଉଥିବା ନେଇ ଜଣେ ସଚେତନ ଉପଭୋକ୍ତା ପୁଲିସକୁ ଖବର ଦେଇଥିଲେ । ଅଭିଯୁକ୍ତମାନେ ଏହି ପୁରୁଣା ତଥା ଏକ୍ସପାରି ବୋତଲଗୁଡ଼ିକୁ ସମ୍ପୂର୍ଣ୍ଣ ତାଜା ଏବଂ ପିଇବା ଉପଯୋଗୀ ବୋଲି ଦର୍ଶାଇ ନିରୀହ ଗ୍ରାହକମାନଙ୍କୁ ଠକି ବିକ୍ରି କରୁଥିଲେ । ସୂଚନା ପାଇବା ମାତ୍ରେ କ୍ୟାଣ୍ଟନମେଣ୍ଟ ଥାନା ପୁଲିସର ଏକ ସ୍ୱତନ୍ତ୍ର ଟିମ୍ ଘଟଣାସ୍ଥଳରେ ପହଞ୍ଚି ଅତର୍କିତ ଭାବେ ଯାଞ୍ଚ ଆରମ୍ଭ କରିଥିଲା । ଯାଞ୍ଚ ସମୟରେ ସମ୍ପୃକ୍ତ ପିକଅପ୍ ଭ୍ୟାନ୍ (ଓଡି-୦୫-ଏଏମ୍) ଭିତରୁ ବିଭିନ୍ନ ପରିମାଣର ପ୍ରାୟ ୧,୦୯୫ଟି 'କାମ୍ପା କୋଲା' ବୋତଲ ଜବତ ହୋଇଥିଲା । ପୁଲିସ ଟିମ୍ ବୋତଲଗୁଡ଼ିକର ଲେବଲ୍ ପରୀକ୍ଷା କରିବାରୁ ସେଗୁଡ଼ିକର ନିର୍ଦ୍ଧାରିତ ବ୍ୟବହାର ଉପଯୋଗୀ ସମୟସୀମା ବା ଏକ୍ସପାରି ତାରିଖ ବହୁ ପୂର୍ବରୁ ଶେଷ ହୋଇଯାଇଥିବା ଜଣାପଡ଼ିଥିଲା ।

କିଟ୍ ଆଇନ ବିଦ୍ୟାଳୟ ପକ୍ଷରୁ ଆଇନ ସଚେତନତା ଶିବିର

ଭୁବନେଶ୍ୱର, (ସବୁ୍ୟ): କିଟ୍ ଲ ସ୍କୁଲ୍ ଆଇନ ସେବା କ୍ଲିନିକ୍ ପକ୍ଷରୁ କଟକସ୍ଥିତ ବାସୁନ୍ଧରାଠାରେ ଏକ ଆଇନ ସଚେତନତା ଶିବିର ଆୟୋଜିତ ହୋଇଯାଇଛି । ଶିଶୁ ଅଧିକାର, ସୁରକ୍ଷା ଓ କଲ୍ୟାଣ ସହିତ ସମାଜର ଅବହେଳିତ, ଅସହାୟ ଓ ଦୁର୍ବଳ ବର୍ଗର ଲୋକଙ୍କ ଆଇନଗତ ଅଧିକାର ସଂପର୍କରେ ସଚେତନତା ସୃଷ୍ଟି କରିବା ଏହି ଶିବିରର ମୁଖ୍ୟ ଉଦ୍ଦେଶ୍ୟ ଥିଲା । ଶିବିର ସମୟରେ କିଟ୍ ଆଇନ ବିଦ୍ୟାଳୟର ଛାତ୍ରଛାତ୍ରୀ ସ୍ୱେଚ୍ଛାସେବୀମାନେ ଅନୁଷ୍ଠାନର ଅନ୍ତେବାସୀ ଓ ହିତାଧିକାରୀଙ୍କ ସହ ଆଲୋଚନା କରି ଶିଶୁ ଅଧିକାର, ଶିଶୁ ସୁରକ୍ଷା, ଶିଶୁ କଲ୍ୟାଣ ଓ ସେମାନଙ୍କ ପାଇଁ ଉଦ୍ଦିଷ୍ଟ ବିଭିନ୍ନ ଆଇନଗତ ବ୍ୟବସ୍ଥା ସଂପର୍କରେ ସୂଚନା ପ୍ରଦାନ କରିଥିଲେ । ଶିଶୁମାନଙ୍କ ସୁରକ୍ଷା, ଯତ୍ନ, ଥଇଥାନ ଏବଂ ନ୍ୟାୟ ପ୍ରାପ୍ତି କ୍ଷେତ୍ରରେ ଆଇନର ଭୂମିକା ଓ ବିଭିନ୍ନ ସରକାରୀ ବ୍ୟବସ୍ଥାର ଉପଯୋଗିତା ଉପରେ ମଧ୍ୟ ଆଲୋକପାତ କରାଯାଇଥିଲା । ଏହି କାର୍ଯ୍ୟକ୍ରମ ଛାତ୍ରଛାତ୍ରୀମାନଙ୍କୁ ଶିଶୁ ସୁରକ୍ଷା ଓ ସାମାଜିକ କଲ୍ୟାଣ କ୍ଷେତ୍ରରେ କାର୍ଯ୍ୟରତ ଏକ ଅନୁଷ୍ଠାନର କାର୍ଯ୍ୟପ୍ରଣାଳୀକୁ ନିକଟରୁ ଜାଣିବା ସହ ଆଇନ



ଶିକ୍ଷାରେ ବ୍ୟବହାରିକ ଅନୁଭୂତି ହାସଲ କରିବାର ସୁଯୋଗ ପ୍ରଦାନ କରିଥିଲା । ଏଥିସହ ସମାଜର ଅବହେଳିତ ଓ ଅସହାୟ ବର୍ଗଙ୍କ ନିକଟରେ ଆଇନଗତ ସହାୟତା ଓ ସଚେତନତା ପହଞ୍ଚାଇବାର ଗୁରୁତ୍ୱକୁ ମଧ୍ୟ ଏହି ଶିବିର ଉଜାଗର କରିଥିଲା । ଏହି କାର୍ଯ୍ୟକ୍ରମ ଆଇନ ସେବା ନିର୍ଦ୍ଦେଶକ ଲୋକନାଥ ମହାପାତ୍ରଙ୍କ ତତ୍ତ୍ୱାବଧାନରେ ଆୟୋଜିତ ହୋଇଥିବାବେଳେ ଶଶାଙ୍କ ନନ୍ଦେ ଓ ଡ. ପ୍ରଜ୍ଞା ପାରମିତା ରାୟ ଏହାର ସଂଯୋଜନା କରିଥିଲେ । ଏଥିରେ ଅଧ୍ୟାପିକା ଡ. ସୁସ୍ମିତା ପ୍ରିୟଦର୍ଶିନୀ ମିଶ୍ର ଏବଂ ସହକାରୀ ଆଇନ ଅଧିକାରୀ ଅମୃତା ବଳ ସହଯୋଗ କରିଥିଲେ । ଏଭଳି ସମାଜମୂଳକ କାର୍ଯ୍ୟକ୍ରମ ମାଧ୍ୟମରେ କିଟ୍ ଆଇନ ବିଦ୍ୟାଳୟ ଆଇନ ସାକ୍ଷରତାର ପ୍ରସାର, ଶିଶୁ ଅଧିକାରର ସୁରକ୍ଷା, ସାମାଜିକ ଦାୟିତ୍ୱବୋଧ ଏବଂ ସମସ୍ତଙ୍କ ପାଇଁ ନ୍ୟାୟ ପ୍ରାପ୍ତିର ସୁଯୋଗକୁ ସୁଦୃଢ଼ କରିବା ଦିଗରେ ନିଜର ପ୍ରୟାସ ଜାରି ରଖିଛି ।

୨୬ ନଭେମ୍ବର "ସମ୍ବିଧାନ ରକ୍ଷା ଶୋଭାଯାତ୍ରା'

ପଞ୍ଚାୟତ, ପୌର ନିର୍ବାଚନ ପାଇଁ କଂଗ୍ରେସର ବିଗୁଲ ବାଜିବ : ଭକ୍ତ

ଭୁବନେଶ୍ୱର,(ସବୁ୍ୟ): ଆସନ୍ତା ୨୬ ନଭେମ୍ବର ସମ୍ବିଧାନ ଦିବସକୁ ସମଗ୍ର ଦେଶରେ "ସମ୍ବିଧାନ ରକ୍ଷା ଦିବସ' ଭାବେ ପାଳନ କରିବାକୁ ଏଆଇସିସିର ନିଷ୍ପତ୍ତି କ୍ରମେ ଏହାର ଅବ୍ୟବହିତ ପୂର୍ବରୁ ୨୫ ତାରିଖ ସକାଳୁ ଭୁବନେଶ୍ୱର ଠାରୁ ୧୦୦-୧୫୦ କିମି ଦୂରବର୍ତ୍ତୀ ଜିଲ୍ଲାଗୁଡ଼ିକର ପ୍ରତିଟି ପଂଚାୟତର ନେତା ଓ କର୍ମୀ ବାହାରି ରାଜଧାନୀ ଅଭିମୁଖେ ଯାତ୍ରା କରିବେ । ବାଟରେ ପଡୁଥିବା ସହର ଓ ଜନପଥ ଗୁଡ଼ିକରେ ସେମାନେ ଶୋଭାଯାତ୍ରା କରି ସେଦିନ ସନ୍ଧ୍ୟାରେ ନିଜ ନିଜ ନିର୍ଦ୍ଧାରିତ ସହରରେ ରାତ୍ରୀଯାପନ କରି ୨୬ ତାରିଖ ଭୁବନେଶ୍ୱରରେ ପହଞ୍ଚି ପଦଯାତ୍ରାରେ ଯୋଗଦେବେ । ଅନ୍ୟ ପକ୍ଷରେ ରାଜଧାନୀର ନିକଟବର୍ତ୍ତୀ ଜିଲ୍ଲା ଗୁଡ଼ିକର ପ୍ରତିଟି ପଂଚାୟତରୁ ଅତ୍ୟୁନ ୫ଟି ବାଇକ ରାଲି ବାହାରି ଏକସଂଗେ ଭୁବେନଶ୍ୱରର ଗାନ୍ଧୀ ଓ ଆମ୍ବେଦକର ପ୍ରତିମୂର୍ତ୍ତି ନିକଟରୁ ବିଶାଳ ରାଲିରେ ଆସି ଲୋୟର ପିଏମଜିରେ ଗର୍ଜିବେ ବୋଲି ପିସିସି ସଭାପତି ଭକ୍ତ ଚରଣ ଦାସ ମଙ୍ଗଳବାର ମଧ୍ୟାହ୍ନରେ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି । ଏସଆଇଆର ରଦ୍ଦ, ଏସଆଇଆର ପରେ ହୋଇଥିବା ନିର୍ବାଚନ ରଦ୍ଦ, ସିଇସି ଜ୍ଞାନେଶ କୁମାରଙ୍କ ଇସ୍ତଫା ଆଦି ଦାବି ସହ ଏମଏମଡିଆର ସଂଶୋଧନ ବାତିଲ, ନିତ୍ୟାନନ୍ଦ ଗଣ୍ଡଙ୍କ ଇସ୍ତଫା ଦାବି, ଗଂଜାମ ଓ ଅନ୍ୟ ଉପକୂଳବର୍ତ୍ତୀ ଜିଲ୍ଲାମାନଙ୍କରେ ବନ୍ୟାବିପନ୍ନଙ୍କୁ ତୁରନ୍ତ ସହାୟତା, କୋଟିଆ ପ୍ରସଙ୍ଗରେ ତତ୍ପରତା ଦାବିରେ ୨୫ ଓ ୨୬ ତାରିଖର ରାଲି ଗୁଡ଼ିକରେ କଂଗ୍ରେସ ନେତା ଓ କର୍ମୀ ଗର୍ଜିବେ ବୋଲି ଶ୍ରୀ ଦାସ ପ୍ରକାଶ କରିଥିଲେ । ଏହାପରେ ଜାତି ଜନଗଣନା



ପ୍ରସଙ୍ଗରେ ଗଣମାଧ୍ୟମକୁ ସମ୍ବୋଧନ କରି ପୂର୍ବତନ ମନ୍ତ୍ରୀ ନଗେନ୍ଦ୍ରନାଥ ପ୍ରଧାନ କହିଥିଲେ, ଜାତି ଜନଗଣନା ୨୦୨୬ ମସିହାରେ ହେବାକୁ ଯାଉଛି । ୧୯୫୧ ମସିହାରେ ପ୍ରଥମ ସମ୍ବିଧାନ ସଂଶୋଧନ ମାଧ୍ୟମରେ ସାମାଜିକ ନ୍ୟାୟର ପଦକ୍ଷେପ କଂଗ୍ରେସ ପାର୍ଟି ଦ୍ୱାରା ନିଆଯାଇଥିଲା । ବର୍ତ୍ତମାନ ଏହାର ନେତୃତ୍ୱ କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖଡ଼ଗେ ଏବଂ ସାମାଜିକ ନ୍ୟାୟର ପୁରୋଧା ରାହୁଲ ଗାନ୍ଧୀ ନିଜ ସରୋଜ ପ୍ରଧାନଙ୍କ ଆବାହକତ୍ୱରେ ତଥା ଶ୍ରୀ ଜେଠାଙ୍କ ଉପସ୍ଥିତିରେ ଏକ ଦାବିପତ୍ର ଉପସ୍ଥାପନ କରାଯାଇଥିଲା । ୨୦୨୬ ଜନଗଣନା ପୂର୍ବରୁ କଂଗ୍ରେସର ଦାବିଗୁଡ଼ିକ ଉପସ୍ଥାପନ କରାଯାଇଥିଲା । ଓଡ଼ିଶାରେ ଏଥିପାଇଁ ଏକ ଜନଆନ୍ଦୋଳନ କରାଯିବ ଏବଂ ସରକାରଙ୍କୁ ଦାବିପତ୍ର ପ୍ରଦାନ କରାଯିବ ବୋଲି ଓବିସି ସଭାପତି ଶ୍ରୀ ପ୍ରଧାନ ପ୍ରକାଶ କରିଥିଲେ ।

ଦୋକାନରୁ ଚୋରି ଘଟଣାର ପର୍ଦ୍ଦାଫାସ: ଜଣେ ଗିରଫ

କଟକ,(ସବୁ୍ୟ): ନାନକାର୍ ଅଞ୍ଚଳରେ ୩ଟି ଦୋକାନରୁ ହୋଇଥିବା ଚୋରି ଘଟଣାର ପର୍ଦ୍ଦାଫାସ କରିଛି ଜଗତପୁର ଥାନା ପୁଲିସ । ଏହି ଘଟଣାରେ ପୁଲିସ ଜଣେ କୁଖ୍ୟାତ ଅଭ୍ୟାସଗତ ଅପରାଧୀକୁ ଗିରଫ କରିବା ସହ ତା ନିକଟରୁ ଚୋରି ହୋଇଥିବା ରୁପା ସାମଗ୍ରୀ ଓ ନଗଦ ଟଙ୍କା ଜବତ କରିଛି । ଗିରଫ ଅଭିଯୁକ୍ତ ଜଣକ କଟକ ମର୍ଦ୍ଦଡନଗର ଥାନା ଅନ୍ତର୍ଗତ ସତୀଚଉରା ଇମାମପଡ଼ାର ସେକ୍ ପିରୁ ଓରଫ ସେକ୍ ତାହିର (୪୦) ବୋଲି ଜଣାପଡ଼ିଛି । ତେବେ ଏହି ଘଟଣାରେ ସମ୍ପୃକ୍ତ ଥିବା ଅନ୍ୟତମ ଅଭିଯୁକ୍ତ କନ୍ଦରପୁର ଥାନା ଅଧୀନସ୍ଥ ମହୁରା ପରମହଂସ ଅଞ୍ଚଳର ସେକ୍ ଗଫରଙ୍କ ପୁଅ ସେକ୍ ଅଜିମ ଓରଫ ପାଟି (୫୫) ଏବେ ବି ଫେରାର ଅଛି ଏବଂ ତାକୁ ଧରିବା ପାଇଁ ପୋଲିସ ପକ୍ଷରୁ ତଦାଘନା ଜାରି ରହିଛି । ତେବେ ସେକ ପିରୁ ଗତ କିଛି ମାସ ତଳେ କଟକର ଏକ ସରକାରୀ ଓମ୍ପେଡ ପାର୍ଲରର କବାଟ ଭାଙ୍ଗି ଗିରଫ ହୋଉ ଜେଲ ଯାଇଥିବା ବେଳେ କୋହକ ଦଫା ଯୋଗୁଁ ବାରମ୍ବାର ଜେଲରୁ ପୁକୁଳି ଆସି ପୁଣି ନିଜର ଅଭ୍ୟାସଗତ ପେଶାକୁ ଦୋହରାଉଛି ।

ଆଦ୍ୟନ୍ତ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପକ୍ଷରୁ ୨୦ ତମ ବାର୍ଷିକୋତ୍ସବ ଗ୍ରେସ୍-୨୦୨୬

ଭୁବନେଶ୍ୱର, (ସବୁ୍ୟ): ଆଦ୍ୟନ୍ତ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପକ୍ଷରୁ ୨୦ତମ ବାର୍ଷିକୋତ୍ସବ ଗ୍ରେସ୍-୨୦୨୬କୁ ଶିଶୁ ଦିବସ ଅବସରରେ ବିଦ୍ୟାଳୟ ପରିସରରେ ପାଳିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ଆଇ.ଆଇ.ଟି., ଭୁବନେଶ୍ୱରର ଫ୍ୟାକଲଟି ଆଫେୟାର୍ସର ଜିନ୍ ପ୍ରଫେସର ଉମା ପ୍ରସନ୍ନ ଓଝା, ଦିଗପହଣ୍ଡିର ବିଧାୟକ ତଥା ବିଶିଷ୍ଟ ଚଳଚ୍ଚିତ୍ର ଅଭିନେତା ସିଦ୍ଧାନ୍ତ ମହାପାତ୍ର ଉତ୍ସବରେ ଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମର ଶୋଭା ବୃଦ୍ଧି କରିଥିଲେ । ବିଦ୍ୟାଳୟର ଅଧକ୍ଷା ପ୍ରଭାତୀ ଶତପଥୀ ଆନୁଷ୍ଠାନିକ ଭାବେ ଉତ୍ସବର ଶୁଭାରମ୍ଭ କରି ସ୍ୱାଗତ ଭାଷଣ ପ୍ରଦାନ କରିବା ସହ ବିଦ୍ୟାଳୟର ବାର୍ଷିକ ବିବରଣୀ ଉପସ୍ଥାପନ କରିଥିଲେ । ବିଦ୍ୟାଳୟର ଅଧକ୍ଷ ଅଜୟ ବାହାଦୁର ସିଂହ ବିଶିଷ୍ଟ ଅତିଥିମାନଙ୍କୁ ସ୍ୱାଗତ କରିବା ଅବସରରେ ଅନୁଷ୍ଠାନର ଦୁଇ ଦଶନ୍ଧିର ଯାତ୍ରା, ଏହାର କୀର୍ତ୍ତି ଏବଂ ଗୁଣାତ୍ମକ ଶିକ୍ଷା ପ୍ରଦାନ ସହିତ ଛାତ୍ରଛାତ୍ରୀଙ୍କ ବୌଦ୍ଧିକ, ସାଂସ୍କୃତିକ ଓ ନୈତିକ ବିକାଶ ପାଇଁ ଏହାର କ୍ରମାଗତ ପ୍ରୟାସ ଉପରେ ଆଲୋକପାତ କରିଥିଲେ । ଉତ୍ସବରେ ଛାତ୍ରଛାତ୍ରୀ ମାନେ ମାନବୀୟ ଭାବବେଳର ନଅଟି ଅଭିବ୍ୟକ୍ତି ଅର୍ଥାତ 'ନବରସ' ଉପରେ ପର୍ଯ୍ୟବସିତ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ । ୨୦୨୬ ମସିହା ସି.ଏଚ୍.ଏସ୍.ଇ ପରୀକ୍ଷାରେ ୬୦୦ରୁ ୫୯୮



ନମ୍ବର ରଖି ରାଜ୍ୟର ଶ୍ରେଷ୍ଠ ଛାତ୍ରୀ ସଞ୍ଜନା ମହନ୍ତଙ୍କ ସମେତ ୯୦% ରୁ ଅଧିକ ନମ୍ବର ରଖିଥିବା ଅନ୍ୟ ୯୮ ଜଣ ମେଧାବୀ ଛାତ୍ରଛାତ୍ରୀଙ୍କୁ ସମ୍ମାନିତ କରାଯାଇଥିଲା । ଅଧ୍ୟାପକ ଚକ୍ରଧର ରଣା ଧନ୍ୟବାଦ ଅର୍ପଣ କରିଥିଲେ ।

ଏଏମ୍/ଏନ୍‌ଏସ୍ ଇଣ୍ଡିଆ ପକ୍ଷରୁ ଓଡ଼ିଶା ଛାତ୍ରଛାତ୍ରୀଙ୍କ ପାଇଁ

ଶିକ୍ଷା, ସୃଜନଶୀଳତା ଓ ଆନନ୍ଦର ବାର୍ତ୍ତା ଦେଉଥିବା ବିଭିନ୍ନ କାର୍ଯ୍ୟକ୍ରମ

ଭୁବନେଶ୍ୱର, (ସବୁ୍ୟ): ଆର୍ସଲରମିତ୍ତଲ ନିପ୍ପନ ଷ୍ଟିଲ୍ ଇଣ୍ଡିଆ (ଏଏମ୍/ଏନ୍‌ଏସ୍ ଇଣ୍ଡିଆ) ପକ୍ଷରୁ ଓଡ଼ିଶାରେ ଏହାର ବିଭିନ୍ନ କାର୍ଯ୍ୟକ୍ଷେତ୍ରରେ କର୍ମଚାରୀମାନଙ୍କ ସ୍ୱେଚ୍ଛାକୃତ ପ୍ରୟାସ ମାଧ୍ୟମରେ ୫୦୦ରୁ ଅଧିକ ଶିଶୁଙ୍କୁ ନେଇ ବିଭିନ୍ନ କାର୍ଯ୍ୟକ୍ରମ ଆୟୋଜନ କରାଯାଇଛି। ଏହା ମାଧ୍ୟମରେ ଶିକ୍ଷା, ସୃଜନଶୀଳତା ଏବଂ ଅର୍ଥପୂର୍ଣ୍ଣ ଭାବବିନିମୟକୁ ପ୍ରୋତ୍ସାହିତ କରାଯାଇଛି। ପାରାଦ୍ୱୀପଠାରେ ନିମଡ଼ିହିରେ ଅବସ୍ଥିତ ଲୋକନାଥ ଶିକ୍ଷାଶ୍ରମର ୫୪ ଜଣ ଶିଶୁଙ୍କ ପାଇଁ ଏକ ସ୍ୱତନ୍ତ୍ର ଉତ୍ସବର ଆୟୋଜନ କରାଯାଇଥିଲା। ଶିଶୁ, ଆଶ୍ରମର କର୍ମଚାରୀ ଏବଂ ଏଏମ୍/ଏନ୍‌ଏସ୍ ଇଣ୍ଡିଆର କର୍ମଚାରୀମାନଙ୍କ ଉପସ୍ଥିତିରେ କେକ୍ କଟାଯାଇ କାର୍ଯ୍ୟକ୍ରମର ଶୁଭାରମ୍ଭ ହୋଇଥିଲା। ଏହାପରେ କର୍ମଚାରୀ ଓ ଶିଶୁମାନେ ମିଳିତ ଭାବେ ନୋଟବୁକ୍ ପ୍ରସ୍ତୁତି କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ। ଏହାପରେ



ପିଲାମାନଙ୍କୁ ସ୍କୁଲ ବ୍ୟାଗ୍ ମଧ୍ୟ ବଣ୍ଟନ କରାଯାଇଥିଲା। ଶିଶୁମାନଙ୍କ ଦ୍ୱାରା ପରିବେଷିତ ଚିତ୍ତାକର୍ଷକ ସାଂସ୍କୃତିକ କାର୍ଯ୍ୟକ୍ରମ ସହ ଏହି ଉତ୍ସବ ଉଦଯାପିତ ହୋଇଥିଲା। ଏହି ଅବସରରେ ଏଏମ୍/ଏନ୍‌ଏସ୍ ଇଣ୍ଡିଆ ପାରାଦ୍ୱୀପ ପେଲେଟ୍ ପ୍ଲାଣ୍ଟର ମୁଖ୍ୟ ଭାବେଶ ଝା, ଅର୍ଥ ବିଭାଗ ମୁଖ୍ୟ ପ୍ରଶାନ୍ତ ବେହେରା ଏବଂ ଲୋକନାଥ ଶିକ୍ଷାଶ୍ରମର ସମ୍ପାଦକ ପ୍ରଦୀପ୍ତ କୁମାର ଭୂୟାଁ ପ୍ରମୁଖ ଉପସ୍ଥିତ ଥିଲେ।

ସେହିପରି ପାରାଦ୍ୱୀପଗଡ଼ସ୍ଥିତ ଶ୍ରୀ ମା' ବିଦ୍ୟାପୀଠ ଏବଂ ଦକ୍ଷ ଏକାଡେମୀରେ ମଧ୍ୟ ଶିଶୁ ଦିବସ ପାଳନ କରାଯାଇଥିଲା। ଏଥିରେ ପ୍ରାୟ ୪୦୦ ଛାତ୍ରଛାତ୍ରୀ, ୧୨ ଜଣ ଶିକ୍ଷକ ଓ ଅନ୍ୟ କର୍ମଚାରୀ, ଏଏମ୍/ଏନ୍‌ଏସ୍ ଇଣ୍ଡିଆ ଅଧିକାରୀ ଏବଂ ସ୍ଥାନୀୟ ବାସିନ୍ଦା ଏକାଠି ହୋଇ ଶିକ୍ଷା ଓ ସୃଜନଶୀଳତାର ଏହି ଉତ୍ସବକୁ ପାଳନ କରିଥିଲେ। ପ୍ରତିଭାର ବିକାଶ ପାଇଁ ରଙ୍ଗୋଲି, ନାଟକ, ଫ୍ୟାନ୍ସି ଡ୍ରେସ୍ ଏବଂ ନୃତ୍ୟ ଆଦି ବିଭିନ୍ନ ପ୍ରତିଯୋଗିତା ଓ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ଫ୍ୟାନ୍ସି ଡ୍ରେସ୍ ପ୍ରତିଯୋଗିତାର ବିଷୟବସ୍ତୁ "ଏକ ଦୀର୍ଘସ୍ଥାୟୀ ଭବିଷ୍ୟତ ପାଇଁ ପରିବେଶର ଭୂମିକା" ରହିଥିବା ବେଳେ ଚିତ୍ରାଙ୍କନ ପ୍ରତିଯୋଗିତା "ଶିକ୍ଷାୟନ ଏବଂ ବିକାଶ" ଉପରେ ଆଧାରିତ ଥିଲା। କୃତୀ ଛାତ୍ରଛାତ୍ରୀମାନଙ୍କୁ ସେମାନଙ୍କ ଉଲ୍ଲେଖନୀୟ ପ୍ରଦର୍ଶନ ପାଇଁ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି ପଦକ୍ଷେପ ଅନ୍ତର୍ଗତ ଏଏମ୍/ଏନ୍‌ଏସ୍ ଇଣ୍ଡିଆର ଠାକୁରାଣୀ ଖଣି ଅଞ୍ଚଳରେ ବଡ଼ବିଲସ୍ଥିତ ଡିଜିଟାଲ୍ ସ୍କିଲ୍ ସେଣ୍ଟରରେ ପ୍ରାୟ ୭୦ ଜଣ ପ୍ରଶିକ୍ଷାର୍ଥୀଙ୍କୁ ନେଇ ନୃତ୍ୟ, ସଙ୍ଗୀତ, ରଙ୍ଗୋଲି ଏବଂ ବକ୍ତୃତା ପ୍ରତିଯୋଗିତା ଭଳି ବିଭିନ୍ନ ସାଂସ୍କୃତିକ ଓ ସୃଜନଶୀଳ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା।

ବାତ୍ୟା 'ଅକୱାନ' ମୁକାବିଲା ପାଇଁ ପ୍ରଶାସନର ପ୍ରସ୍ତୁତି

ପୁରୀ: (ସବୁ୍ୟ): ସମ୍ଭାବ୍ୟ ବାତ୍ୟା 'ଆକୱାନ'କୁ ଦୃଷ୍ଟିରେ ରଖି ପୁରୀ ଜିଲ୍ଲା ପ୍ରଶାସନ ପକ୍ଷରୁ ବ୍ୟାପକ ପ୍ରସ୍ତୁତି ଆରମ୍ଭ ହୋଇଛି । ଏନେଇ ଆଜି ଜିଲ୍ଲା କାର୍ଯ୍ୟାଳୟସ୍ଥିତ ଓସ୍ୱାନ ଆଭାସୀ କକ୍ଷରେ ଜିଲ୍ଲାପାଳ ଦିବ୍ୟଜ୍ୟୋତି ପରିଡ଼ାଙ୍କ ଅଧ୍ୟକ୍ଷତାରେ ଏକ ଉଚ୍ଚସ୍ତରୀୟ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଛି। ବୈଠକରେ ଅତିରିକ୍ତ ଜିଲ୍ଲାପାଳ, ବିଡିଓ, ତହସିଲଦାର ଓ ବିଭିନ୍ନ ବିଭାଗର ଅଧିକାରୀମାନେ ଯୋଗଦେଇଥିଲେ। ବୈଠକରେ ସମସ୍ତ ଆଶ୍ରୟସ୍ଥଳୀ ଓ ବିକଳ୍ପ ଆଶ୍ରୟସ୍ଥଳୀର ପ୍ରସ୍ତୁତି, ମୌଳିକ ସୁବିଧା ଏବଂ ଆବଶ୍ୟକ ଯନ୍ତ୍ରପାତିର କାର୍ଯ୍ୟକାରିତା ଯାଞ୍ଚ ଉପରେ ଗୁରୁତ୍ୱ ଦିଆଯାଇଥିଲା। ସମସ୍ତ ବ୍ଲକର ବିଡିଓମାନଙ୍କୁ ଆଶ୍ରୟସ୍ଥଳୀଗୁଡ଼ିକର ଯାଞ୍ଚ ତାଲିକା ପ୍ରସ୍ତୁତ କରି ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀଙ୍କୁ ପ୍ରଦାନ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଜରୁରୀ ପରିସ୍ଥିତି ପାଇଁ ୨୪ ଘଣ୍ଟିଆ କଣ୍ଟ୍ରୋଲ ରୁମ୍ କାର୍ଯ୍ୟକ୍ଷମ ରହିବ। ପ୍ରତିଦିନ ସକାଳ ୮ ଟା ସୁଦ୍ଧା ଜିଲ୍ଲା ଜରୁରୀକାଳୀନ କାର୍ଯ୍ୟାଳୟକୁ ସ୍ଥିତି ସମ୍ପର୍କିତ ରିପୋର୍ଟ ପଠାଇବାକୁ ନିର୍ଦ୍ଦେଶ ରହିଛି। ସମ୍ଭାବ୍ୟ ପ୍ରଭାବିତ ଅଞ୍ଚଳ ପାଇଁ ସ୍ଥାନାନ୍ତରଣ ଯୋଜନା ଚୂଡ଼ାନ୍ତ କରାଯାଇଥିବାବେଳେ ଚୁଡ଼ା, ଗୁଡ଼ ସମେତ ଆବଶ୍ୟକ ଶୁଖିଲା ଖାଦ୍ୟ ପର୍ଯ୍ୟାପ୍ତ ପରିମାଣରେ ମହଜୁଦ ରଖିବାକୁ କୁହାଯାଇଛି।

ଜନସାଧାରଣଙ୍କୁ ସଚେତନ କରିବାରେ ପଞ୍ଚାୟତ ପ୍ରତିନିଧିଙ୍କ ସହଯୋଗ ନେବାକୁ ଗୁରୁତ୍ୱ ଦିଆଯାଇଛି। ସ୍ୱାସ୍ଥ୍ୟସେବା ପାଇଁ ସାପକାମୁଡ଼ା ପ୍ରତିଷେଧକ ଔଷଧ ମହଜୁଦ ରଖିବା ସହ ଗର୍ଭବତୀ ମହିଳାଙ୍କ ଯତ୍ନ ପାଇଁ ସ୍ୱତନ୍ତ୍ର ବ୍ୟବସ

ଡିପ୍ଲୋମା ଇଞ୍ଜିନିୟରଙ୍କ ପଦୋନ୍ନତି ହାର ହ୍ରାସକୁ ନେଇ ଅସନ୍ତୋଷ

୨୫ ହଜାର ଇଞ୍ଜିନିୟର କ୍ଷୁବ୍ଧ, ବିଧାନସଭା ସମ୍ମୁଖରେ ୨ଦିନିଆ ଧାରଣା



ବାରିପଦା, (ସବ୍ୟୁ) : ରାଜ୍ୟ ସରକାରଙ୍କ ଡିପ୍ଲୋମା ଇଞ୍ଜିନିୟର ବିରୋଧୀ ନିଷ୍ପତ୍ତିକୁ ନେଇ ରାଜ୍ୟର ପ୍ରାୟ ୨୫ହଜାର ଡିପ୍ଲୋମା ଇଞ୍ଜିନିୟରଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି । ପଦୋନ୍ନତି ହାର ୬୦ପ୍ରତିଶତରୁ ୪୦ପ୍ରତିଶତକୁ ହ୍ରାସ କରାଯିବାକୁ ଡିପ୍ଲୋମା ଇଞ୍ଜିନିୟର ସେବା ସଂଘ ତୀବ୍ର ବିରୋଧ କରିବା ସହ ରାଜ୍ୟବ୍ୟାପୀ ଆନ୍ଦୋଳନ ପାଇଁ ଚେତାବନୀ ଦେଇଛି ।

ସଂଘର ଅଭିଯୋଗ ଅନୁଯାୟୀ, ରାଜ୍ୟ ସରକାର ଡିଗ୍ରୀ ଓ ଡିପ୍ଲୋମା ଇଞ୍ଜିନିୟରଙ୍କ କ୍ଷେତ୍ରରେ ବୈମାତୃକ ମନୋଭାବ ପୋଷଣ କରୁଛନ୍ତି । ଦୀର୍ଘ ବର୍ଷ ଧରି ସଂଘ ପକ୍ଷରୁ ଦୁଇଟି ମୌଳିକ ଦାବି ଉପସ୍ଥାପନ କରାଯାଇଆସୁଛି । ମୂଳ ନିଯୁକ୍ତି ପଦବୀରେ ଥିବା ସାତ ବର୍ଷର ପଦୋନ୍ନତି ପ୍ରତିବନ୍ଧକକୁ ଏକ ବର୍ଷକୁ ହ୍ରାସ କରିବା ଏବଂ ସହକାରୀ ନିର୍ବାହୀ ଯନ୍ତ୍ରୀ ପଦବୀକୁ ପଦୋନ୍ନତି ହାର ୪୦ପ୍ରତିଶତରୁ ୫୦ପ୍ରତିଶତକୁ ବୃଦ୍ଧି କରିବା ଏହି ଦାବିରେ ରହିଛି । ୨୦୧୮ ମସିହାରୁ ଡିଗ୍ରୀ ଓ ଡିପ୍ଲୋମା ଇଞ୍ଜିନିୟରଙ୍କ ମୂଳ ନିଯୁକ୍ତି ପଦବୀରେ ଥିବା ଅସଙ୍ଗତି ଦୂର କରିବାକୁ ସଂଘ ନିରନ୍ତର ଦାବି କରିଆସୁଛି । ଗତ ମାସରେ ମଧ୍ୟ ମୁଖ୍ୟମନ୍ତ୍ରୀ, ବିଭାଗୀୟ ମନ୍ତ୍ରୀ, ମୁଖ୍ୟ ସଚିବ, ଉନ୍ନୟନ କମିଶନର ଓ ବିଭାଗୀୟ ସଚିବଙ୍କୁ ଚିଠି ଲେଖିବା ସହ ସାକ୍ଷାତ କରି ସମସ୍ୟାର ସମାଧାନ ପାଇଁ ନିବେଦନ କରାଯାଇଥିଲା। ଆଲୋଚନା ମାଧ୍ୟମରେ ସମାଧାନର ପ୍ରତିଶ୍ରୁତି ମିଳିଥିଲେ ମଧ୍ୟ ସଂଘ ସହିତ ଆଲୋଚନା ନକରି ସରକାର ଏକତରଫା ଭାବେ ପଦୋନ୍ନତି ହାର ହ୍ରାସ କରିଥିବା ଅଭିଯୋଗ ହୋଇଛି । ସଂଘର କହିବା ଅନୁଯାୟୀ, ବର୍ତ୍ତମାନ ଡିଗ୍ରୀ ଇଞ୍ଜିନିୟରଙ୍କ ପାଇଁ ୮୨ପ୍ରତିଶତ ପଦୋନ୍ନତି ବ୍ୟବସ୍ଥା ଥିବାବେଳେ ଡିପ୍ଲୋମା ଇଞ୍ଜିନିୟରଙ୍କ କ୍ଷେତ୍ରରେ ଏହା ମାତ୍ର ୧୭ପ୍ରତିଶତ ରହିଛି । ଏଭଳି ସ୍ଥିତିରେ ଡିଗ୍ରୀ ଇଞ୍ଜିନିୟରଙ୍କ କ୍ୟାଡର ପୁନର୍ଗଠନ ନେଇ ସରକାର ଆଲୋଚନା କରୁଥିବାବେଳେ ଡିପ୍ଲୋମା ଇଞ୍ଜିନିୟରଙ୍କ ଦାବିକୁ ଅଣଦେଖା କରିବା ଅନ୍ୟାୟ ବୋଲି ସଂଘ ପ୍ରଶ୍ନ ଉଠାଇଛି ।

ଏହି ପରିପ୍ରେକ୍ଷାରେ ଗତକାଲି ଭୁବନେଶ୍ୱରସ୍ଥିତ ଓଡ଼ିଶା ଭବନରେ ରାଜ୍ୟର କାର୍ଯ୍ୟରତ, ନିଯୁକ୍ତି ଅପେକ୍ଷାରତ ଓ ଅବସରପ୍ରାପ୍ତ ଡିପ୍ଲୋମା ଇଞ୍ଜିନିୟରଙ୍କ ଏକ ବୈଠକ ମହାସଂଘର ଅଧକ୍ଷ ଇଂ. ନରେନ୍ଦ୍ର ଧର ଦ୍ୱିବେଦୀଙ୍କ ଉପସ୍ଥିତିରେ ଅନୁଷ୍ଠିତ ହୋଇଥିଲା । ଏଥିରେ ସରକାରଙ୍କ ନିଷ୍ପତ୍ତି ବିରୋଧରେ ରାଜ୍ୟବ୍ୟାପୀ ପ୍ରତିବାଦ କରିବା ସହ ଆସନ୍ତା ଡିସେମ୍ବର ଦ୍ୱିତୀୟ ସପ୍ତାହରେ ବିଧାନସଭା ସମ୍ମୁଖରେ ଦୁଇଦିନିଆ ଗଣଧାରଣା ଦେବାକୁ ନିଷ୍ପତ୍ତି ହୋଇଛି । ଏକ ମାସ ମଧ୍ୟରେ ସରକାର ଡିପ୍ଲୋମା ଇଞ୍ଜିନିୟରଙ୍କ ସମସ୍ୟାର ଉପଯୁକ୍ତ ସମାଧାନ ନକଲେ ଆନ୍ଦୋଳନକୁ ଆହୁରି ବ୍ୟାପକ କରାଯିବ ବୋଲି ସଂଘର ସଭାପତି ଇଂ. ଶ୍ରୀକାନ୍ତ ମହାପାତ୍ର ଓ ସାଧାରଣ ସମ୍ପାଦକ ଇଂ. ପ୍ରଭାତ କୁମାର ନାୟକ ଚେତାବନୀ ଦେଇଛନ୍ତି ।

ବ୍ରହ୍ମପୁରରେ ଅଶୋକ ଲେଲ୍ୟାଣ୍ଡର ୩୫ ଡିଲରସିପ୍

ଉଦଘାଟନ କଲା ଡିୟନ୍ ଅଟୋମୋଟିଭ୍



ବ୍ରହ୍ମପୁର, (ସବ୍ୟୁ): ଡିୟନ୍ ଗ୍ରୁପର ଅଟୋମୋବାଇଲ୍ ବ୍ୟବସାୟିକ ସଂସ୍ଥା ଡିୟନ୍ ଅଟୋମୋଟିଭ୍ ମଙ୍ଗଳବାର ଗଞ୍ଜାମ ଜିଲ୍ଲାର ବ୍ରହ୍ମପୁରଠାରେ ଅଶୋକ ଲେଲ୍ୟାଣ୍ଡର ନୂତନ ଏମ ଆଣ୍ଡ ଏଚସିଭି ଡିଲରସିପ ଉଦଘାଟିତ ହୋଇଛି। ଅଶୋକ ଲେଲ୍ୟାଣ୍ଡର ଚ୍ୟାନେଲ୍ ପାର୍ଟନର ଭାବେ ଏହି ଡିଲରସିପ୍ ଆରମ୍ଭ କରାଯାଇଛି । ଅଶୋକ ଲେଲ୍ୟାଣ୍ଡ ହେଉଛି ହିନ୍ଦୁଜା ଗ୍ରୁପର ପ୍ରମୁଖ ଭାରତୀୟ କମ୍ପାନୀ ଏବଂ ଦେଶର ଅଗ୍ରଣୀ ବାଣିଜ୍ୟିକ ଯାନ ନିର୍ମାତା । ଏହି ଉଦଘାଟନ ଡିୟନ୍ ଅଟୋମୋଟିଭ୍ ପକ୍ଷରୁ ଗୋଟିଏ ଦିନ ପୂର୍ବରୁ ଖୋର୍ଦ୍ଧାଠାରେ କରାଯାଇଛି ।

ଏହି ନୂତନ ଡିଲରସିପ୍ ମାଧ୍ୟମରେ ଗଞ୍ଜାମ, ଗଜପତି ଓ କନ୍ଧମାଳ ଜିଲ୍ଲାର ଫ୍ଲିଟ୍ ମାଲିକ ଏବଂ ପରିବହନ ବ୍ୟବସାୟୀମାନଙ୍କୁ ଅଶୋକ ଲେଲ୍ୟାଣ୍ଡର ବିକ୍ରୟ ଓ ସର୍ଭିସ୍ ସୁବିଧା ନିକଟରେ ଉପଲବ୍ଧ ହେବ । ୨୩,୦୦୦ ବର୍ଗଫୁଟ୍ ପରିମିତ ଏହି ସୁବିଧାରେ ୮ଟି ସର୍ଭିସ୍ ବେ ରହିଛି । ଏଠାରେ ହ୍ୱିଲ୍ ଆଲାଇନମେଣ୍ଟ ମେସିନ୍, ନ୍ୟୁମାଟିକ୍ ସିଷ୍ଟମ୍, ଦୁର୍ଘଟଣାଗ୍ରସ୍ତ ଯାନର ମରାମତି ପାଇଁ ସ୍ୱତନ୍ତ୍ର ବେ ଏବଂ ମୋବାଇଲ୍ ସର୍ଭିସ୍ ଭ୍ୟାନ୍ ସମେତ ଆଧୁନିକ ଯନ୍ତ୍ରପାତି ଓ ଉପକରଣ ରହିଛି । ଏହା ସହିତ ନିରବଚ୍ଛିନ୍ନ ସେବା ସୁନିଶ୍ଚିତ କରିବା ପାଇଁ ଏଠାରେ ପ୍ରଶିକ୍ଷିତ ଟେକ୍ନିସିଆନ ମାନଙ୍କର ଏକ ଟିମ୍ ମଧ୍ୟ ରହିଛି । ବ୍ରହ୍ମପୁର ଓ ଖୋର୍ଦ୍ଧାରେ ଏହି ଦୁଇଟି ଡିଲରସିପ୍ ପ୍ରତିଷ୍ଠା ଡିୟନ୍ ଅଟୋମୋଟିଭର ବାଣିଜ୍ୟିକ ଯାନ (କମର୍ସିଆଲ୍ ଭେହିକିଲ୍) କ୍ଷେତ୍ରରେ ପ୍ରବେଶକୁ ସୂଚିତ କରୁଛି । ଡିୟନ୍ ଅଟୋମୋଟିଭ୍ ପୂର୍ବରୁ ଭୁବନେଶ୍ୱର, କଟକ, ପୁରୀ, ବାଲୁଗାଁ, ବ୍ରହ୍ମପୁର, ଭଞ୍ଜନଗର ଏବଂ ଫୁଲବାଣୀଠାରେ ଟାଟା ମୋଟର୍ସ ପାସେଞ୍ଜର୍ ଭେହିକିଲ୍ସ ଓ ଟାଟା ମୋଟର୍ସ ଇଲେକ୍ଟ୍ରିକ୍ ମୋବିଲିଟିର ଡିଲରସିପ୍ ପରିଚାଳନା କରୁଛି । ଏହା ବ୍ୟତୀତ ଭୁବନେଶ୍ୱର ଓ କଟକଠାରେ ଏଥର ଏନର୍ଜିର ଇଲେକ୍ଟ୍ରିକ୍ ଷ୍ଟାଟର୍ ଡିଲରସିପ୍ ମଧ୍ୟ ପରିଚାଳନା କରୁଛି । ଡିୟନ୍ ଅଟୋମୋଟିଭର ନିର୍ଦ୍ଦେଶକ ମନୋଜ କୁମାର ସାହୁ କହିଛନ୍ତି, ବ୍ରହ୍ମପୁର ଦକ୍ଷିଣ ଓଡ଼ିଶାର ଏକ ପ୍ରମୁଖ ବାଣିଜ୍ୟିକ କେନ୍ଦ୍ର । ଏହି ଅଞ୍ଚଳର ପରିବହନ ବ୍ୟବସାୟୀ ଏବଂ ଫ୍ଲିଟ୍ ମାଲିକମାନଙ୍କ ନିକଟରେ ଅଶୋକ ଲେଲ୍ୟାଣ୍ଡର ବିଶ୍ୱସନୀୟ ଉତ୍ପାଦ ଓ ସେବା ପହଞ୍ଚାଇବାକୁ ଆମେ ଗର୍ବିତ । ଖୋର୍ଦ୍ଧା ପରେ ଏହି ଡିଲରସିପର ଶୁଭାରମ୍ଭ ଆମ ଗ୍ରାହକମାନଙ୍କ ପାଇଁ ଏକ ସୁଦୃଢ଼ ଅଶୋକ ଲେଲ୍ୟାଣ୍ଡ ନେଟୱର୍କ ଗଠନ କରିବା ପ୍ରତି ଆମର ପ୍ରତିବଦ୍ଧତାକୁ ଦର୍ଶାଉଛି । ଆମର ଅଧକ୍ଷ ସୁରେଶ ଚନ୍ଦ୍ର ସାହୁଙ୍କ ମାର୍ଗଦର୍ଶନରେ ଡିୟନ୍ ଗ୍ରୁପ୍ ସର୍ବଦା ଗ୍ରାହକମାନଙ୍କୁ ପ୍ରାଥମିକତା ଦେଇଆସିଛି ଏବଂ ଏହି ସହଭାଗିତାରେ ମଧ୍ୟ ଆମେ ସେହି ପ୍ରତିବଦ୍ଧତାକୁ ଆଗକୁ ବଢ଼ାଇବୁ । ଅଶୋକ ଲେଲ୍ୟାଣ୍ଡର ନ୍ୟାସନାଲ୍ ସେଲ୍ସ ହେଡ୍ ସୁଶ୍ରୀ ମାଧବୀ ଦେଶମୁଖ କହିଛନ୍ତି, ଖୋର୍ଦ୍ଧା ସୁବିଧା ପରେ ବ୍ରହ୍ମପୁରରେ ଏହି ଡିଲରସିପର ଉଦଘାଟନ ପୂର୍ବ ଭାରତ, ବିଶେଷକରି ଓଡ଼ିଶାରେ ଆମର ଉପସ୍ଥିତିକୁ ସୁଦୃଢ଼ କରିବା ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ।

୯ ଦଫା ଦାବିରେ ଜେଏମ୍ଏମ୍ର ଡିସେମ୍ବର ୯ରେ ମୟୂରଭଞ୍ଜ ବନ୍ଦ ଡାକରା



ବାରିପଦା, (ସବ୍ୟୁ) : ମୟୂରଭଞ୍ଜ ଜିଲ୍ଲାର ସାମଗ୍ରିକ ବିକାଶ, ଆଦିବାସୀଙ୍କ ହକ୍ ଓ ଅଧିକାରର ସୁରକ୍ଷା ସହ ଜନସାଧାରଣଙ୍କ ବିଭିନ୍ନ ମୌଳିକ ସମସ୍ୟାର ସମାଧାନ ଦାବିରେ ଡିସେମ୍ବର ୯ ତାରିଖରେ ଜିଲ୍ଲାବ୍ୟାପୀ ବନ୍ଦ ଡାକରା ଦେଇଛି ଝାରଖଣ୍ଡ ମୁକ୍ତି ମୋର୍ଚ୍ଚା (ଜେଏମ୍ଏମ୍) ।

ଏନେଇ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଦଳର ଜିଲ୍ଲା ସଭାପତି କୃଷ୍ଣଚନ୍ଦ୍ର ଦାସ ଅଧକ୍ଷତା କରିଥିବାବେଳେ ଜିଲ୍ଲା ଉପସଭାପତି ରାଜା ହେମ୍ବ୍ରମ, ସାଧାରଣ ସମ୍ପାଦକ ଶୈଳେନ୍ଦ୍ର ହେମ୍ବ୍ରମ ପ୍ରମୁଖ ଉପସ୍ଥିତ ରହି ବନ୍ଦ ଡାକରାର କାରଣ ଓ ଦାବି ସମ୍ପର୍କରେ ଅବଗତ କରାଇଥିଲେ । ଦଳ ପକ୍ଷରୁ ଉପସ୍ଥାପିତ ୯ ଦଫା ଦାବି ମଧ୍ୟରେ ଆଦିବାସୀଙ୍କ ପରମ୍ପରା ଓ ସଂସ୍କୃତିର ସୁରକ୍ଷା, କେନ୍ଦୁଝର ଜିଲ୍ଲାର ବାଂସନ୍ତପୁର ଜାହିରା ଘଟଶାର ପୁନରାବୃତ୍ତି ରୋକିବାକୁ ସ୍ୱତନ୍ତ୍ର ବ୍ୟବସ୍ଥା, ଜିଲ୍ଲାର ସ୍ୱାସ୍ଥ୍ୟସେବାର ଉନ୍ନତି, ଇ-୨୦ ପେଟ୍ରୋଲ ଓ ଡିଜେଲ ଦର ହ୍ରାସ ସହ ବସ୍ ଭଡ଼ା କମାଇବା ଏବଂ ବେକାରୀ ଦୂର ପାଇଁ ଶିଳ୍ପ ପ୍ରତିଷ୍ଠା ଆଦି ରହିଛି ।

ସେହିପରି ଜିଲ୍ଲାରେ ରେଳ ସଂଯୋଗୀକରଣର ବିକାଶ, ବର୍ଷାରେ କ୍ଷତିଗ୍ରସ୍ତ ରାସ୍ତା ଓ ପୋଲର ମରାମତି ସହ ସ୍ୱତନ୍ତ୍ର ଆର୍ଥିକ ପ୍ୟାକେଜ୍ ଘୋଷଣା, ୩୦୦ ୟୁନିଟ୍ ବିଦ୍ୟୁତ୍ ଛାଡ଼, ଭତ୍ତା ରାଶି ୩ ହଜାର ଟଙ୍କାକୁ ବୃଦ୍ଧି, ବକେୟା ଭତ୍ତା ପ୍ରଦାନ, କୃଷି ଋଣ ଛାଡ଼ ଏବଂ ଗ୍ରାମାଞ୍ଚଳ ବିଦ୍ୟାଳୟରେ ଆବଶ୍ୟକ ଶିକ୍ଷକ ନିଯୁକ୍ତି ଆଦି ଦାବି ରହିଛି । ସାମ୍ବାଦିକ ସମ୍ମିଳନୀରେ ଜିଲ୍ଲାବାସୀ ଆଜି ମଧ୍ୟ ସ୍ୱାସ୍ଥ୍ୟ, ଶିକ୍ଷା, ନିଯୁକ୍ତି, ଗମନାଗମନ ଓ କୃଷି କ୍ଷେତ୍ରରେ ବିଭିନ୍ନ ସମସ୍ୟାର ସମ୍ମୁଖୀନ ।

ଏହି ବନ୍ଦ କୌଣସି ବ୍ୟକ୍ତିଗତ ସ୍ୱାର୍ଥ କିମ୍ବା ରାଜନୈତିକ କ୍ଷମତା ପାଇଁ ନୁହେଁ, ବରଂ ଜିଲ୍ଲାବାସୀଙ୍କ ନ୍ୟାଯ୍ୟ ଅଧିକାର । ଏହି ଆନ୍ଦୋଳନକୁ ସଫଳ କରିବା ପାଇଁ ଜିଲ୍ଲାର ସମସ୍ତ ବର୍ଗର ଜନସାଧାରଣ, ବୁଦ୍ଧିଜୀବୀ, ଯୁବସମାଜ, ବ୍ୟବସାୟୀ ଓ ସାମାଜିକ ସଂଗଠନଗୁଡ଼ିକର ସହଯୋଗ ଲୋଡ଼ିଛି ଦଳ । ସାମ୍ବାଦିକ ସମ୍ମିଳନୀରେ ବାରିପଦା ଟାଉନ ସଭାପତି ତରେନ ସେନାପତି, ସୁଜିତ ବେହେରା ଓ ଅଭିଷେକ ଦଣ୍ଡପାଟ ପ୍ରମୁଖ ଉପସ୍ଥିତ ଥିଲେ ।

ଯୁବତୀଙ୍କୁ ପ୍ରତାରଣା ସହ ୧୦ ଲକ୍ଷ ଠକେଇ ଜେଲ୍ ଗଲା ଅଭିଯୁକ୍ତ

ବ୍ରହ୍ମପୁର, (ସବ୍ୟୁ) : ବିବାହର ମିଥ୍ୟା ପ୍ରତିଶ୍ରୁତି ଦେଇ ଜଣେ ୨୩ ବର୍ଷୀୟା ଯୁବତୀଙ୍କ ସହ ଶାରୀରିକ ସମ୍ପର୍କ ରଖିବା ଏବଂ ତାଙ୍କ ଠାରୁ ୧୦ ଲକ୍ଷ ଟଙ୍କାରୁ ଊର୍ଦ୍ଧ୍ୱର୍ ଠକେଇ ଓ ପ୍ରତାରଣା ଅଭିଯୋଗରେ ନିମଖଣ୍ଡି ଥାନା ପୋଲିସ ଜଣେ ଯୁବକଙ୍କୁ ଗିରଫ କରିଛି । ଅଭିଯୁକ୍ତ ଜଣଙ୍କ ଦିଗପହଣ୍ଡି ବସ୍‌ଷ୍ଟଫାଣ୍ଡ ନିକଟ ଗଜାନନ ନଗରର କାଳିଆ ବେହେରା (୨୯) । ପୋଲିସ ଟିମ୍ ବ୍ରହ୍ମପୁର ରେଳ ଷ୍ଟେସନ ନିକଟରୁ ଅଭିଯୁକ୍ତଙ୍କୁ କାବୁ କରିଥିଲା । ଉଭୟ ପାଟିତା ଓ ଅଭିଯୁକ୍ତଙ୍କ ଡାକ୍ତରୀ ମଇନା କରାଯାଇଛି ।

କୋର୍ଟରେ ପାଟିତାଙ୍କବୟାନ ରେକର୍ଡ କରାଯାଇଛି । କେସ୍ ନଂ ୨୧୦/ ୨୬ରେ ଆଜି କୋର୍ଟ ଚାଲାଣ କରାଯାଇଛି । ଘଟଣାରୁ ପ୍ରକାଶ ଯେ ଜଣେ ଭିନ୍ନକ୍ଷମ ଯୁବତୀଙ୍କୁ ବିବାହ କରିବାର ପ୍ରତିଶୃତି ଦେଇ ଗତ ୭ ବର୍ଷ ଧରି ତାଙ୍କ ସହ ଶାରୀରିକ ସମ୍ପର୍କ ରଖିଥିଲେ । ଏଥିସହ ବିଭିନ୍ନ ସମୟରେ ନଗଦ ଟଙ୍କା ଓ ଫୋନପେ ମାଧ୍ୟମରେ ଯୁବତୀଙ୍କଠାରୁ ୧୦ ଲକ୍ଷ ଟଙ୍କାରୁ ଅଧିକ ନେଇଥିଲେ । ହେଲେ ଅଭିଯୁକ୍ତ ଜଣଙ୍କ ତାଙ୍କର ସମ୍ପର୍କୀୟଙ୍କ ଝିଅକୁ ବାହା ହୋଇ ଗୁଜରାଟର ଏହା ଅହମେଦାବାଦ ଚାଲିଯାଇ ସେଠାରେ ଏକ କାମ କରୁଥିଲେ । ପରବର୍ତ୍ତୀ ସମୟରେ ଯୁବତୀଙ୍କୁ ବିବାହ କରିବାକୁ ସେ ମନା କରିଥିଲେ । ପୀଡିତା ପ୍ରତାରଣା ଓ ଠକେଇର ଶିକାର ହୋଇଥିବା ଜାଣି ଏନେଇ ନିମଖଣ୍ଡି ଥାନାରେ ଅଭିଯୋଗ କରିଥିଲେ । ପୋଲିସ ଘଟଣାର ତଦନ୍ତ ଜାରି ରଖିଥିଲା । ଅଭିଯୁକ୍ତ ବ୍ରହ୍ମପୁର ଆସୁଥିବା ଖବର ପାଇ ପୋଲିସ ତାଙ୍କୁ ଟ୍ରେନରେ ଆନ୍ଧ୍ରପ୍ରଦେଶର ପଲାସା ନିକଟରୁ ଚିକି କରି ଶେଷରେ ବ୍ରହ୍ମପୁର ଷ୍ଟେସନରେ କାବୁ କରିଥିଲା ବୋଲି ଜଣାପଡିଛି ।

TPCODL

ଟାଟା ପାୱାର୍ କମ୍ପାନୀ ଓଡ଼ିଶା ଲିମିଟେଡ୍

ନିବେଦନ

ଟିପିସିଓଡିଏଲ୍ ରେ ବିଜନେସ୍ ଆସୋସିଏଟ୍ ସଂସ୍ଥା ଏବଂ ସେମାନଙ୍କର କର୍ମଚାରୀମାନେ ସର୍ବଦା ଆମର ମୂଲ୍ୟବାନ ଅଂଶୀଦାର ହୋଇ ରହିଆସିଛନ୍ତି। ବାତ୍ୟା ଏବଂ ଅନ୍ୟାନ୍ୟ ପ୍ରାକୃତିକ ବିପର୍ଯ୍ୟୟ ସମୟରେ ଭରସାଯୋଗ୍ୟ ବିଦ୍ୟୁତ୍ ସେବା ସୁନିଶ୍ଚିତ କରିବା ଏବଂ ବିଦ୍ୟୁତ୍ ସେବାର ତ୍ୱରିତ ପୁନରୁଦ୍ଧାର କାର୍ଯ୍ୟରେ ଆପଣମାନଙ୍କର ସହଯୋଗ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଆସିଛି।

ବର୍ତ୍ତମାନ ଓଡ଼ିଶା ଆସନ୍ନ ବାତ୍ୟା ଅକଭାନ ର ସମ୍ମୁଖୀନ ହେବାକୁ ଯାଉଛି। ଏହି କଠିନ ସମୟରେ ଏକଜୁଟ ହୋଇ ନିଜର ପୂର୍ଣ୍ଣ ସହଯୋଗ ପ୍ରଦାନ କରିବାକୁ ଆମେ ଆମର ସମସ୍ତ ବିଜନେସ୍ ଆସୋସିଏଟ୍ ସଂସ୍ଥା ଏବଂ ସେମାନଙ୍କର କର୍ମଚାରୀମାନଙ୍କୁ ନିବେଦନ କରୁଛୁ।

ଯେଉଁ ବିଜନେସ୍ ଆସୋସିଏଟ୍ କର୍ମଚାରୀମାନେ ଦୁର୍ଗା ପୂଜା, ଲକ୍ଷ୍ମୀ ପୂଜା ଏବଂ ବାତ୍ୟା ଅର୍ଣ୍ଣବ ସମୟରେ କାର୍ଯ୍ୟରେ ଯୋଗ ଦେଇନାହାନ୍ତି ଏବଂ ବର୍ତ୍ତମାନ ଲୋୟର ପିଏମଜି ରେ ଅଛନ୍ତି, ସେମାନଙ୍କୁ ପରାମର୍ଶ ଦିଆଯାଉଛି ଯେ ସେମାନେ ଆଉ ବିଳମ୍ବ ନକରି ତୁରନ୍ତ ନିଜ ନିଜର ଟିପିସିଓଡିଏଲ୍ ଡିଭିଜନକୁ ଫେରିଆସନ୍ତୁ ଏବଂ ନିଜର ନିର୍ଦ୍ଧାରିତ ଦାୟିତ୍ୱ ଗ୍ରହଣ କରନ୍ତୁ। ବାତ୍ୟା ମୁକାବିଲା ପାଇଁ ପ୍ରଭାବଶାଳୀ ପ୍ରସ୍ତୁତି, ତ୍ୱରିତ ପଦକ୍ଷେପ ଏବଂ ଯଥାଶୀଘ୍ର ବିଦ୍ୟୁତ୍ ସେବା ପୁନରୁଦ୍ଧାର ପାଇଁ ସେମାନଙ୍କର ଉପସ୍ଥିତି ଅତ୍ୟନ୍ତ ଜରୁରୀ।ଆସନ୍ତୁ, ଆମେ ସମସ୍ତେ ଏହି ପରିସ୍ଥିତିର ଦୃଢ଼ତାର ସହ ସାମ୍ନା କରିବା, ଆମର ମିଳିତ ଦାୟିତ୍ୱବୋଧକୁ ବଜାୟ ରଖିବା ଏବଂ ଓଡ଼ିଶାବାସୀଙ୍କ ସେବାରେ ଏକାଠି ଠିଆ ହେବା।

ରେଳ ମନ୍ତ୍ରଣାଳୟ
[ପୂର୍ବ ତଟ ରେଳପଥ]
ବିଜ୍ଞପ୍ତି
ଭୁବନେଶ୍ୱର, 27 ଅକ୍ଟୋବର ୨୦୨୬
ରେଳବାଇ ଆଇନ-୧୯୮୯ର ଧାରା ୨୦ଇ ଅନୁଯାୟୀ ନୋଟିସ୍

(ଏସ୍. ଓ. 5795) - ଯେତେବେଳେ, ରେଳ ମନ୍ତ୍ରଣାଳୟ (ପୂର୍ବ ତଟ ରେଳପଥ, ନିର୍ମାଣ ସଂଗଠନ), ବିଜ୍ଞପ୍ତି ନମ୍ବର, ଏସ୍. ଓ ୩୮୨୫ (ଇ) ତାରିଖ ୨୨ ଜାନୁଆରୀ, ୨୦୨୬ ଅନୁଯାୟୀ, ଭାରତ ସରକାରଙ୍କ ବିଜ୍ଞପ୍ତି ତାରିଖ ୨୨ ଜାନୁଆରୀ, ୨୦୨୬ରେ ପ୍ରକାଶିତ ଗେଜେଟ୍ ଅଫ୍ ଇଣ୍ଡିଆ, ଅସାଧାରଣ, ଭାଗ ।।, ଧାରା ୩ ଉପ-ଧାରା (ii), (ଏଠାରେ ଉକ୍ତ ବିଜ୍ଞପ୍ତି ଭାବରେ ଉଲ୍ଲେଖ କରାଯାଇଛି) ଏବଂ ରେଳବାଇ ଆଇନ, ୧୯୮୯ (୧୯୮୯ର ୨୪) (ଏଠାରେ ଉକ୍ତ ଆଇନ ଭାବରେ ଉଲ୍ଲେଖ କରାଯାଇଛି) ର ଧାରା ୨୦A ର ଉପ-ଧାରା (୧) ଅଧୀନରେ ଜାରି କରାଯାଇଛି, କେନ୍ଦ୍ର ସରକାର ଓଡିଶା ରାଜ୍ୟର ଖୋର୍ଦ୍ଧା ଜିଲ୍ଲାରେ "ଓଡିଶା ଏବଂ ଆନ୍ଧ୍ର ପ୍ରଦେଶ ରାଜ୍ୟ ରେ ପୂର୍ବ ତଟ ରେଳପଥ ର ଖୋର୍ଦ୍ଧା ରୋଡ ଏବଂ ୱାଲ୍ଟେୟାର୍ ଡିଭିଜନ ଅଧୀନ ରେ ଭଦ୍ରକ - ବିଜୟନଗରମ (୫୨୫ କି ମି) ମଝି ରେ ସ୍ୱୀକୃତ ତୃତୀୟ ରେଳପଥ ପ୍ରକଳ୍ପ ଅନ୍ତର୍ଭୁକ୍ତ ନିର୍ଗୁଣ୍ଡୀ - ବାରଙ୍ଗ (୨୨ କି ମି) ଏବଂ ଖୋର୍ଦ୍ଧା ରୋଡ - ବିଜୟନଗରମ (୩୬୩ କି ମି) ମଝି ରେ ତୃତୀୟ ରେଳପଥ ନିର୍ମାଣ" ନାମକ ସ୍ୱତନ୍ତ୍ର ରେଳ ପ୍ରକଳ୍ପର ନିର୍ମାଣ, ରକ୍ଷଣାବେକ୍ଷଣ, କାର୍ଯ୍ୟକାରୀ, ଏବଂ ପରିଚାଳନା ଉଦ୍ଦେଶ୍ୟରେ ଉକ୍ତ ବିଜ୍ଞପ୍ତି ସହିତ ସଂଲଗ୍ନ ଏବଂ ଏଥିରେ ସଂଲଗ୍ନ ସୂଚୀରେ ନିର୍ଦ୍ଦିଷ୍ଟ ଜମି ର ଅଧିଗ୍ରହଣ ଘୋଷଣା କରୁଛନ୍ତି।

ଏବଂ ଯେହେତୁ, ଉକ୍ତ ଆଇନର ଧାରା ୨୦କ ର ଉପ-ଧାରା (୪) ଅନ୍ତର୍ଗତ; ଉକ୍ତ ବିଜ୍ଞପ୍ତିର ସାରାଂଶ ଦୈନିକ ସ୍ଥାନୀୟ ସମ୍ବାଦପତ୍ର ରେ ଓଡିଆ ରେ "ଧରିତ୍ରୀ" (ଭୁବନେଶ୍ୱର ସଂସ୍କରଣ) ରେ ୧୩ ଫେବୃଆରି, ୨୦୨୬ ରେ ଏବଂ ଇଂରାଜୀରେ 'ଦି ଟାଇମ୍ସ ଅଫ୍ ଇଣ୍ଡିଆ' (ଭୁବନେଶ୍ୱର ସଂସ୍କରଣ) ରେ ୧୩ ଫେବୃଆରି, ୨୦୨୬ ରେ ପ୍ରକାଶିତ ହୋଇଥିଲା,

ଏବଂ ଯେଉଁଠାରେ, କୌଣସି ଆପତ୍ତି ଗ୍ରହଣ କରାଯାଇ ନାହିଁ; ଦକ୍ଷ କର୍ତ୍ତୃପକ୍ଷ ଉକ୍ତ ଆଇନର ଧାରା ୨୦ଘ ଅନୁଯାୟୀ ସୂଚନା ଦେଲେ।

ଏବଂ ଯେଉଁଠାରେ, ଉକ୍ତ ଆଇନର ଧାରା ୨୦ଇ ର ଉପ-ଧାରା (୧) ଅନୁଯାୟୀ, ଦକ୍ଷ କର୍ତ୍ତୃପକ୍ଷ କେନ୍ଦ୍ର ସରକାରଙ୍କୁ ତାଙ୍କର ରିପୋର୍ଟ ପ୍ରଦାନ କରିଛନ୍ତି।

ତେଣୁ, ଦକ୍ଷ କର୍ତ୍ତୃପକ୍ଷଙ୍କ ରିପୋର୍ଟ ପ୍ରାପ୍ତ ହେବା ପରେ, ଏବଂ ଉକ୍ତ ଆଇନର ଧାରା ୨୦ଇ ର ଉପ-ଧାରା (୧) ଦ୍ୱାରା ପ୍ରଦତ୍ତ କ୍ଷମତା ବ୍ୟବହାର କରି, କେନ୍ଦ୍ର ସରକାର ଏହା ଦ୍ୱାରା ଘୋଷଣା କରୁଛନ୍ତି ଯେ ଏଠାରେ ସଂଲଗ୍ନ ସୂଚୀରେ ନିର୍ଦ୍ଦିଷ୍ଟ ଜମି ଗୁଡିକ ଉପରୋକ୍ତ ଉଦ୍ଦେଶ୍ୟ ପାଇଁ ଅଧିଗ୍ରହଣ କରାଯିବ;

ଏବଂ ଏହା ସହିତ, ଉକ୍ତ ଆଇନର ଧାରା ୨୦ଇ ର ଉପ-ଧାରା (୨) ଅନୁଯାୟୀ, କେନ୍ଦ୍ର ସରକାର ଏହା ଦ୍ୱାରା ଘୋଷଣା କରୁଛନ୍ତି ଯେ ସରକାରୀ ଗେଜେଟ ରେ ବିଜ୍ଞପ୍ତି ପ୍ରକାଶନ ପରେ, ଏଠାରେ ସ

ବନ୍ୟପ୍ରାଣୀ ଚୋରା ଚାଲାଣ ଉଦ୍ୟମ ପଣ୍ଡ

୫୦ କଇଁଛ ଜବତ, ଦୁଇ ଅଟକ



ମାଲକାନଗିରି,(ସବୁ୍ୟ): ମାଲକାନଗିରି ଜିଲ୍ଲାର କାଲିମେଳା ବନାଞ୍ଚଳ ଅନ୍ତର୍ଗତ ଜବାନପାଲ୍ଲୀ କୋଇମେଟଲା ରାସ୍ତା ନିକଟରେ ବନ ବିଭାଗର ଚଢ଼ାଉ ବେଳେ ୫୦ଟି ଭାରତୀୟ ଫ୍ଲାପ୍ସେଲ୍ଟ ପ୍ରଜାତିର କଇଁଛ ଜବତ ହୋଇଛି। ବେଆଇନ ବନ୍ୟପ୍ରାଣୀ ଚାଲାଣ ସନ୍ଦେହରେ ଦୁଇଜଣଙ୍କୁ ଅଟକ ରଖାଯିବା ସହ ଚାଲାଣରେ ବ୍ୟବହୃତ ଦୁଇଟି ମୋଟରସାଇକେଲ ମଧ୍ୟ ଜବତ କରାଯାଇଛି। ବନ ବିଭାଗର ସୂଚନା ଅନୁଯାୟୀ, ୧୭ ନଭେମ୍ବର ୨୦୨୬ ତାରିଖ ସକାଳ ପ୍ରାୟ ୬ଟା ୨୫ ମିନିଟ ସମୟରେ କାଲିମେଳା ସେକ୍ସନର ବନ କର୍ମଚାରୀମାନେ ଉକ୍ତ ରାସ୍ତାରେ ନିୟମିତ ପାଟ୍ରୋଲିଂ କରୁଥିବା ବେଳେ ଦୁଇଜଣଙ୍କୁ ସନ୍ଦେହରେ ଅଟକାଇ ଯାଞ୍ଚ କରିଥିଲେ । ସେମାନେ ହେଲେ ଏମ୍ପିଭି-୬୪ ଗ୍ରାମର ମହାଦେବ ଗାଇନଙ୍କ ପୁଅ ଦେବବ୍ରତ ଗାଇନ ଏବଂ ରାମପଦ ମଣ୍ଡଳଙ୍କ ପୁଅ ନବଗୋପାଳ ମଣ୍ଡଳ। ଯାଞ୍ଚ ସମୟରେ ସେମାନଙ୍କ ନିକଟରୁ ୫୦ଟି ଭାରତୀୟ ଫ୍ଲାପ୍ସେଲ୍ଟ କଇଁଛ ମିଳିଥିଲା । ବନ୍ୟପ୍ରାଣୀଗୁଡ଼ିକୁ ବେଆଇନ ଭାବେ ପରିବହନ କରି ବାଣିଜ୍ୟ ଉଦ୍ଦେଶ୍ୟରେ ନିଆଯାଉଥିବା ସନ୍ଦେହରେ ବନ ବିଭାଗ କଇଁଛ ଗୁଡ଼ିକ ସହ ଦୁଇଟି ମୋଟରସାଇକେଲ ଜବତ କରିଥିଲା । ପରେ ଅଟକ ଦୁଇଜଣଙ୍କୁ ଜବତ କଇଁଛ ଓ ମୋଟରସାଇକେଲ ସହ କାଲିମେଳା ବନାଞ୍ଚଳ କାର୍ଯ୍ୟାଳୟକୁ ନିଆଯାଇଛି । ବନ୍ୟପ୍ରାଣୀ (ସୁରକ୍ଷା) ଆଇନ, ୧୯୭୨ର ବ୍ୟବସ୍ଥା ଅନୁଯାୟୀ ଆବଶ୍ୟକ ବିଭାଗୀୟ ପ୍ରକ୍ରିୟା ସହ ପରବର୍ତ୍ତୀ ଆଇନଗତ କାର୍ଯ୍ୟାନୁଷ୍ଠାନ ଜାରି ରହିଛି ।

ଟାୟାର ଫ୍ୟାକ୍ଟ୍ରିର ବିଷାକ୍ତ ପ୍ରଦୂଷଣରେ ୩ ଗୁରୁତର ଘଟଣା

ଗ୍ରାମବାସୀ ତହସିଲ ଓ ଥାନାର ଦ୍ୱାରସ୍ଥ



ମୁରିବାହାଲ,(ସବୁ୍ୟ): ବଲାଙ୍ଗିର ଜିଲ୍ଲା ମୁରିବାହାଲ ବ୍ଲକ ଚଣାବାହାଲ ଓ ବଡ଼ସାଇମରା ପଞ୍ଚାୟତ ମଧ୍ୟବର୍ତ୍ତୀ ଧାତୁକଜୁରୀ ମୌଜାରେ ଥିବା ବାଙ୍କେବିହାରୀ ଅଏଲ ଫାର୍ମ ନାମକ ଏକ ଟାୟାର ଫ୍ୟାକ୍ଟ୍ରିର ବିଷାକ୍ତ ପ୍ରଦୂଷଣ ଧୂଆଁରେ ଗତ ୧୧ତାରିଖ ଚଣାବାହାଲ ଗ୍ରାମର ୩ଜଣ ଜୟସିଂ ମନହିରା,ତାଙ୍କ ସ୍ତ୍ରୀ ସୁଫଳ ମନହିରା ଓ ଦୁର୍ମିଲା ମେହେର ଫ୍ୟାକ୍ଟ୍ରିର ବିଷାକ୍ତ ଧୂଆଁରେ ଅଣନିଶ୍ୱାସୀ ହୋଇ ଗୁରୁତର ହୋଇପଡ଼ିଥିଲେ । ତିନିଜଣଙ୍କୁ ତୁରନ୍ତ କଣ୍ଟାବାଞ୍ଜି ମେଡିକାଲ ରେ ଭର୍ତ୍ତି କରାଯାଇଥିଲା।। ଏହାରି ପ୍ରତିବାଦରେ ଅଞ୍ଚଳବାସୀ ଏହାକୁ ତୁରନ୍ତ ବନ୍ଦ ଦାବୀରେ ଗତ ଗୁରୁବାର ପ୍ରଶାସନର ଦ୍ୱାରସ୍ଥ ହୋଇ ଲିଖିତ ଦାବିପତ୍ର ଦେଇଥିଲେ । କିନ୍ତୁ ପ୍ରଶାସନ ପକ୍ଷରୁ କୌଣସି ପଦକ୍ଷେପ ଗ୍ରହଣ କରାଯାଇନଥିବା ଚଣାବାହାଲ ଗ୍ରାମବାସୀ ଅଭିଯୋଗ କରି ମଙ୍ଗଳବାର ପୁଣି ତହସିଲଦାର ଓ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି । ଲିଖିତ ଦାବି ମୁତାବକ ଏହି ଫ୍ୟାକ୍ଟ୍ରିରେ ପୁରୁଣା ଟାୟାରକୁ ପୋଡି ପାୟୋରୋଲିସିସ ତେଲ ବାହାର କରିବା ଦ୍ୱାରା ଦୁର୍ଗନ୍ଧ ଓ ମାରାତ୍ମକ ଗ୍ୟାସ ବାହାରୁଛି ଫଳରେ ଲୋକେ ଅଣନିଶ୍ୱାସୀ ହୋଇ ଶ୍ୱାସରୋଗରେ ଆକ୍ରାନ୍ତ ହେବା ସହ ମୁଣ୍ଡ ବିନ୍ଧା ଓ ଅନ୍ୟାନ୍ୟ ରୋଗରେ ଆକ୍ରାନ୍ତ ହେଉଛନ୍ତି । ବିଶେଷ କରି ବୟୋଜ୍ୟେଷ୍ଠ ବ୍ୟକ୍ତି ଓ ଗର୍ଭବତୀ ମହିଳାମାନଙ୍କ ଜୀବନ ଅତ୍ୟନ୍ତ ଅସ୍ତବ୍ୟସ୍ତ ହେବା ସହ ନିଶ୍ୱାସ ପ୍ରଶ୍ୱାସ ନେବାରେ କଷ୍ଟ ହେଉଛି । ୧୯୮୧ ବାୟୁ ପ୍ରଦୂଷଣ ନିୟମ ଓ ୧୯୮୪ ଭୋପାଳ ଗ୍ୟାସ ଟ୍ରାଜେଡି ପରେ ୧୯୮୬ରେ ସୁପ୍ରିମକୋର୍ଟ ଜନବସତି ଅଞ୍ଚଳକୁ ଲାଗି ଦୁର୍ଗନ୍ଧ ଧୂଆଁ ବାହାରୁଥିବା ଓ ମଣିଷକୁ ହାନିକାରକ କୌଣସି କଳ କାରଖାନା କରାଯାଇ ପାରିବ ନାହିଁ ବୋଲି ସ୍ପଷ୍ଟ ଉଲ୍ଲେଖ ଥିବା ଅଭିଯୋଗ କରିଛନ୍ତି ।

ସେହିପରି ଚଣାବାହାଲରୁ ଧାତୁକଜୁରୀକୁ ସଂଯୋଗ କରୁଥିବା ସରକାରୀ ବାଏପାସ ରାସ୍ତା(୪୦୩ ଓ ୩୪ନ ପ୍ଲଟ)କୁ ଫ୍ୟାକ୍ଟ୍ରି ମାଲିକ ରାତାରାତି ବାଡ଼ ତିଆରି କରି ରାସ୍ତା ଅବରୋଧ କରିରଖିଛି । ତୁରନ୍ତ ଏହି ରାସ୍ତାକୁ ସରକାରୀ ଭାବେ ମାପ କରି ଖୋଲାଯିବା ପାଇଁ ଦାବୀ କରିଛନ୍ତି । ତହସିଲଦାର ଜଗଦୀଶ କର୍ତ୍ତାମୀ ଓ ଥାନା ଏସଆଇ ସର୍ବେଶ୍ୱର ସାହୁ ଦାବିପତ୍ର ଗ୍ରହଣ କରିଥିଲେ। ପ୍ରଦୂଷଣ ଓ ଅନ୍ୟାନ୍ୟ କାଗଜପତ୍ର ଠିକ ଥିବା ବେଳେ ସେ ଏ ସମ୍ପର୍କରେ ସେହିଦିନ ହିଁ ଟିଟିଲାଗଡ ଉପଜିଲ୍ଲାପାଳ ଓ ବଲାଙ୍ଗିର ଏଡିଏମଙ୍କୁ ଜଣାଇ ଦେଇସାରିଥିବା ତହସିଲଦାର ଶ୍ରୀ କର୍ତ୍ତାମୀ ପ୍ରକାଶ କରିଛନ୍ତି । ଦାବିପତ୍ର ପ୍ରଦାନ ବେଳେ ଚଣାବାହାଲ ସରପଞ୍ଚ କୁନ୍ତୀ ମେହେର,ବଡ଼ସାଇମରା ସରପଞ୍ଚ ଶୁକମଣି ପୁଟେଲ,ଆଇନଜୀବୀ ଶୁକଦେବ ତ୍ରିପାଠୀ,ଅନ୍ତର୍ଯ୍ୟାମୀ ମହାକୁର,ନବୀନ କୁମାର ମେହେର,ମକୁନ୍ଦ ମେହେର, ଲବ ଖେତି, ଗୋପିନ ଥ ମେହେର,ସୁରେଶ ଖେତିଙ୍କ ସହ ଚଣାବାହାଲ ଓ ଧାତୁକଜୁରୀ ଗ୍ରାମର ଶତାଧିକ ଲୋକ ଉପସ୍ଥିତ ଥିଲେ।ବିଷାକ୍ତ ଟାୟାର ଫ୍ୟାକ୍ଟ୍ରି ତୁରନ୍ତ ବନ୍ଦ କରାନଗଲେ ଆଗାମୀ ଦିନରେ ଫ୍ୟାକ୍ଟ୍ରିରେ ତାଲା ପକାଇ ଚଣାବାହାଲ ଛକରେ ମୁଖ୍ୟ ପୂର୍ତ୍ତରାସ୍ତା ଅବରୋଧ କରାଯିବ ବୋଲି ଅଞ୍ଚଳବାସୀ ପୁଣି ପ୍ରଶାସନକୁ ଲିଖିତ ଚେତାବନୀ ଦେଇଛନ୍ତି ।

୨୧୧ ଗ୍ରାମ ସୁନା ବିସ୍କୁଟ ଉଦ୍ଧାର, ଜଣେ ଗିରଫ

ବୋରିଗୁମ୍ଫା,(ସବୁ୍ୟ): ଏକ ନାଟକୀୟ ଢଙ୍ଗରେ ଜଣେ ଅଭିଯୋଗକାରୀ ପାଲଟିଛି ଅଭିଯୁକ୍ତ । ନିଜେ ୨୧୧ ଗ୍ରାମ ସୁନା ବିସ୍କୁଟ କୁ ହଡପ କରିବାକୁ ରଚିଥିଲା ଏକ ନାଟକ । ବୋରିଗୁମ୍ଫା ପୋଲିସ ତଦନ୍ତ କରି ୨୧୧.୯୪୦ ଗ୍ରାମକୁ ଉଦ୍ଧାର କରି ଅଭିଯୁକ୍ତ କମଲସାଇ ବାଗକୁ ଗିରଫ କରି କୋର୍ଟ ଚାଲାଣ କରାଯାଇଛି ବୋଲି ଏକ ସାମ୍ବାଦିକ ସମ୍ମିଳନୀରେ ଥାନା ଆଇଆଇସି ରାମାନନ୍ଦ ସାହୁ ସୂଚନା ଦେଇଥିଲେ । ଅଭିଯୁକ୍ତର ନିଜ ଘର ନବରଙ୍ଗପୁର ଜିଲ୍ଲା ଅନ୍ତର୍ଗତ ପାପଡାହାଣ୍ଡି ଥାନା ଅଧିନ ଚିଙ୍ଗୁଡ଼ିସରା ବୋଲି ପୋଲିସ ସୂଚନା ଦେଇଛନ୍ତି। ଥାନା ଆଇଆଇସି ଶ୍ରୀ ସାହୁ କହିଛନ୍ତି ଯେ ଗତ ୧୩.୧୧.୨୬ ରେ କୋଟପାଡ଼ ସୁନା ବ୍ୟବସାୟୀ ମହାବୀର ଜୈନ ନିଜର ଜଣେ ଏଜେଣ୍ଟ କମଲସାଇ ବାଗ ଜରିଆରେ ୨୧୧.୯୪୦ ଗ୍ରାମ ସୁନା ବିସ୍କୁଟ କଟକ ର ଜଣେ ସୁନା ଅଳଙ୍କାର ତିଆରି କରୁଥିବା ବ୍ୟକ୍ତି ଉଜ୍ଜ୍ୱଳ କାନ୍ଦରକୁ ଦେବାକୁ କହିଥିଲେ। କମଲସାଇ ବାଗ ୨୧୧.୯୪୦ ଗ୍ରାମ ସୁନା ବିସ୍କୁଟ ଧରି ନିଜ ବାଇକ ଯୋଗେ ନବରଙ୍ଗପୁର ଫେରିବା ବେଳେ ଆଉଁଳି ଠାରେ ସୁନା ଚୋରି କରିବା ନେଇ ଏକ ନାଟକ ରଚିଥିଲା । ଦୁଇ ଜଣ ଦୁର୍ବୃତ୍ତ ବାଇକ ରେ ଆସି ମତେ ମାଡ଼ ମାରି ୨୧୧ ଗ୍ରାମ ସୁନା ଝାମ୍ପି ନେଇଗଲେ ବୋଲି କମଲସାଇ ବାଗ ବୋରିଗୁମ୍ଫା ଥାନାରେ ଏକ ମିଛ ରିପୋର୍ଟ ଦେଇଥିଲା।। ପୋଲିସ ପ୍ରଥମେ ତଦନ୍ତ କରିଥିଲା। ପରେ ସୋମବାର ୧୭.୧୧.୨୦୨୬ ରେ ସୁନା ବିସ୍କୁଟର ମାଲିକ ମହାବୀର ଜୈନ ଥାନାରେ ସୁନା ଚୋରୀ ନେଇ ନିଜର ଏଜେଣ୍ଟ କମଲସାଇ ବାଗ ନାମରେ ଏତଲା ଦେଇଥିଲେ । ପୋଲିସ ଅଭିଯୁକ୍ତ କମଲସାଇ ବାଗର ନିଜ ଘରକୁ ଯାଇ ବାଥରୁମର ପାଇପରୁ ୨୧୧.୯୪୦ ସୁନା ବିସ୍କୁଟକୁ ଉଦ୍ଧାର କରିବା ସହ ଅଭିଯୁକ୍ତକୁ ଗିରଫ କରିଛନ୍ତି । ଉଦ୍ଧାର ସୁନା ମଧ୍ୟରୁ ୫୦ ଗ୍ରାମ ସୁନା ବିସ୍କୁଟ ତିନୋଟି, ୨୦ ଗ୍ରାମ ସୁନା ବିସ୍କୁଟ ୪ ଟି, ଗୋଟିଏ ୪୦ ଗ୍ରାମ ସୁନା କଏନ, ଗୋଟିଏ ଏକ ଗ୍ରାମ ସୁନା କଏନ ରହିଛି । ଏନେଇ ବୋରିଗୁମ୍ଫା ଥାନାରେ ଏକ ମାମଲା କେସ ନମ୍ବର-୩୨୦/୧୭.୧୧.୨୦୨୬ ଦଫା-୨୯୬,୩୫୧(୩),୩୧୬(୫), ୨୪୦, ୨୩୮ ବିଏନଏସ ରୁଜୁ କରାଯାଇଛି ବୋଲି ଥାନା ଆଇଆଇସି ଶ୍ରୀ ସାହୁ କହିଛନ୍ତି ।

ବୌଦ୍ଧ : ମଧୁବାବୁ ପେନସନ ଯୋଜନାରେ ନୂତନ ହିତାଧିକାରୀଙ୍କୁ ଭତ୍ତା ପ୍ରଦାନ

ବୌଦ୍ଧ,(ସବୁ୍ୟ): ବୌଦ୍ଧ ଜିଲ୍ଲାରେ ମଧୁବାବୁ ପେନ୍ସନ ଯୋଜନାରେ ନୂତନ ଭାବେ ସାମିଲ ହୋଇଥିବା ହିତାଧିକାରୀମାନଙ୍କୁ ଭତ୍ତା ପ୍ରଦାନ କରାଯାଇଛି। ବୌଦ୍ଧସ୍ଥିତ ଭିକାରୀ କଳା ମଣ୍ଡପଠାରେ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ ପକ୍ଷରୁ ଆୟୋଜିତ ଜିଲ୍ଲାସ୍ତରୀୟ କାର୍ଯ୍ୟକ୍ରମରେ କଣ୍ଟାମାଳ ବିଧାୟକ ତଥା ଜିଲ୍ଲା ଯୋଜନା ବୋର୍ଡ ଅଧ୍ୟକ୍ଷ କହ୍ନାଇ ଚରଣ ଡାଙ୍ଗ ଏବଂ ବୌଦ୍ଧ ବିଧାୟକ ତଥା ସରକାରୀ ଦଳର ମୁଖ୍ୟ ସଚେତକ ସରୋଜ କୁମାର ପ୍ରଧାନ ଯୋଗଦେଇ ନୂତନ ହିତାଧିକାରୀଙ୍କୁ ଭତ୍ତା ଓ ପେନ୍ସନ କାର୍ଡ ପ୍ରଦାନ କରିଥିଲେ । ଜିଲ୍ଲାପାଳ ବିଭୂତି ଭୂଷଣ ନାୟକଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ସଭାରେ ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ ପ୍ରଭାସ ଚନ୍ଦ୍ର ଦଣ୍ଡସେନା, ଏପିଡି ଯଦୁମଣି ନାୟକ, ସାଂସଦଙ୍କ ପ୍ରତିନିଧି ସୂର୍ଯ୍ୟ ନାରାୟଣ ମହାପାତ୍ର, ବୌଦ୍ଧ ବ୍ଲକ ଅଧ୍ୟକ୍ଷ ପ୍ରତ୍ୟୁଷ ପ୍ରିୟଦର୍ଶୀ ରଥ ଏବଂ ବୌଦ୍ଧ ପୌରପାଳିକା ଅଧ୍ୟକ୍ଷ ମୃତ୍ୟୁଞ୍ଜୟ ମିଶ୍ର ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ । ବୌଦ୍ଧ ଜିଲ୍ଲାର ମୋଟ ୪,୪୮୨ ଜଣ ନୂତନ ହିତାଧିକାରୀ ଉପକୃତ ହୋଇଛନ୍ତି । ଏହି ଅବସରରେ ଅତିଥିମାନେ ଓଡ଼ିଶା ସରକାରଙ୍କ ଏହି ଜନକଲ୍ୟାଣକାରୀ ଯୋଜନାର ଉଚ୍ଚ ପ୍ରଶଂସା କରିବା ସହିତ ଏହା ବୃଦ୍ଧବୃଦ୍ଧା, ବିଧବା, ଅସହାୟ ଓ ଦିବ୍ୟାଙ୍ଗ ବ୍ୟକ୍ତିମାନଙ୍କୁ ଆର୍ଥିକ ସୁରକ୍ଷା ପ୍ରଦାନ କରିବା ସହ ସେମାନଙ୍କ ଜୀବନକୁ ଅଧିକ ସ୍ୱାଭିମାନପୂର୍ଣ୍ଣ କରିବାରେ ସହାୟକ ହେବ ବୋଲି ମତପ୍ରକାଶ କରିଥିଲେ । କାର୍ଯ୍ୟକ୍ରମରେ ବୌଦ୍ଧ ବିଡିଓ ଯୁଗଳ କିଶୋର ବିଶ୍ୱାଳ, ହରଭଙ୍ଗା ବିଡିଓ କର୍ଣ୍ଣ ସୁନା ଏବଂ କଣ୍ଟାମାଳ ବିଡିଓ ନିରୋଜ କୁମାର ଭତ୍ତା ଉପସ୍ଥିତ ଥିଲେ। ପ୍ରମୋଦ କୁମାର ପ୍ରଧାନ କାର୍ଯ୍ୟକ୍ରମ ସଂଯୋଜନା କରିଥିବାବେଳେ ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ରାଜିନ୍ଦ୍ର କିଶାନ ଧନ୍ୟବାଦ ଅର୍ପଣ କରିଥିଲେ। ଜିଲ୍ଲା ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗର ସମସ୍ତ ଅଧିକାରୀ ଓ କର୍ମଚାରୀ କାର୍ଯ୍ୟକ୍ରମର ସଫଳ ଆୟୋଜନରେ ସହଯୋଗ କରିଥିଲେ ।

ବାନ୍ଧକଳା ଦିବସ ଉପଲକ୍ଷେ ଜିଲ୍ଲାସ୍ତରୀୟ ବିବିଧ ପ୍ରତିଯୋଗିତା

ସମ୍ବଲପୁର,(ସବୁ୍ୟ): ସ୍ଥାନୀୟ ବଡ଼ବଜାର ସ୍ଥିତ ମୁଙ୍ଗଲାଲ ଶିଶୁ ମନ୍ଦିର ଠାରେ ଏବିସିଡି ଚାରିଟେବୁଲ ଟ୍ରଷ୍ଟ ପକ୍ଷରୁ ବାନ୍ଧକଳା ଦିବସ ଉପଲକ୍ଷେ ଜିଲ୍ଲାସ୍ତରୀୟ ଚିତ୍ରାଙ୍କନ ଓ ସୃଜନଶୀଳ କଳା ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି । ଏହି ପ୍ରତିଯୋଗିତାରେ ପାଖାପାଖି ୧୦୦ ଜଣ ଛାତ୍ରଛାତ୍ରୀ ଯୋଗଦେଇ ନିଜର ଚିତ୍ରକଳା ଓ ସୃଜନଶୀଳ ପ୍ରତିଭା ପ୍ରଦର୍ଶନ କରିଥିଲେ। ଛାତ୍ରଛାତ୍ରୀମାନଙ୍କୁ ବିଭିନ୍ନ ବୟସ ଓ ଶ୍ରେଣୀ ଅନୁସାରେ ଚାରୋଟି ବର୍ଗରେ ବିଭକ୍ତ କରାଯାଇଥିଲା। ପ୍ରଥମ ବର୍ଗରେ ପ୍ରଥମରୁ ଚତୁର୍ଥ ଶ୍ରେଣୀ ପର୍ଯ୍ୟନ୍ତ ମୁକ୍ତ ବିଷୟ, ଦ୍ୱିତୀୟ ବର୍ଗରେ ପଞ୍ଚମରୁ ସପ୍ତମ ଶ୍ରେଣୀ ପର୍ଯ୍ୟନ୍ତ 'ମୋ ସମ୍ବଲପୁରୀ ଗାଁ', ତୃତୀୟ ବର୍ଗରେ ଅଷ୍ଟମରୁ ଦଶମ ଶ୍ରେଣୀ ପର୍ଯ୍ୟନ୍ତ 'ନିଜସ୍ୱ ସମ୍ବଲପୁରୀ ଫ୍ୟାଶନ ଡିଜାଇନ' ଏବଂ କଲେଜ ସ୍ତରୀୟ ବର୍ଗରେ 'ସମ୍ବଲପୁରୀ ଐତିହ୍ୟ, କଳା ଓ ନୂତନତ୍ୱ' ବିଷୟ ରଖାଯାଇଥିଲା। କାର୍ଯ୍ୟକ୍ରମରେ ଚିତ୍ର ଶିକ୍ଷକ ବନ୍ଦନା ପଣ୍ଡା ଓ ସମୀର ମହାନନ୍ଦ, ମୁଙ୍ଗଲାଲ ଶିଶୁ ମନ୍ଦିରର ପ୍ରଧାନଶିକ୍ଷକ ବିମଳେଶ କୁମାର ପୁରୋହିତ ଓ ରାଧାଶ୍ୟାମ ମେହେରଙ୍କ ନାତି ପ୍ରଦୀପ କୁମାର ମେହେର ଯୋଗ ଦେଇଥିଲେ। ଏଥିସହ ଅତିଥି ଭାବେ ସରୋଜ ସାହୁ, ଅମିତ ଅଗ୍ରୱାଲ, ଅଶୋକ ସାହୁ ଓ ପବନ କୁମାର ଅଗ୍ରୱାଲ ପ୍ରମୁଖ ଉପସ୍ଥିତ ଥିଲେ । ତତ୍ପୂର୍ବ ବାରିକ ମଞ୍ଚ ପରିଚାଳନା କରିଥିବା ବେଳେ ଟ୍ରଷ୍ଟର ସଭାପତି ରାଜେନ୍ଦ୍ର ସତନାମୀ ଧନ୍ୟବାଦ ଅର୍ପଣ କରିଥିଲେ । ସୂଚନାଯୋଗ୍ୟ, ସମ୍ବଲପୁରର ଗୌରବ, ମହାନ ସ୍ୱାଧୀନତା ସଂଗ୍ରାମୀ ତଥା ସମ୍ବଲପୁରୀ ଶାଢ଼ୀର ସବଟାପର ଡିଜାଇନ୍ର ଉଦ୍ଭାବକ ରାଧାଶ୍ୟାମ ମେହେରଙ୍କ ୧୧୮ତମ ଜନ୍ମଜୟନ୍ତୀ ଅବସରରେ ଏହି ପ୍ରତିଯୋଗିତା ହୋଇଥିଲା । ଆସନ୍ତା ୨୧ ସମ୍ବଲପୁର ତପସ୍ୱିନୀ ହଲ ରାଧାଶ୍ୟାମ ମେହେର ଜୟନ୍ତୀ ଓ ବାନ୍ଧକଳା ଦିବସର ମୁଖ୍ୟ ସମାରୋହରେ କୃତି ପ୍ରତିଯୋଗୀଙ୍କୁ ସମ୍ମାନିତ କରାଯିବାର କାର୍ଯ୍ୟକ୍ରମ ରହିଛି ।

ଗ୍ରାମ୍ୟ ଜଙ୍ଗଲରେ ମୃତ କୁକୁଡ଼ାଙ୍କ ପାହାଡ଼

ଦୁର୍ଗନ୍ଧରେ ଅତିଷ୍ଠ ଲୋକେ

ପଦ୍ମପୁର,(ସବୁ୍ୟ) : ଗ୍ରାମ୍ୟ ଜଙ୍ଗଲ ପାଲଟିଛି ମୃତ ବ୍ରଏଲର କୁକୁଡ଼ାଙ୍କ ଡମ୍ପିଂୟାର୍ଡ । ରାସ୍ତାକଡ଼ ଜଙ୍ଗଲରେ ବସ୍ତା ବସ୍ତା ମୃତ କୁକୁଡ଼ା ଫିଙ୍ଗାଯାଉଥିବାରୁ ଅଞ୍ଚଳରେ ଅସହ୍ୟ ଦୁର୍ଗନ୍ଧ ସୃଷ୍ଟି ହୋଇଛି । ଏହାକୁ ନେଇ ସ୍ଥାନୀୟ ଲୋକେ ଅତିଷ୍ଠ ହୋଇପଡ଼ିଥିବା ବେଳେ ସମସ୍ୟାର ସମାଧାନ ଦାବିରେ ଗୁଦେରପାଲି ସରପଞ୍ଚ ରାମଚନ୍ଦ୍ର ପାତ୍ର ପଦ୍ମପୁର ଉପଖଣ୍ଡ ଆରକ୍ଷୀ ଅଧିକାରୀ ପାଣ୍ଡବ ଶବର (ଏସ୍ଡିପିଓ)ଙ୍କୁ ଭେଟିଛନ୍ତି । ସୂଚନାନୁସାରେ, ମେଲଛାମୁଣ୍ଡା ଥାନା ଅନ୍ତର୍ଗତ ଦୀପ୍ତିପୁର ଛକରୁ ବିଜେପୁର ଯାଉଥିବା ରାସ୍ତାକଡ଼ରେ ଥିବା ଗୁଦେରପାଲି ଗ୍ରାମ୍ୟ ଜଙ୍ଗଲରେ ଦୀର୍ଘ ମାସ ଧରି ମୃତ ବ୍ରଏଲର କୁକୁଡ଼ା ଫିଙ୍ଗାଯାଉଥିବା ଅଭିଯୋଗ ହୋଇଆସୁଛି । ଅଞ୍ଚଳର କିଛି କୁକୁଡ଼ା ବ୍ୟବସାୟୀ ପ୍ଲାଷ୍ଟିକ ବସ୍ତାରେ ମୃତ କୁକୁଡ଼ା ଭର୍ତ୍ତି କରି ଜଙ୍ଗଲରେ ଫିଙ୍ଗି ଦେଉଥିବା ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି । ଦୀର୍ଘଦିନ ଧରି ଏଭଳି ଅବ୍ୟବସ୍ଥା ଚାଲିଥିବାରୁ ମୃତ କୁକୁଡ଼ାଗୁଡ଼ିକ ପଚିସଡ଼ି ଅଞ୍ଚଳରେ ଅସହ୍ୟ ଦୁର୍ଗନ୍ଧ ସୃଷ୍ଟି କରୁଛି । ଫଳରେ ଉକ୍ତ ରାସ୍ତାରେ ଯାତାୟାତ କରୁଥିବା ଲୋକଙ୍କ ସମେତ ଆଖପାଖ ଅଞ୍ଚଳର ବାସିନ୍ଦା ନାହିଁ ନଥିବା ଅସୁବିଧା ଭୋଗୁଛନ୍ତି । ଏହା କେବଳ ପରିବେଶ ପ୍ରଦୂଷଣର କାରଣ ହୋଇନାହିଁ, ବରଂ ଜନସ୍ୱାସ୍ଥ୍ୟ ପ୍ରତି ମଧ୍ୟ ବିପଦ ସୃଷ୍ଟି କରିବା ଆଶଙ୍କା ରହିଛି । ଏଭଳି ଗୁରୁତର ସମସ୍ୟା ନେଇ ସରପଞ୍ଚ ଶ୍ରୀ ପାତ୍ର ଏସ୍ଡିପିଓଙ୍କୁ ଭେଟି ମୌଖିକ ଭାବେ ଅବଗତ କରାଇଥିଲେ । ତେବେ ସେଠାରେ ସମସ୍ୟାର ତତ୍କାଳ ସମାଧାନ ପାଇଁ ପଦକ୍ଷେପ ନେବା ବଦଳରେ ଉପଜିଲ୍ଲାପାଳଙ୍କୁ ଭେଟିବାକୁ ପରାମର୍ଶ ଦିଆଯାଇଥିବା ଜଣାପଡ଼ିଛି । ଏପରିସ୍ଥଳେ ଗ୍ରାମ୍ୟ ଜଙ୍ଗଲକୁ ମୃତ କୁକୁଡ଼ା ଫିଙ୍ଗିବାରୁ ମୁକ୍ତ କରିବା ସହ ଏହା ପଛରେ ଥିବା ବ୍ୟକ୍ତିଙ୍କୁ ଚିହ୍ନଟ କରି ଉଚିତ୍ ପଦକ୍ଷେପ ନେବାକୁ ସ୍ଥାନୀୟ ଲୋକେ ଦାବି କରିଛନ୍ତି । ପ୍ରଶାସନ ଓ ସମ୍ପୃକ୍ତ ବିଭାଗ ଏହି ସମସ୍ୟାକୁ ଗୁରୁତ୍ୱର ସହ ନେଇ କେବେ ପଦକ୍ଷେପ ଗ୍ରହଣ କରୁଛନ୍ତି, ତାହାକୁ ଅଞ୍ଚଳବାସୀ ଅପେକ୍ଷା କରିଛନ୍ତି ।

ଡିସେମ୍ବର ୬ ନର୍ଲା ନବୋଦୟ ବିଦ୍ୟାଳୟର ଆଲୁମିନି ମିଟ୍

ନର୍ଲା,(ସବୁ୍ୟ): ଜବାହର ନବୋଦୟ ବିଦ୍ୟାଳୟ ସମିତି ତରଫରୁ ପ୍ରତ୍ୟେକ ବର୍ଷ ଡିସେମ୍ବର ମାସର ପ୍ରଥମ ରବିବାରରେ ପୂର୍ବତନ ଛାତ୍ରଛାତ୍ରୀ ମାନଙ୍କୁ ନିମନ୍ତ୍ରଣ କରି ସେହି ବିଦ୍ୟାଳୟମାନଙ୍କ ସହିତ ପୁନଃ ସଂଯୋଗ କରିବା, ବୃତ୍ତିଗତ ଏବଂ ବ୍ୟକ୍ତିଗତ ନେଟୱାର୍କ ନିର୍ମାଣ କରିବା ଏବଂ ବର୍ତ୍ତମାନର ଛାତ୍ରମାନଙ୍କ ଅଭିବୃଦ୍ଧିରେ ସକ୍ରିୟ ଭାବରେ ସାମିଲ କରିବା ପାଇଁ ଆୟୋଜିତ ହୋଇଥାଏ । କଳାହାଣ୍ଡି ଜିଲ୍ଲା ନର୍ଲାରେ ଥିବା ଜବାହର ନବୋଦୟ ବିଦ୍ୟାଳୟର ପୁରାତନ ଛାତ୍ରଛାତ୍ରୀ ସଂଗଠନର ସଭାପତି ଇଂ. ଲକ୍ଷ୍ମୀନାରାୟଣ ପଣ୍ଡା ନିଜ ଟିମ ସହିତ ନବୋଦୟ ବିଦ୍ୟାଳୟ ଗସ୍ତ କରି ପ୍ରିନ୍ସିପଲ ଇନ ଚାର୍ଜ ଯତୀନ ରଥଙ୍କ ଏକ ସୌଜନ୍ୟମୂଳକ ସାକ୍ଷାତ କରିଥିଲେ । ଏବଂ ଆଗାମୀ ଡିସେମ୍ବର ମାସ ପ୍ରଥମ ରବିବାର ୬ତାରିଖରେ ବିଦ୍ୟାଳୟ ପରିସର ଭିତରେ ହେବାକୁ ଥିବା ଆଲୁମିନି ମିଟ ସୁବ୍ୟବସ୍ଥିତ ଓ ସୁନ୍ଦର ଭାବରେ ଆୟୋଜିତ କରିବା ପାଇଁ ବିସ୍ତୃତ ଆଲୋଚନା କରିଥିଲେ । ବର୍ଷକୁ ଥରେ ହେଉଥିବା ଏହି ଅଲୁମିନି ମିଟ କୁ ବହୁ ସଂଖ୍ୟାରେ ଆସି ସଫଳ କରିବା ପାଇଁ ସମସ୍ତ ପୁରାତନ ଛାତ୍ରଛାତ୍ରୀଙ୍କୁ ସଂଗଠନର ସଭାପତି ଶ୍ରୀ ପଣ୍ଡା ଅନୁରୋଧ କରିଛନ୍ତି । ଏହି ସାକ୍ଷାତ ସମୟରେ ବିଦ୍ୟାଳୟର ଗଣିତ ଶିକ୍ଷୟତ୍ରୀ ଉମାଦେବୀ ହିମିରିକା, ସଙ୍ଗଠନର ସ

ନିଖୋଜ ଯୁବ ବ୍ୟବସାୟୀ ବିରୁପାକ୍ଷର ମୃତଦେହ ଉଦ୍ଧାର
ବ୍ୟବସାୟିକ ଶତ୍ରୁତାରୁ ଯୋଜନାବଦ୍ଧ ଭାବେ ହତ୍ୟା
ତିନି ସହଯୋଗୀ ଗିରଫ, ମୁଖ୍ୟ ଆସାମୀ ଫେରାର



ବୌଦ୍ଧ.ରେଢ଼ାଖୋଲ,(ସବ୍ୟୁ): ଦୀର୍ଘ ୬ଦିନ ଧରି ବୌଦ୍ଧ ସହରସ୍ଥିତ ଗାନ୍ଧୀ ଛକ ନିଜ କପଡା ଦୋକାନରୁ ଜଣେ ଶିକ୍ଷକ ବନ୍ଧୁ ସହ ଗତ ୧୨ତାରିଖ ଅପରାହ୍ନରୁ ଯାଇ ନିଖୋଜ ରହିଥିବା ଯୁବ ବ୍ୟବସାୟୀ ବିରୁପାକ୍ଷ ଅଗ୍ରୱାଲ (୨୨)ର ମୃତଦେହ ସମ୍ବଲପୁର ଜିଲ୍ଲା, କଦଳିଗଡ଼ ତନ୍ତଗଡ଼ ଜଙ୍ଗଲରୁ ଉଦ୍ଧାର କରାଯାଇଛି ବୋଲି ବୌଦ୍ଧ ଆରକ୍ଷୀ ଅଧିକ୍ଷକ କୁଲଦୀପ ମିନା ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଛନ୍ତି ।

ପୋଲିସ ସୂଚନାମତେ ଗତ ୧୨ ତାରିଖ ଦିନ ମୃତ ବିରୁପାକ୍ଷ ଜଣେ ଶିକ୍ଷକ ସ୍ୱାଧୀନ ପ୍ରଧାନ ସହ ଯାଇଥିଲେ । ଉଭୟଙ୍କ ମଧ୍ୟରେ ବ୍ୟବସାୟ ବନ୍ଧୁତା ଥିଲା ଏବଂ ଶିକ୍ଷକ ସ୍ୱାଧୀନ ମୃତ ବିରୁପାକ୍ଷ ଠାରୁ କିଛି ଟଙ୍କା ନେଇ ନ ଫେରାଇବାରୁ ଉଭୟଙ୍କ ମଧ୍ୟରେ ତିକ୍ତତା ଲାଗି ରହିଥିଲା ୫ ୧୨ତାରିଖ ବିରୁପାକ୍ଷକୁ ଟଙ୍କା ଦେବା ବାହାନାରେ ଶିକ୍ଷକ ସ୍ୱାଧୀନ ଡାକିନେଇ ପୂର୍ବ ଯୋଜନା ମୁତାବକ କଦଳିଗଡ଼ ଜଙ୍ଗଲରେ ୩ଜଣ ସହଯୋଗୀଙ୍କ ସହ ମିଶି ହତ୍ୟା କରିଥିଲା । ଏହାପରେ ୪ଜଣ ସେଠାରୁ ଫେରାର ହୋଇ ଯାଇଥିଲେ ୫ ୧୩ତାରିଖ ମୃତ ବିରୁପାକ୍ଷ ପରିବାର ପକ୍ଷରୁ ଥାନାରେ ନିଖୋଜ ଅଭିଯୋଗ ହେବାପରେ ପୋଲିସ ପକ୍ଷରୁ ତଦନ୍ତ କରାଯାଇ ପ୍ରଥମେ ଅନୁଗୁଳ ଜିଲ୍ଲାରୁ ତିନି ସହଯୋଗୀ ବୌଦ୍ଧ ଜିଲ୍ଲା ଇଛାପୁର ଗ୍ରାମର ପଦ୍ମନ ମହାନନ୍ଦିଆ (୨୧), ଛତିନିଆକଟା ଗ୍ରାମର ଅଭିନାଶ ସଓ୍ୱାଇଁ (୨୧), ଓ ପ୍ରମୋଦ କହଁର (୨୫)ଙ୍କୁ ଗିରଫ କରିବା ପରେ ହତ୍ୟା ଘଟଣାର ପର୍ଦ୍ଦାଫାସ ହୋଇଥିଲା । ଏହି ତିନିଜଣଙ୍କୁ ଶିକ୍ଷକ ସଓ୍ୱାଧୀନ ୩ଲକ୍ଷ ଟଙ୍କା ଦେବ ବୋଲି କହି କାମରେ ଲଗାଇଥିଲା । ମୁଖ୍ୟ ଅଭିଯୁକ୍ତ ସ୍ୱାଧୀନ ପ୍ରଧାନ ଜିଲ୍ଲା ଶିକ୍ଷା ବିଭାଗରେ ଶିକ୍ଷକ ଭାବେ କାର୍ଯ୍ୟରତ ଥିଲେ । ଜମି କିଣାବିକା କାରବାର ରେ ମୃତକ ଓ ଅଭିଯୁକ୍ତ ମଧ୍ୟରେ ବନ୍ଧୁତା ଥିଲା । ବୌଦ୍ଧ ପୋଲିସ ପକ୍ଷରୁ ହତ୍ୟାରେ ବ୍ୟବହୃତ ଦୁଇଟି ଠେଙ୍ଗା ଜବତ କରିବାସହ ଶବକୁ ବ୍ୟବଚ୍ଛେଦ ପରେ ପରିବାରକୁ ହସ୍ତାନ୍ତର କରାଯାଇ ଅଧିକ ତଦନ୍ତ ଜାରିରହିଛି ।

ମୁଖ୍ୟ ଚିକିତ୍ସାଳୟରେ ଡାକ୍ତର ବିବାଦ : ଛୁଟିରେ ୩ ମହିଳା ଡାକ୍ତର



ସମ୍ବଲପୁର,(ସବ୍ୟୁ): ସମ୍ବଲପୁର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର ସ୍ତ୍ରୀ ଓ ପ୍ରସୂତି ରୋଗ ବିଭାଗର ୩ଜଣ ମହିଳା ଡାକ୍ତର ବିଭାଗୀୟ ଭାରପ୍ରାପ୍ତ ଅଧିକାରୀଙ୍କ ବିରୋଧରେ ମାନସିକ ନିର୍ଯାତନା ଏବଂ ପ୍ରଶାସନିକ ଅସହଯୋଗର ଅଭିଯୋଗ ଆଣିଛନ୍ତି। ଏଥିସହ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ (ସିଡିଏମ୍ଓ)ଙ୍କୁ ଏକ ଅଭିଯୋଗ ପତ୍ର ପ୍ରଦାନ କରିଥିବା ଜଣାପଡିଛି । ଏହାପରେ ସେମାନେ ଛୁଟିରେ ଥିବାବେଳେ ରୋଗୀ ସେବା ସାମାନ୍ୟ ବ୍ୟାହତ ହୋଇଛି । ଅନ୍ୟପଟେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର ଡାକ୍ତର ବିବାଦ ପଦାରେ ପଡିଛି । ସମ୍ପୃକ୍ତ ଡାକ୍ତର ମାନଙ୍କୁ ତୁରନ୍ତ କାର୍ଯ୍ୟରେ ଯୋଗ ଦେବାକୁ ଅନୁରୋଧ କରାଯାଇଛି ।

ଏ ସମ୍ପର୍କରେ ଜିଲ୍ଲାପାଳଙ୍କୁ ମଧ୍ୟ ଅବଗତ କରାଯାଇଛି । ସୂଚନାଯୋଗ୍ୟ, ସମ୍ବଲପୁର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର ସ୍ତ୍ରୀ ଓ ପ୍ରସୂତି ରୋଗ ବିଭାଗର ଡାକ୍ତର ଜ୍ୟୋତିର୍ମୟୀ ପ୍ରଧାନ, ଡା. ଜିଭିଏସ ଶିରୀଷା ଏବଂ ଡା. ସାଗୁଫ୍ତା ତରନ୍ନମ ଗତ ୯ ନଭେମ୍ବର, ୨୦୨୬ରେ ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀଙ୍କୁ ମିଳିତ ଭାବେ ଅଭିଯୋଗ ପତ୍ର ପ୍ରଦାନ କରିଥିଲେ । ଏହି ଅଭିଯୋଗ ପତ୍ରରେ ସେମାନେ ଦର୍ଶାଇଛନ୍ତି ଯେ, ଗତ ୬ମାସ ହେବ ବିଭାଗର ଭାରପ୍ରାପ୍ତ ଅଧିକାରୀଙ୍କ ଆଚରଣ ଓ ବ୍ୟବହାର ଯୋଗୁଁ ସେମାନେ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ବୈଦ୍ଧ ଛୁଟି ଆବେଦନ ଓ ଅନ୍ୟ ସେବା ସମ୍ବନ୍ଧୀୟ କାମରେ ଏହି ଅଧିକାରୀଙ୍କ ନିକଟକୁ ଗଲେ ଅପମାନଜନକ ବ୍ୟବହାର ମିଳୁଛି । ସଂପୃକ୍ତ ଅଧିକାରୀଙ୍କ ଭେଦଭାବ ମୂଳକ ବ୍ୟବହାର ଯୋଗୁଁ ସହକର୍ମୀଙ୍କ ମଧ୍ୟରେ ଅଯଥା ବିବାଦ ସୃଷ୍ଟି ହେଉଛି । ଭିଡ଼ ସମୟ ବା ଜରୁରୀକାଳୀନ ସ୍ଥିତିରେ ଅନ୍ୟ ଡାକ୍ତରଙ୍କ ସହାୟତା ନେବା ବେଳେ ନିରୁତ୍ସାହିତ କରାଯାଉଛି । ଫଳରେ ଏହାର ସେମାନଙ୍କ ମାନସିକ ଶାନ୍ତି , ବ୍ୟକ୍ତିଗତ ଜୀବନ ଓ ବୃତ୍ତିଗତ ସ୍ୱାସ୍ଥ୍ୟକୁ ପ୍ରଭାବିତ କରୁଛି । ଏ ସମ୍ପର୍କରେ ସମ୍ବଲପୁର ସିଡିଏମ୍ଓ ଡାକ୍ତର ନୀଳମାଧବ ଶତପଥୀ କହିଛନ୍ତି ଯେ, ସମ୍ପୃକ୍ତ ଡାକ୍ତରମାନେ ବ୍ୟକ୍ତିଗତ କାରଣ ଦର୍ଶାଇ ଛୁଟିରେ ଯାଇଛନ୍ତି । ମାନସିକ ନିର୍ଯାତନା କିମ୍ବା ଅନ୍ୟ କୌଣସି ବିଷୟକୁ ନେଇ ସେମାନଙ୍କ ପକ୍ଷରୁ ତାଙ୍କ ନିକଟରେ କୌଣସି ଲିଖିତ ଅଭିଯୋଗ ପହଞ୍ଚି ନାହିଁ । ଏକକାଳୀନ ଗୋଟିଏ ବିଭାଗର ୩ଜଣ ଡାକ୍ତରଙ୍କ ଅନୁପସ୍ଥିତି ଯୋଗୁଁ ରୋଗୀ ସେବାରେ ସାମାନ୍ୟ ଅସୁବିଧା ହେଉଛି । ତେବେ ଅନ୍ୟ ଡାକ୍ତର ମାନେ ଅଧିକ ସମୟ କାର୍ଯ୍ୟ କରି ସ୍ୱାସ୍ଥ୍ୟସେବା ଜାରି ରଖିଛନ୍ତି । ସରକାରୀ ନିୟମ ଅନୁଯାୟୀ ପ୍ରତ୍ୟେକ ଡାକ୍ତର କାର୍ଯ୍ୟ କରିବାକୁ ବାଧ ଅଟନ୍ତି । ଯଦି କେହି ବିନା ଅନୁମତିରେ ମୁଖ୍ୟାଳୟ ଛାଡ଼ିଥାନ୍ତି କିମ୍ବା କାର୍ଯ୍ୟରେ ଅବହେଳା କରନ୍ତି, ତେବେ ସେମାନଙ୍କୁ କାରଣ ଦର୍ଶାଅ ନୋଟିସ ଜାରି କରାଯିବା ସହ ନିୟମ ଅନୁଯାୟୀ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ।

ବାତ୍ୟା ଆଶଙ୍କା : ପ୍ରଶାସନିକ ତତ୍ପରତା କର୍ମଚାରୀଙ୍କ ଛୁଟି ବାତିଲ

ରାୟଗଡା.(ସବ୍ୟୁ): ସମ୍ଭାବ୍ୟ ବାତ୍ୟା ସହ ପ୍ରବଳ ବର୍ଷା, ବନ୍ୟା ଓ ଭୂସ୍ଖଳନର ମୁକାବିଲା ପାଇଁ ରାୟଗଡ଼ ଜିଲ୍ଲା ପ୍ରଶାସନ ପକ୍ଷରୁ ବ୍ୟାପକ ପ୍ରସ୍ତୁତି ହୋଇଛି । ଏନେଇ ଜିଲ୍ଲାପାଳ ଆଶୁତୋଷ କୁଲକର୍ଣ୍ଣୀଙ୍କ ଅଧ୍ୟକ୍ଷତାରେ ଜିଲ୍ଲାସ୍ତରୀୟ ସମୀକ୍ଷା ବୈଠକ ପରେ ସାମ୍ବାଦିକ ସମ୍ମିଳନୀରେ ପ୍ରସ୍ତୁତି ସମ୍ପର୍କରେ ସୂଚନା ଦିଆଯାଇଛି । ଜିଲ୍ଲାରେ ୧୪୮ଟି ବନ୍ୟାପ୍ରବଣ ଓ ୫୫ଟି ଭୂସ୍ଖଳନପ୍ରବଣ ଅଞ୍ଚଳ ଚିହ୍ନଟ ହୋଇଛି । ବିପଦସଂକୁଳ ଅଞ୍ଚଳରୁ ୯୧୦୭ ଜଣଙ୍କୁ ସୁରକ୍ଷିତ ସ୍ଥାନାନ୍ତରଣ ପାଇଁ ଯୋଜନା ରହିଛି । ଏଥିପାଇଁ ୩ଟି ବହୁମୁଖୀ ବନ୍ୟା ଆଶ୍ରୟସ୍ଥଳୀ ସହ ୧୩୧ଟି ଅସ୍ଥାୟୀ ଆଶ୍ରୟସ୍ଥଳୀ ପ୍ରସ୍ତୁତ ରଖାଯାଇଛି । ୨୧୦ ଜଣ ଗର୍ଭବତୀଙ୍କ ସୁରକ୍ଷା ପାଇଁ ମଧ୍ୟ ସଓ୍ୱତନ୍ତ୍ର ବ୍ୟବସ୍ଥା ହୋଇଛି । ଉଦ୍ଧାର କାର୍ଯ୍ୟ ପାଇଁ ଗୁଣପୁରରେ ୩ଟି ଓଡ୍ରାଫ ଟିମ, ରାୟଗଡ଼ରେ ଗୋଟିଏ ଏନଡ଼ିଆର୍ଏଫ ଟିମ ଏବଂ ୧୧ଟି ଅଗ୍ନିଶମ ଟିମ ମୁତୟନ ରହିବେ । ୩ଟି ବୋଟ, ୪୫ଟି ଜେସିବି ଓ ୨ଟି ହାଇଡ୍ରା କ୍ରେନ ମଧ୍ୟ ପ୍ରସ୍ତୁତ ରଖାଯାଇଛି । ଜରୁରୀ ସେବା ପାଇଁ ବିଭିନ୍ନ ସ୍ତରରେ ୨୪ ଘଣ୍ଟିଆ ନିୟନ୍ତ୍ରଣ କକ୍ଷ ଖୋଲାଯାଇଛି । ପର୍ଯ୍ୟାପ୍ତ ରିଲିଫ ସାମଗ୍ରୀ ମହଜୁଦ ରଖାଯିବା ସହ ଜଳଭଣ୍ଡାରଗୁଡ଼ିକ ଉପରେ ନଜର ରଖାଯାଇଛି । ସମସ୍ତ ସରକାରୀ କର୍ମଚାରୀଙ୍କ ଛୁଟି ବାତିଲ କରାଯାଇଛି। ଜରୁରୀ ସହାୟତା ପାଇଁ ଜିଲ୍ଲା ନିୟନ୍ତ୍ରଣ କକ୍ଷର ୦୬୮୬୬-୨୨୪୦୬୨, ୨୨୪୦୮୨ ଏବଂ ଟୋଲ ଫ୍ରି ନମ୍ବର ୧୦୭୭ରେ ଯୋଗାଯୋଗ କରିବାକୁ ଜିଲ୍ଲାପାଳ ଜନସାଧାରଣଙ୍କୁ ଅନୁରୋଧ କରିଛନ୍ତି ।

ପେସାଦାର ସାମ୍ବାଦିକ ସଂଘ ପକ୍ଷରୁ
ଜିଲ୍ଲାସ୍ତରୀୟ ଜାତୀୟ ପ୍ରେସ ଦିବସ ପାଳିତ



ଭବାନୀପାଟଣା,(ସବ୍ୟୁ): ସାମ୍ବାଦିକମାନେ ନିଜର ଦକ୍ଷତା ଓ ନିର୍ଭିକତାକୁ ପୁଞ୍ଜି କରି ସତ୍ୟ ସମ୍ବାଦ ପରିବେଷଣ କରି ସମାଜର କଲ୍ୟାଣ ପାଇଁ ବ୍ରତି ହେବା ଆବଶ୍ୟକ ବୋଲି ପେସାଦାର ସାମ୍ବାଦିକ ସଂଘ କଳାହାଣ୍ଡି ପକ୍ଷରୁ ଆୟୋଜିତ ଜିଲ୍ଲାସ୍ତରୀୟ ଜାତୀୟ ପ୍ରେସ ଦିବସ ଅବସରରେ ଅତିଥିମାନେ ପ୍ରକାଶ କରିଥିଲେ। ସଂଘର ସଭାପତି ବରିଷ୍ଠ ସାମ୍ବାଦିକ ରଜନୀକାନ୍ତ ମିଶ୍ରଙ୍କ ଆହ୍ୱାନରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ବରିଷ୍ଠ ସାମ୍ବାଦିକ ସତ୍ୟନାରାୟଣ ମହାପାତ୍ର ସଭାପତିତ୍ୱ କରିଥିଲେ । ସଭାରେ ମୁଖ୍ୟ ଅତିଥି ଭାବରେ କଳାହାଣ୍ଡି ଅତିରିକ୍ତ ଜିଲ୍ଲାପାଳ ତନ୍ମୟ କୁମାର ଦରୱାନ ଉପସ୍ଥିତ ଥିବା ବେଳେ ବରିଷ୍ଠ ସାମ୍ବାଦିକ ତଥା ସାହିତ୍ୟିକ ଉମାଶଙ୍କର କର ମୁଖ୍ୟବକ୍ତା ଭାବରେ ଯୋଗଦେଇଥିଲେ । ସମ୍ମାନୀତ ଅତିଥି ଭାବରେ ଜିଲ୍ଲା ସୂଚନା ଓ ଲୋକସଂପର୍କ ଅଧିକାରୀ ମନୋଜ କୁମାର ବେହେରା, ବରିଷ୍ଠ ସାମ୍ବାଦିକ ଶାନ୍ତନୁ କୁମାର ବେହେରା, ବରିଷ୍ଠ ସାମ୍ବାଦିକ ଦେବେନ୍ଦ୍ର ବିଶି, ହର୍ଜନ୍ଦର ସିଂହ ଏବଂ ଗୋଲାମୁଣ୍ଡା ବ୍ଲକ ଅଧ୍ୟକ୍ଷ ବିନ୍ଦୁ ମହାନନ୍ଦ ଉପସ୍ଥିତ ଥିଲେ। ଏହି ଅବସରରେ ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ବରିଷ୍ଠ ସାମ୍ବାଦିକ ଦେବେନ୍ଦ୍ର ବିଶି ଓ ଡିଜିଟାଲ ଓ ଚ୍ୟାନେଲ କଳାହାଣ୍ଡି ଟିଭିର ଜିଲ୍ଲା ମୁଖ୍ୟ ରାଜକୁମାର ସିଂଦେଓ, ରେଣ୍ଡୋ ମାଝୀ ମେଲିକାଲ କଲେଜର ବରିଷ୍ଠ ସର୍ଜିକାଲ ସ୍ପେସାଲିଷ୍ଟ ସୁନିଲ କୁମାର କରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ଏହି ଅବସରରେ ଜିଲ୍ଲାର ଗ୍ରାମାଞ୍ଚଳରେ କାର୍ଯ୍ୟରତ ଅନେକ ସାମ୍ବାଦିକଙ୍କୁ ପୁରସ୍କୃତ କରାଯାଇଥିଲା। ଶେଷରେ ସଭାପତି ରଜନୀକାନ୍ତ ମିଶ୍ର ଉପସ୍ଥିତ ଜନସାଧାରଣ, ବୁଦ୍ଧିଜୀବୀ ଓ ସାମ୍ବାଦିକମାନଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।

ଏମ୍ଆରପି ଠାରୁ ୭୫ ଟଙ୍କା ଅଧିକ ନେବା ମହଙ୍gା ପଡ଼ିଲା
୨୫ ହଜାର ଟଙ୍କା କ୍ଷତିପୂରଣ ଦେବାକୁ ଖାଉଟି ଅଦାଲତଙ୍କ ନିର୍ଦ୍ଦେଶ

ସମ୍ବଲପୁର,(ସବ୍ୟୁ) : ସାମଗ୍ରୀର ସର୍ବାଧିକ ଖୁଚୁରା ମୂଲ୍ୟ (ଏମଆରପି) ଠାରୁ ଅଧିକ ଟଙ୍କା ଆଦାୟ କରିବା ଏବଂ ଗ୍ରାହକଙ୍କୁ ଟଙ୍କା ଫେରସ୍ତ ନକରି ବଳକା ଅର୍ଥରେ ଅନ୍ୟ ସାମଗ୍ରୀ କିଣିବାକୁ ବାଧ କରିବା ଏକ ପ୍ରତିଷ୍ଠିତ ସପିଂ ମଲ୍କୁ ମହଙ୍gା ପଡ଼ିଛି । ୭୫ ଟଙ୍କା ଅଧିକ ବିଲ କରିବା ଏବଂ ପ୍ରତିବାଦ କଲାବେଳେ ଟଙ୍କା ଫେରସ୍ତ ନଦେଇ ମାଲିକାନା ନୀତି ଦେଖାଇ ଅନ୍ୟ ସାମଗ୍ରୀ କିଣିବାକୁ ବାଧ କରିଥିବାରୁ, ସମ୍ବଲପୁର ଜିଲ୍ଲା ଖାଉଟି ବିବାଦ ସମାଧାନ ଆୟୋଗ ସମ୍ପୃକ୍ତ ସଂସ୍ଥା ଉପରେ ୨୫,୦୭୫ ଟଙ୍କାର ଆର୍ଥିକ ଦଣ୍ଡାଦେଶ ଶୁଣାଇଛନ୍ତି । ଆୟୋଗଙ୍କ ନିର୍ଦ୍ଦେଶ ଅନୁଯାୟୀ ବିପକ୍ଷ ସଂସ୍ଥା ଆଗାମୀ ୩୦ ଦିନ ମଧ୍ୟରେ ଅଭିଯୋଗକାରୀଙ୍କୁ ଅଧିକ ନିଆଯାଇଥିବା ୭୫ ଟଙ୍କା ଫେରସ୍ତ କରିବେ, ମାନସିକ ନିର୍ଯାତନା ଓ ସେବାରେ ତ୍ରୁଟି ପାଇଁ ୧୫,୦୦୦ ଟଙ୍କା କ୍ଷତିପୂରଣ ଦେବେ ଏବଂ ମାମଲା ପରିଚାଳନା ଖର୍ଚ୍ଚ ବାବଦକୁ ୧୦,୦୦୦ ଟଙ୍କା ପ୍ରଦାନ କରିବେ । ଯଦି ୩୦ ଦିନ ମଧ୍ୟରେ ଏହି ଅର୍ଥ ପୈଠ ନହୁଏ, ତେବେ ସମ୍ପୂର୍ଣ୍ଣ ରାଶି ଉପରେ ବାର୍ଷିକ ୯ ପ୍ରତିଶତ ସୁଧ ସହ ଅର୍ଥ ଆଦାୟ କରାଯିବ ବୋଲି ଅଦାଲତ ତାଙ୍କ ଆଦେଶରେ ଉଲ୍ଲେଖ କରିଛନ୍ତି ।

ସମ୍ବଲପୁର ଧନୁପାଲି ଥାନା ଅନ୍ତର୍ଗତ ହରିଓଁ ନଗରର ବାସିନ୍ଦା ରାମଚନ୍ଦ୍ର ଦାସ ଗତ ୨୭ ଏପ୍ରିଲ ୨୦୨୬ ରାତି ପ୍ରାୟ ୮ଟା ସମୟରେ ପରିବାର ସହ ମୋଦିପଡ଼ା ଫାର୍ମ ରୋଡ (ସିଟି ସେଣ୍ଟର ନିକଟ) ସ୍ଥିତ 'ଭି-୨ ଭାଲ୍ୟୁ ଆଣ୍ଡ ଭେରାଇଟି' ସୋ'ରୁମ୍କୁ କିଣାକିଣି କରିବାକୁ ଯାଇଥିଲେ । ସେଠାରେ ସେ ତାଙ୍କ ଝିଅ ପାଇଁ ଏକ ଜିନ୍ସ ପସନ୍ଦ କରିଥିଲେ । ଯାହାର ଟ୍ୟାଗ୍ରେ ସମସ୍ତ ଟିକସ ସହ ମୂଲ୍ୟ ୪୭୫ ଟଙ୍କା ଲେଖା ଯାଇଥିଲା। ମାତ୍ର ବିଲିଂ କାଉଣ୍ଟରରେ କର୍ମଚାରୀମାନେ ୪୭୫ ଟଙ୍କା ବଦଳରେ ୫୫୦ ଟଙ୍କା ଚାର୍ଜ କରିଥିଲେ। ଘରକୁ ଫେରିବା ପରେ ଶ୍ରୀ ଦାସ ଅଧିକ ବିଲ ସମ୍ପର୍କରେ ଜାଣିବାକୁ ପାଇଥିଲେ। ଏହାପରେ ଗତ ୩୦ଏପ୍ରିଲ, ୨୦୨୬ ଦିନ ସେ ସୋ'ରୁମକୁ ଯାଇ ଏହି ଭୁଲ ସଂଶୋଧନ କରିବାକୁ ଅନୁରୋଧ କରିଥିଲେ । ସେଠାରେ ଟ୍ୟାଗ ଓ ବିଲ୍ସ କଡ଼ା ଯାଞ୍ଚ ପରେ ବିପକ୍ଷ ପକ୍ଷର କର୍ମଚାରୀମାନେ ମୂଲ୍ୟରେ ତାରତମ୍ୟ ଥିବା କଥାକୁ ସ୍ୱୀକାର କରିଥିଲେ। ମାତ୍ର କମ୍ପାନୀର ମ୍ୟାନେଜେରିଆଲ ନିର୍ଦ୍ଦେଶ ରହିଛି ବାହାନା ଦେଖାଇ ସେମାନେ ନଗଦ କିମ୍ବା ବ୍ୟାଙ୍କ ଜରିଆରେ ଟଙ୍କା ଫେରସ୍ତ କରିବାକୁ ସ୍ପଷ୍ଟ ଭାବେ ମନା କରି ଦେଇଥିଲେ । ସେମାନେ ଉକ୍ତ ଟଙ୍କାକୁ ଆଡଜଷ୍ଟ କରିବା ପାଇଁ ଅନ୍ୟ କୌଣସି ଜିନିଷ କିଣିବାକୁ ବାଧ କରିଥିଲେ, ଯାହାକି ଏକ ପ୍ରକାରର 'ପ୍ରତିବନ୍ଧକ ବ୍ୟବସାୟିକ ଅଭ୍ୟାସ' ଅଟେ ।

ଏହି ୭୫ ଟଙ୍କା ଅତିରିକ୍ତ ଆଦାୟ ଏବଂ ଏଭଳି ଅସାଧୁ ବ୍ୟବସାୟିକ କାର୍ଯ୍ୟକଳାପ ଦର୍ଶାଇ ଶ୍ରୀ ଦାସ ଗତ ୮ମେ, ୨୦୨୬ ରେ ନିଜେ ଖାଉଟି ଅଦାଲତଙ୍କ ଦ୍ୱାରସ୍ଥ ହୋଇଥିଲେ। ଏହି ମାମଲାରେ (ସିସି କ୍ଲଞ୍ଜ. ୧୦୦/୨୦୨୬) ସମ୍ବଲପୁର ଶାଖା ପରିଚାଳକ ଏବଂ ଗୁରୁଗ୍ରାମ ସ୍ଥିତ 'ଭି-୨ ରିଟେଲ ଲିମିଟେଡ'ର ପରିଚାଳନା ନିର୍ଦ୍ଦେଶକଙ୍କୁ ପକ୍ଷଭୁକ୍ତ କରାଯାଇଥିଲା। ମାମଲା ଶୁଣାଣି ସମୟରେ ବିପକ୍ଷ (ଭି-୨କର୍ତ୍ତୃପକ୍ଷ) ଅଦାଲତରେ କୌଣସି ପକ୍ଷ ରଖି ନଥିଲେ। ସମସ୍ତ ନଥିପତ୍ର ଓ ପ୍ରମାଣକୁ ଭିତ୍ତି କରି ଆୟୋଗଙ୍କ ଅଧ୍ୟକ୍ଷ ଡଃ ରମାକାନ୍ତ ଶତପଥୀ ଏବଂ ସଦସ୍ୟ ଶ୍ରୀ ସଦାନନ୍ଦ ତ୍ରିପାଠି ବୃତ୍ତାନ୍ତ ରାୟ ପ୍ରକାଶ କରିଛନ୍ତି। ଆୟୋଗ ସ୍ପଷ୍ଟ କରିଛନ୍ତି ଯେ, 'ଲିଗାଲ ମେଟ୍ରୋଲୋଜି ଆକ୍ଟ, ୨୦୦୯' ଅନୁଯାୟୀ କୌଣସି ବ୍ୟବସାୟୀ ଏମଆରପି ଠାରୁ ଅଧିକ ମୂଲ୍ୟ ନେଇପାରିବେ ନାହିଁ । ଏହା ସେବାରେ ତ୍ରୁଟି ଓ ଅସାଧୁ ବ୍ୟବସାୟିକ ଆଚରଣ ଅଟେ ।

ଜଳିଗଲା ଯାତ୍ରୀବାହୀ ବସ ଅଳ୍ପକେ ବର୍ତ୍ତିଲେ ୨୭ ଯାତ୍ରୀ

ରାଉରକେଲା,(ସବ୍ୟୁ): ଇସ୍ପାତ ନଗରୀ ରାଉରକେଲାର ହନୁମାନ ବାଟିକା ଛକ ନିକଟରେ ସୋମବାର ସନ୍ଧ୍ୟାରେ ଏକ ଘରୋଇ ଯାତ୍ରୀବାହୀ ବସ୍ରେ ଭୟାବହ ଅଗ୍ନିକାଣ୍ଡ ଘଟିଛି । ସୁନ୍ଦରଗଡ଼ରୁ ରାଉରକେଲା ଆସୁଥିବା 'ଖୁସବୁ' ନାମକ ବସ୍ଟି ହଠାତ୍ ନିଆଁରେ ଜଳିବାକୁ ଲାଗିଥିଲା। ତେବେ ବସ୍ରେ ଥିବା ସମସ୍ତ ଯାତ୍ରୀ ଓ କର୍ମଚାରୀ ସମୟୋଚିତ ଭାବେ ବାହାରି ଆସିଥିବାରୁ ଏକ ବଡ଼ଧରଣର ଅଘଟଣ ଟଳିଯାଇଛି । ସୂଚନା ଅନୁଯାୟୀ, ସନ୍ଧ୍ୟା ସମୟ ୭.୩୦ମି. ବସ୍ଟି ହନୁମାନ ବାଟିକା ଛକ ନିକଟରେ ଟ୍ରାଫିକ୍ରେ ଅଟକିବା ପରେ ଆଗକୁ ବଢ଼ିବା ସମୟରେ ହଠା୍ ବନ୍ଦ ହୋଇଯାଇଥିଲା। ଏହାପରେ ବସ ତଳ ପାର୍ଶ୍ୱରୁ ଧୂଆଁ ବାହାରିବା ଦେଖି ଯାତ୍ରୀମାନେ ତୁରନ୍ତ ବସରୁ ଓହ୍ଲାଇ ପଡ଼ିଥିଲେ। କିଛି ସମୟ ମଧ୍ୟରେ ନିଆଁ ଭୟଙ୍କର ରୂପ ଧାରଣ କରି ବସକୁ ଗ୍ରାସ କରିଥିଲା। ଖବର ପାଇ ଅଗ୍ନିଶମ ବାହିନୀର ଦୁଇଟି ଗାଡ଼ି ଘଟଣାସ୍ଥଳରେ ପହଞ୍ଚି ଦୀର୍ଘ ସମୟର ଉଦ୍ୟମ ପରେ ନିଆଁକୁ ଆୟତ୍ତ କରିଥିଲେ । ଯାତ୍ରୀମାନଙ୍କ ଜୀବନ ରକ୍ଷା ପାଇଥିଲେ ମଧ୍ୟ ସେମାନଙ୍କ ଜିନିଷପତ୍ର ନଷ୍ଟ ହୋଇଥିବା ଖବର ମିଳିଛି।

ଡୁରେକେଲା ପୋଲିସ ପକ୍ଷରୁ ୬ ଦାଦନ ଶ୍ରମିକ ଉଦ୍ଧାର

କଣ୍ଟାବାଞ୍ଜି ,(ସବ୍ୟୁ): ଡୁରେକେଲା ଥାନା ପୋଲିସ ସୋମବାର ରାତିରେ ୬ ଦାଦନ ଶ୍ରମିକ ଉଦ୍ଧାର କରିଛି । ମିଳିଥିବା ସୂଚନା ଅନୁସାରେ ଡୁରେକେଲା ଥାନା ମହୁଲ ପାଟି ଗ୍ରାମରେ ଛତିଶଗଡ ରାଜ୍ୟର ଶ୍ରମିକ ମାନେ ବସ ଯୋଗେ ସିନାପାଲି ଦେଇ ହାଇଦ୍ରାବାଦକୁ ଚାଲାଣ ହେବାର ଥିଲା । ପୋଲିସ ଖବର ପାଇ ଚଢ଼ଉ କରି ମହୁଲ ପାଟି ଗ୍ରାମରୁ ଉଦ୍ଧାର କରିଛି । ଦାଦନ ସର୍ଦ୍ଦାର ଜିତ ଖର୍ସେଲକୁ ଗିରଫ କରି କୋର୍ଟ ଚାଲାଣ କରିଛି ।

ଉଦ୍ଘାଟିତ ହେଲା ମୂଷାପାଲିର ନୂତନ ସାପ୍ତାହିକ ବଜାର

କୋକସରା,(ସବ୍ୟୁ): କୋକସରା ବ୍ଲକ ମୂଷାପାଲି ପଞ୍ଚାୟତରେ ମଙ୍ଗଳବାର ନୂତନ ସାପ୍ତାହିକ ବଜାରର ଶୁଭାରମ୍ଭ ହୋଇଛି । ପଞ୍ଚାୟତବାସୀଙ୍କ ଦୈନନ୍ଦିନ କିଣାବିକା ପାଇଁ ଅନ୍ୟ ସ୍ଥାନ ଉପରେ ନିର୍ଭରଶୀଳତା ଦୂର କରିବା ଉଦ୍ଦେଶ୍ୟରେ ଗ୍ରାମବାସୀଙ୍କ ଉଦ୍ୟମରେ ଏହି ବଜାର ଆରମ୍ଭ କରାଯାଇଛି। ଏଥିପାଇଁ ଏକ କମିଟି ଗଠନ କରାଯାଇ ମା' ମାଉଲିଙ୍କ ପ୍ରଥମ ବାର୍ଷିକ ଯାତ୍ରା ଅବସରରେ ବଜାର ଉଦ୍ଘାଟନ କରାଯାଇଥିଲା । ଏହି ଅବସରରେ ଗ୍ରାମଦେବୀଙ୍କ ନିକଟରେ ପୂଜାରୀ ମନ୍ଧର ପୂଜା

ସମ୍ପାଦକୀୟ

ଶୋଭା ପାଇଲାନି ବିରୋଧୀଙ୍କ ବର୍ଜନ

ଆମ ଗଣତାନ୍ତ୍ରିକ ବ୍ୟବସ୍ଥାରେ ସରକାରୀଦଳ ପରି ବିରୋଧୀ ଦଳର ମଧ୍ୟ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି । ସରକାରୀ ଦଳ ବିରୋଧୀ ଦଳକୁ ଓ ବିରୋଧୀ ଦଳ ସରକାରୀ ବା ଶାସକ ଦଳକୁ ମଧ୍ୟ ଗୁରୁତ୍ୱ ଦେଇଥାନ୍ତି । ଦୁଃଖର କଥା, ଆମ ସାଧାରଣତନ୍ତ୍ରର ୭୫ ବର୍ଷ ଆମେ ଅତିକ୍ରମ କରିବା ପରେ ବି ଆମର ଗଣତାନ୍ତ୍ରିକ ବ୍ୟବସ୍ଥା ସତେ ଯେପରି ଗୁରୁତ୍ୱହୀନ ହୋଇପଡୁଛି । ଉଭୟ ସରକରାରୀ ଓ ବିରୋଧୀ ଦଳ ମଧ୍ୟରେ ମତପାର୍ଥକ୍ୟ ରହିବା ଗଣତାନ୍ତ୍ରିକ ପ୍ରକ୍ରିୟାରେ ସ୍ୱାଭାବିକ ବୋଲି ଭାରତର ଉପ-ରାଷ୍ଟ୍ରପତି ସି.ପି. ରାଧାକୃଷ୍ଣନ କହିଛନ୍ତି । ଓଡ଼ିଶା ବିଧାନସଭାରେ ଏକ ପ୍ରବେଶିକା ତାଲିମ କାର୍ଯ୍ୟକ୍ରମରେ ଉପରାଷ୍ଟ୍ରପତି ଉଦ୍‌ବୋଧନ ଦେବା ବେଳେ ସେ ଏହା ପ୍ରକାଶ କରିଥିଲେ । ଉଲ୍ଲେଖନୀୟ ଯେ ରାଜ୍ୟର ବିରୋଧୀଦଳ ବିଜେଡି ଓ କଂଗ୍ରେସର ବିଧାୟକମାନେ ଉପ-ରାଷ୍ଟ୍ରପତି ଶ୍ରୀ ରାଧାକୃଷ୍ଣନଙ୍କର ଏହି କାର୍ଯ୍ୟକ୍ରମକୁ ବର୍ଜନ କରିଥିଲେ । ଏହା ଦ୍ୱାରା ବିରୋଧୀ ଦଳର ମର୍ଯ୍ୟାଦା ବୃଦ୍ଧି ପାଇଥିବା ପରି ମନେ ହୁଏ ନାହିଁ, ଯାହାକୁ ଲକ୍ଷ୍ୟ କରି ଆମ ଉପ-ରାଷ୍ଟ୍ରପତି ଶ୍ରୀ ରାଧାକୃଷ୍ଣନ ଉପରୋକ୍ତ ମନ୍ତବ୍ୟ ବିଧାନସଭାର ଓରିଏଣ୍ଟେସନ କାର୍ଯ୍ୟକ୍ରମରେ ଉଦବୋଧନ ଦେବା ସମୟରେ କହିଥିଲେ ।

ଅତୀତରେ ଦୀର୍ଘ ଦିନ ଧରି କଂଗ୍ରେସ କେନ୍ଦ୍ର ଓ ରାଜ୍ୟରେ କ୍ଷମତାସୀନ ଥିବାବେଳେ କୌଣସି ରାଷ୍ଟ୍ରପତି ବା ଉପ-ରାଷ୍ଟ୍ରପତିଙ୍କୁ ଓଡ଼ିଶା ବିଧାନସଭାକୁ ନିମନ୍ତ୍ରଣ ଜରିଆରେ ଗଣତନ୍ତ୍ରର ମର୍ଯ୍ୟାଦା ବୃଦ୍ଧି କରାଯାଇ ନଥିଲା । ପ୍ରାୟ ଆଠ ବା ନଅ ବର୍ଷ କାଳ ବିଜେଡି ଓ ବିଜେପି ରାଜ୍ୟରେ ମିଳିତ ଭାବେ କ୍ଷମତାସୀନ ହୋଇଥିଲେ ମଧ୍ୟ ସେ ସମୟରେ କିମ୍ବା ବିଜେଡି ରାଜ୍ୟରେ ଏକାକୀ କ୍ଷମତାସୀନ ଥିବାବେଳେ ମଧ୍ୟ ଭାରତର ପ୍ରଥମ ନାଗରିକ ବା ତାଙ୍କ ସହଯୋଗୀ ପଦବୀରେ ଥିବା ଉପ-ରାଷ୍ଟ୍ରପତି ତଥା ରାଜ୍ୟସଭାର ଅଧ୍ୟକ୍ଷଙ୍କୁ ଓଡ଼ିଶା ବିଧାନସଭାକୁ ନିମନ୍ତ୍ରଣ କରାଯାଇ ନ ଥିଲା ।

ଭାରତରେ ସବୁଠାରୁ ପୁରୁଣା ରାଜନୀତିକ ଦଳ କଂଗ୍ରେସର ଏକ ସ୍ୱତନ୍ତ୍ର ମର୍ଯ୍ୟାଦା କେବଳ ଓଡ଼ିଶାରେ ନୁହେଁ, ସମଗ୍ର ଭାରତବର୍ଷରେ ରହିଛି । ଓଡ଼ିଶାରେ ଏବେ କିନ୍ତୁ ଏହା ବିରୋଧୀ ଦଳର ମର୍ଯ୍ୟାଦା ପାଇ ପାରିନାହିଁ । ଅଥଚ ବିଜୁ ଜନତା ଦଳ ବା ବିଜେଡି ରାଜ୍ୟରେ ବିରୋଧୀ ଦଳର ମର୍ଯ୍ୟାଦା ପାଇ ପାରିଛି । ରାଜ୍ୟରେ କଂଗ୍ରେସ ଦଳର ମଙ୍ଗ ଧରି ଏହାର ସଭାପତି ହୋଇଛନ୍ତି ପୂର୍ବତନ କେନ୍ଦ୍ର ମନ୍ତ୍ରୀ ଭକ୍ତ ଚରଣ ଦାସ । ସେହିପରି ବିଜେଡିର ରାଜ୍ୟ ସଭାପତି ନବୀନ ପଟ୍ଟନାୟକ ଏବେ ରାଜ୍ୟର ବିରୋଧୀ ଦଳର ନେତା । ରାଜ୍ୟରେ ସେ ଦୀର୍ଘ ଚବିଶ ବର୍ଷ କାଳ ମୁଖ୍ୟମନ୍ତ୍ରୀ ଥିଲେ । ତା'ପୂର୍ବରୁ ସେ କେନ୍ଦ୍ରମନ୍ତ୍ରୀ ମଧ୍ୟ ଥିଲେ । ମାତ୍ର ଏପରି ଏକ ସାମ୍ବିଧାନିକ କାର୍ଯ୍ୟରେ ବିଜେଡି ବିଧାୟକମାନେ ଯୋଗ ନ ଦେବା ଯୋଗୁ ତାଙ୍କର ଭାବମୂର୍ତ୍ତି ମଳିନ ପଡ଼ିଥିବା ପରି ମନେ ହୋଇଥାଏ । ରାଜ୍ୟରେ ମୋହନ ଚରଣ ମାଝୀ ଭିନ୍ନ ଏକ ରାଜନୀତିକ ଦଳରେ ଥାଇ ସରକାର ଚଳାଉଥିଲେ ମଧ୍ୟ ବିରୋଧୀ ଦଳକୁ ଉପଯୁକ୍ତ ମର୍ଯ୍ୟାଦା ଦେବାରେ କେବେ ହେଲେ ସେ ଅବହେଳା କରି ନାହାନ୍ତି । ବିରୋଧୀ ଦଳର ନେତା ନବୀନ ପଟ୍ଟନାୟକ ମଧ୍ୟ ମୋହନ ଚରଣ ମାଝୀଙ୍କୁ ମୁଖ୍ୟମନ୍ତ୍ରୀ ଭାବେ ଉପଯୁକ୍ତ ମର୍ଯ୍ୟାଦା ଦେବାରେ କେବେ ହେଲେ ଅବହେଳା କରିନାହାନ୍ତି । ସେହିପରି ରାଜ୍ୟ କଂଗ୍ରେସ ସଭାପତି ଭକ୍ତ ଚରଣ ଦାସଙ୍କୁ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ କେବେହେଲେ ଅସମ୍ମାନିତ କରି ନାହାନ୍ତି କିମ୍ବା ଭକ୍ତ ଚରଣ ଦାସ ରାଜ୍ୟ ମୁଖ୍ୟମନ୍ତ୍ରୀଙ୍କୁ ମଧ୍ୟ କେବେ ହେଲେ ଅପମାନିତ କରିନାହାନ୍ତି । ଅବଶ୍ୟ ରାଜନୀତିକ ସ୍ତରରେ ବିଭିନ୍ନ ସମସ୍ୟାକୁ ଆଧାର କରି ବିଜେପି ଦଳ ସହିତ ବିଜେଡି ବା କଂଗ୍ରେସର ମତପାର୍ଥକ୍ୟ ରହିଛି । ବିରୋଧୀ ଦଳ ଶାସକ ବା ସରକାରୀ ଦଳକୁ ଗଠନମୂଳକ ସମାଲୋଚନା କରିଆସିଛନ୍ତି । ବିଧାନସଭାରେ ମଧ୍ୟ ସରକାରୀ ଦଳକୁ ଅସୁବିଧାରେ ପକାଇଛନ୍ତି । ସରକାରୀ ଦଳ ମଧ୍ୟ ବିରୋଧୀ ଦଳର ସମାଲୋଚନାକୁ ଭୟ ନ କରି ଅତୀତରେ ସେମାନଙ୍କ ତ୍ରୁଟିପୂର୍ଣ୍ଣ କାର୍ଯ୍ୟକଳାପର ସମାଲୋଚନା କରି ଆସିଛନ୍ତି । ମାତ୍ର ଭାରତର ଉପ-ରାଷ୍ଟ୍ରପତି ଶ୍ରୀ ରାଧାକୃଷ୍ଣନଙ୍କ ଆଗମନ ଯୋଗୁ ଓଡ଼ିଶା ବିଧାନସଭାର ମର୍ଯ୍ୟାଦା ବୃଦ୍ଧି ପାଇଥିଲା । ଅତୀତରେ ଦୀର୍ଘ ଦିନ ଧରି କଂଗ୍ରେସ କେନ୍ଦ୍ର ଓ ରାଜ୍ୟରେ କ୍ଷମତାସୀନ ଥିବାବେଳେ କୌଣସି ରାଷ୍ଟ୍ରପତି ବା ଉପ-ରାଷ୍ଟ୍ରପତିଙ୍କୁ ଓଡ଼ିଶା ବିଧାନସଭାକୁ ନିମନ୍ତ୍ରଣ ଜରିଆରେ ଗଣତନ୍ତ୍ରର ମର୍ଯ୍ୟାଦା ବୃଦ୍ଧି କରାଯାଇ ନଥିଲା । ପ୍ରାୟ ଆଠ ବା ନଅ ବର୍ଷ କାଳ ବିଜେଡି ଓ ବିଜେପି ରାଜ୍ୟରେ ମିଳିତ ଭାବେ କ୍ଷମତାସୀନ ହୋଇଥିଲେ ମଧ୍ୟ ସେ ସମୟରେ କିମ୍ବା ବିଜେଡି ରାଜ୍ୟରେ ଏକାକୀ କ୍ଷମତାସୀନ ଥିବାବେଳେ ମଧ୍ୟ ଭାରତର ପ୍ରଥମ ନାଗରିକ ବା ତାଙ୍କ ସହଯୋଗୀ ପଦବୀରେ ଥିବା ଉପ-ରାଷ୍ଟ୍ରପତି ତଥା ରାଜ୍ୟସଭାର ଅଧ୍ୟକ୍ଷଙ୍କୁ ଓଡ଼ିଶା ବିଧାନସଭାକୁ ନିମନ୍ତ୍ରଣ କରାଯାଇ ନ ଥିଲା । ତଥାପି ରାଜ୍ୟର ବିଜେପି ସରକାର ଭାରତର ଉପ-ରାଷ୍ଟ୍ରପତିଙ୍କୁ ବିଧାନସଭାକୁ ନିମନ୍ତ୍ରଣ କରି ଆଣିବା ପରେ ବିରୋଧୀ ଦଳ ନିଜ ନିଜର ମର୍ଯ୍ୟାଦା ଓ ସମ୍ମାନ ଦୃଷ୍ଟିରୁ ବିଧାନସଭାର ପ୍ରବେଶିକା ତାଲିମ କାର୍ଯ୍ୟକ୍ରମକୁ ବର୍ଜନ କରିବାର ନ ଥିଲା । ତାହା ହିଁ ଦୁର୍ଭାଗ୍ୟ ଆମର ।

ସମ୍ପାଦକୀୟ ପୃଷ୍ଠା ପାଇଁ ଆଲେଖ୍ୟ ଏବଂ ସମ୍ପାଦକଙ୍କୁ ପତ୍ର, ଆପଣ ଆମକୁ ନିମ୍ନ ଇ-ମେଲ୍‌ରେ ପଠାଇପାରିବେ । (ସମସ୍ତ ଲେଖାରେ ଲେଖକଙ୍କ ସମ୍ପୂର୍ଣ୍ଣ ଠିକଣା ସହ ମୋବାଇଲ ନମ୍ବର ଏବଂ ଫଟୋ ରହିବା ଆବଶ୍ୟକ ।

samayaeditorial2021@gmail.com

ଏହି ପୃଷ୍ଠାରେ ସ୍ଥାନିତ ଆଲେଖ୍ୟ ଗୁଡ଼ିକର ତଥ୍ୟ, ମତାମତ ଆଦି ଲେଖକଙ୍କ ଏକାନ୍ତ ନିଜସ୍ୱ । ଏଥିପାଇଁ 'ସମୟ' କର୍ତ୍ତୃପକ୍ଷ ଦାୟୀ ନୁହଁନ୍ତି ।

ଆଜିର ଅନୁଚିନ୍ତା

ସ୍କ୍ରିନ୍ ଟାଇମ



ରତ୍ନାକର ରାଉତ

ସଂପ୍ରତି ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ପ୍ରଶ୍ନ ହେଉଛି ପ୍ରତ୍ୟେକ ଦିନ ସ୍କ୍ରିନ୍ ଟାଇମ କେତେ ହେବା ଉଚିତ ? ମାନସିକ ରୋଗ ଚିକିତ୍ସା କରୁଥିବା ମନସ୍ତତ୍ତ୍ୱବିତ ଓ ମନୋବୈଜ୍ଞାନିକମାନେ କହୁଛନ୍ତି ସ୍କ୍ରିନ୍ ଟାଇମ କମାନ୍ତୁ । ଚକ୍ଷୁ ବିଶେଷଜ୍ଞ କହୁଛନ୍ତି ସ୍କ୍ରିନ୍ ଟାଇମ କମ କରିବାକୁ ପଡ଼ିବ, କାରଣ ଆଖି ଉପରେ ଚାପ ପଡୁଛି, ତାକୁ କମେଇବା ଜରୁରୀ । ସେହିପରି ଭେଷଜ ବିଶେଷଜ୍ଞ, ମଧୁମେହ ବିଶେଷଜ୍ଞ, ସ୍ନାୟୁରୋଗ ବିଶେଷଜ୍ଞ, ସ୍ନାୟୁଶଲ୍ୟ ଚିକିତ୍ସକ ସମସ୍ତେ କହୁଛନ୍ତି ସ୍କ୍ରିନ୍ ଟାଇମ କମେଇବାକୁ । ଅନ୍ୟପକ୍ଷରେ ସ୍କ୍ରିନ୍ ଟାଇମ ଦିନକୁ ଦିନ ବଢ଼ିଚାଲୁଛି । ଯେତେ କମେଇବାକୁ ଚେଷ୍ଟାକଲେ ବି' ପରିସ୍ଥିତି ଏମିତି ହେଉଛି ସ୍କ୍ରିନ୍ ଟାଇମ ବଢ଼ିଯାଉଛି । ବୟସ୍କ ପିତାମାତାଙ୍କୁ ପିଲାମାନେ ଆକଟ କରୁଛନ୍ତି । ପିଲାମାନଙ୍କୁ ବାପମାଆମାନେ ନିୟନ୍ତ୍ରଣରେ ରଖିବାକୁ ଚାହୁଁଛନ୍ତି । କିନ୍ତୁ ଫଳାଫଳ ସେଭଳି ଉତ୍ସାହଜନକ ହେଉନାହିଁ । କାରଣ ବର୍ତ୍ତମାନ ସ୍କ୍ରିନ୍ ଉପରେ ସାରା ସମାଜର ସ୍ଥିତି ଓ ଗତି ନିର୍ଭର କରୁଛି । ସମୟ ବିତୁ ନଥିବା ଲୋକମାନଙ୍କ ପାଇଁ ମୋବାଇଲର ସ୍କ୍ରିନ୍ ବର୍ତ୍ତମାନ ସାଥୀ ଓ ସାହାରା ପାଲଟିଛି ।

ଦୁଇ ଦଶନ୍ଧି ପୂର୍ବରୁ ମୋବାଇଲ ନ ଥିଲା । ସରକାରୀ କାର୍ଯ୍ୟ ସୁରୁଖୁରୁରେ ହେଉଥିଲା । ଏବେ ପ୍ରଶାସନ ଗତିଶୀଳ ହୋଇଛି । ପ୍ରାୟତଃ ଏବେ ଆଉ ଲ୍ୟାଣ୍ଡ ଲାଇନ ଫୋନ ବିଶେଷ ବ୍ୟବହାର ହେଉ ନାହିଁ । ମୋବାଇଲରେ ହ୍ୱାଟ୍ସଆପ୍ ଗ୍ରୁପ ତିଆରି ହେଉଛି । ସବୁ ପ୍ରକାର ଯୋଗାଯୋଗ ମୋବାଇଲ ମାଧ୍ୟମରେ ହେଉଛି, ଚିଠି ଆଦାନ ପ୍ରଦାନଠାରୁ ଆରମ୍ଭ କରି ଗୁଗୁଲ ମିଟ୍‌ରେ ଯୋଗ ଦେବା ପର୍ଯ୍ୟନ୍ତ, ପ୍ରାୟ ସବୁକିଛି । ସବୁ ଅନ୍ ଲାଇନ । ଏହାର ଅର୍ଥ ନୁହେଁ ଯେ ଇମେଲରେ, ଫାକ୍ସରେ, ଡାକ ଯୋଗେ ଚିଠି ଯାଉନାହିଁ । ସେ ସବୁ ବ୍ୟବସ୍ଥା ସହିତ ତୁରନ୍ତ କାର୍ଯ୍ୟ ନିର୍ବାହ କରିବା ପାଇଁ ମୋବାଇଲର ଉପଯୋଗ କରାଯାଉଛି । ପିଅନଠାରୁ ଆରମ୍ଭ କରି ରାଜ୍ୟ ପ୍ରଶାସନ ଓ ଜାତୀୟ ପ୍ରଶାସନର ସର୍ବୋଚ୍ଚ କର୍ମକର୍ତ୍ତାମାନେ ମୋବାଇଲ ମାଧ୍ୟମରେ ଯୋଗାଯୋଗ କରୁଛନ୍ତି । ଏପରିକି ଛୁଟି ଦରଖାସ୍ତ ମଧ୍ୟ ମୋବାଇଲରେ ପଠାଯାଉଛି । କେବଳ ଖୁବ୍ ଜରୁରୀ ବାର୍ତ୍ତା ନୁହେଁ, ଅତି ସାଧାରଣରୁ ସାଧାରଣ ସରକାରୀ ବାର୍ତ୍ତା ମଧ୍ୟ ମୋବାଇଲ ମାଧ୍ୟମରେ ପଠେଇ ଅଧିକାରୀମାନେ ଆଶା କରୁଛନ୍ତି, ତତ୍‌କ୍ଷଣାତ୍ ପ୍ରାପକ କନିଷ୍ଠ ଅଧିକାରୀ ସେହି ବାର୍ତ୍ତାକୁ ଦେଖି ତୁରନ୍ତ ତା' ଉପରେ କାର୍ଯ୍ୟାନୁଷ୍ଠାନ କରନ୍ତୁ । ଇଏ ତ ଗଲା ସରକାରୀ କଥା । ସବୁ ବ୍ୟବସାୟିକ ସଂସ୍ଥା, ବେସରକାରୀ ସଂସ୍ଥା, କର୍ପୋରେଟ ସଂସ୍ଥାମାନେ ମୁଖ୍ୟତଃ ଅଧିକାଂଶ କାର୍ଯ୍ୟ ସ୍କ୍ରିନର ବ୍ୟବହାର ମାଧ୍ୟମରେ କରୁଛନ୍ତି । ବିଭିନ୍ନ କାର୍ଯ୍ୟରେ ନିୟୋଜିତ ଲୋକଙ୍କୁ ଛାଡ଼ିଦେଲେ, ଚାଷୀ, କ୍ଷୁଦ୍ର ବ୍ୟବସାୟୀ, ଛାତ୍ରଛାତ୍ରୀ ସଭିଏଁ ସ୍କ୍ରିନ ଉପରେ ନିର୍ଭରଶୀଳ । ଆଜିକାଲି ମୋବାଇଲ ବିନା ଜୀବନ ଅସମ୍ଭବ । କୃଷକ, ଶ୍ରମିକ, ଗୃହିଣୀ ସମସ୍ତଙ୍କ ପାଖରେ ମୋବାଇଲ । ଏବେ ମେବାଇଲରେ ସିରିଏଲଠାରୁ ଆରମ୍ଭ କରି ସବୁ ପ୍ରକାର ପ୍ରମୋସନାଲ ଭିଡଓ ଏପରିକି ସିନେମା ମଧ୍ୟ ଲୋକେ ଦେଖୁଛନ୍ତି । ଟି.ଭି. ଦର୍ଶକ ସଂଖ୍ୟା ଦିନକୁ ଦିନ କମିକମି ଯାଉଛି । ଖବର କାଗଜ ପାଠକମାନଙ୍କ ସଂଖ୍ୟା ବିଷୟରେ ଆଦୌ ନ କହିବା ଭଲ । ଏବେକୁ ଏବେ ଅନେକ ମୋବାଇଲ ମାଧ୍ୟମରେ ରିଲ୍ ପ୍ରସ୍ତୁତ କରି ଭଲ ଅର୍ଥ ମଧ୍ୟ ଉପାର୍ଜନ କରୁଛନ୍ତି । ତେଣୁ ସ୍କ୍ରିନରେ ଅଧିକ ସମୟ ଧରି ନ ରହିଲେ ଏ ସବୁ କାର୍ଯ୍ୟ ଆଦୌ ସମ୍ଭବ ନୁହେଁ ।

ମୋବାଇଲ ତ' ଗୋଟାଏ ଯନ୍ତ୍ର ମାତ୍ର । ଯେପରି ଛୁରି ଦ୍ୱାରା ପନିପରିବା କଟାଯାଏ, କାହାକୁ ଆଘାତ ବି କରାଯାଏ । ସେପରି ମୋବାଇଲକୁ ଆମେ କେମିତି ବ୍ୟବହାର କରୁଛୁ, ସେଥିରେ ହିଁ ସବୁ କିଛି ନିର୍ଭର କରେ । ଆମକୁ ସ୍କ୍ରିନକୁ ଛାଡ଼ିବାକୁ ପଡ଼ିବ ନାହିଁ, କେବଳ ସ୍କ୍ରିନକୁ ବାନ୍ଧିବାକୁ ପଡ଼ିବ । ଜୀବନ ସ୍କ୍ରିନ୍ ଭିତରେ ନୁହେଁ, ସ୍କ୍ରିନ୍ ବାହାରେ ଅଛି । ଯେଉଁ ହସ, ଯେଉଁ କଥା, ଯେଉଁ ସ୍ନେହ, ଯେଉଁ ବନ୍ଧନ, ଯେଉଁ ସଂପର୍କ, ଯେଉଁ ପ୍ରେମ, ଯେଉଁ ଭଲ ପାଇବା ତାହା କୌଣସି ସ୍କ୍ରିନରେ ମିଳିବ ନାହିଁ । ଆଜି ଯଦି ଆମେ ଟିକେ ସଚେତନ ନ ହେବା, କାଲି ଆମେ ନିଜ ଲୋକଙ୍କ ମଧ୍ୟରେ ରହି ମଧ୍ୟ ପର ହୋଇଯିବା ।



ଏବେ କହୁଛନ୍ତି ମୋବାଇଲ ସ୍କ୍ରିନ୍ ଟାଇମ କମ କରି ବରଂ ଟି.ଭି.ରେ ଯାହା ସବୁ ମୋବାଇଲରେ ଦେଖୁଛନ୍ତି ଦେଖନ୍ତୁ । କମ୍ପ୍ୟୁଟରରେ ବରଂ ଦେଖନ୍ତୁ । ମୋବାଇଲ ବେଶୀ ସମୟ ଦେଖିଲେ, ଇଅର ବଡ୍ ବେଶୀ ସମୟ ଲଗେଇ ଶୁଣିଲେ ବ୍ରେନ୍ ଟ୍ୟୁମର ହେବ । ନାନା ପ୍ରକାର ରୋଗ ଦେଖାଦେବ । କିନ୍ତୁ ରୋଗ ନ ହେବା ପର୍ଯ୍ୟନ୍ତ କିଏ ଶୁଣୁଛି ଏ ସବୁ ସତର୍କବାଣୀ ଓ ଉପଦେଶ ? ମଣିଷ ଏଭଳି ଏକ ପ୍ରଜାତି ସେ ସବୁ କିଛି ସହି କିମ୍ବଦନ୍ତୀର ସେହି ଫୋନିକ୍ସ (Phoenix) ପୌରାଣିକ ପକ୍ଷୀ ପରି ପୁଣି ସତେଜ ହୋଇ ଜିଇଁ ଉଠିବ । ପର୍ଯ୍ୟାପ୍ତ ପ୍ରଦୂଷଣକୁ ସହି ଓ ନାନାଦି ଅନିୟନ୍ତ୍ରିତ ବିଷାକ୍ତ ଅପମିଶ୍ରଣକୁ ଉଦରସ୍ଥ କରି ସେ ଜିଇଁ ରହିଛି । ପରିବର୍ତ୍ତିତ ପରିସ୍ଥିତି ସହିତ ତାଳଦେଇ ମଣିଷର ଡି.ଏନ୍.ଏ. ବିବର୍ତ୍ତିତ ହୋଇଯାଉଛି । ଏ ସ୍କ୍ରିନ୍ ଟାଇମ ମଧ୍ୟ ଦିନେ ମଣିଷ ପ୍ରଜାତିର ଡି.ଏନ୍.ଏ.ରେ ବ୍ୟବସ୍ଥିତ ଓ ସୁସମନ୍ୱିତ ହୋଇଯିବ ।

ସକାଳୁ ଉଠିବା ମାତ୍ରେ ଆମ ହାତ ପ୍ରଥମେ ଖୋଜେ ମୋବାଇଲ । ଆଖି ଠିକ୍ ଭାବରେ ଖୋଲିବା ଆଗରୁ ସ୍କ୍ରିନ୍ ଆଲୋକିତ ହୋଇଉଠେ । ସେହି ଆଲୁଅରେ ନିଦ ଛାଡ଼େ । ରାତିରେ ଶୋଇବା ଆଗରୁ ଶେଷ ଦେଖା ବି ହୁଏ ସେହି ସ୍କ୍ରିନ୍ ସହିତ । ଏହା ହିଁ ଆଜିର ଜୀବନରେ ସବୁଠାରୁ ବଡ଼ ସତ୍ୟ । **(କ୍ରମଶଃ)**

(ଲେଖକ ଭାରତୀୟ ପ୍ରଶାସନିକ ସେବାର ଜଣେ ଅବସରପ୍ରାପ୍ତ ଅଧିକାରୀ ଓ ସୁଲେଖକ)
ଭୁବନେଶ୍ୱର, ମୋ: ୯୪୩୭୩୮୨୨୮୧

ପ୍ରାକୃତିକ ଚିକିତ୍ସାରେ ସୁସ୍ଥ ଜୀବନ



ସନାତନ ମହାକୁଡ଼

ସୁସ୍ଥ ଜୀବନ ମଣିଷର ସବୁଠାରୁ ବଡ଼ ସମ୍ପଦ । ଆଧୁନିକ ଜୀବନଶୈଳୀ, ଅନିୟମିତ ଖାଦ୍ୟପେୟ, ଶାରୀରିକ ପରିଶ୍ରମର ଅଭାବ, ମାନସିକ ଚାପ ଓ ନିଦ୍ରାହୀନତା ଆଜି ମଣିଷକୁ ବିଭିନ୍ନ ଜୀବନଶୈଳୀଜନିତ ସମସ୍ୟା ଆଡ଼କୁ ଟାଣି ନେଉଛି । ବର୍ତ୍ତମାନ ସମୟରେ ପ୍ରକୃତି ସହିତ ସମନ୍ୱୟ ରକ୍ଷା କରି ଏକ ସୁସ୍ଥ, ସରଳ ଓ ଶୃଙ୍ଖଳିତ ଜୀବନ ଅତିବାହିତ କରିବାର ଆବଶ୍ୟକତା ଅଧିକ ଅନୁଭୂତ ହେଉଛି । ଏ ଭଳି ମହତ୍ତ୍ୱପୂର୍ଣ୍ଣ ବାର୍ତ୍ତାକୁ ନେଇ ପ୍ରତିବର୍ଷ ନଭେମ୍ବର ୧୮ ତାରିଖରେ ପାଳନ କରାଯାଉଛି ଜାତୀୟ ପ୍ରାକୃତିକ ଚିକିତ୍ସା ଦିବସ । ୨୦୨୬ ମସିହାରେ ଏହି ଦିବସର ନବମ ସଂସ୍କରଣ ପାଳନ କରାଯାଉଛି । ଯାହାର ବିଷୟବସ୍ତୁ ବା ବାର୍ତ୍ତା ହେଉଛି "ପ୍ରାକୃତିକ ଚିକିତ୍ସା, ସୁସ୍ଥ ଭାରତ" । ଏହି ବିଷୟବସ୍ତୁ ବା ଶୀର୍ଷକ ମାଧ୍ୟମରେ ପ୍ରତିରୋଧମୂଳକ ସ୍ୱାସ୍ଥ୍ୟସେବା, ସୁସ୍ଥ ଜୀବନଶୈଳୀ, ସନ୍ତୁଳିତ ଆହାର, ନିୟମିତ ଶାରୀରିକ ବ୍ୟାୟାମ ଓ ଯୋଗ ଅଭ୍ୟାସ, ମାନସିକ ଚାପ ନିୟନ୍ତ୍ରଣ ଉପରେ ଗୁରୁତ୍ୱ ଦିଆଯାଇଛି ।

ପ୍ରାକୃତିକ ଚିକିତ୍ସାର ମୂଳ ଦର୍ଶନ

ପ୍ରାକୃତିକ ଚିକିତ୍ସା ହେଉଛି ମାଟି, ଜଳ, ଅଗ୍ନି, ବାୟୁ ଓ ଆକାଶ ଆଦି ପଞ୍ଚତତ୍ତ୍ୱ ଆଧାରିତ । ଏହା ପ୍ରକୃତି ଓ ମଣିଷ ମଧ୍ୟରେ ଥିବା ନିବିଡ଼ ସମ୍ପର୍କ ସହିତ ଜଡିତ ଏକ ଔଷଧ ବା ରସାୟନ ବିହୀନ ଚିକିତ୍ସା ପଦ୍ଧତି । ଯାହାର ମୂଳ ଲକ୍ଷ୍ୟ ହେଉଛି ଶରୀରର ସ୍ୱାଭାବିକ ସୁସ୍ଥତା ରକ୍ଷା କରିବା ସହିତ ରୋଗ ପ୍ରତିରୋଧକ ଶକ୍ତି ସହ ଜୀବନଶୈଳୀ ଗଠନ କରିବା । ଜଳ, ବାୟୁ, ସୂର୍ଯ୍ୟକିରଣ, ମୃତ୍ତିକା, ସନ୍ତୁଳିତ ଆହାର ଓ ବିଶ୍ରାମ ଆଦି ପ୍ରାକୃତିକ ଉପାଦାନର ସୁବିଚାରିତ ବ୍ୟବହାର ଏହି ପଦ୍ଧତିର ଅନ୍ୟତମ ଆଧାର । ପ୍ରାକୃତିକ ଚିକିତ୍ସା କେବଳ ରୋଗ ହେଲେ ଚିକିତ୍ସା କରିବାର ଏକ ମାଧ୍ୟମ ନୁହେଁ ବରଂ ରୋଗ ନ ହେବା ପାଇଁ ସଚେତନ ଜୀବନଶୈଳୀ ଆପଣେଇବାର ଏକ ପ୍ରେରଣା । ତେଣୁ ଏହାର ମୂଳମନ୍ତ୍ର ହେଉଛି- ପ୍ରକୃତିର ନିୟମ ଅନୁସାରେ ଜୀବନଯାପନ କରିବା । ପ୍ରାକୃତିକ ଚିକିତ୍ସାର ଦୃଷ୍ଟିରୁ ସୁସ୍ଥ ଜୀବନ ପାଇଁ କେତେକ ଅଭ୍ୟାସ ଅତ୍ୟନ୍ତ ଉପଯୋଗୀ ।

୧. ସନ୍ତୁଳିତ ଆହାର: ଋତୁ କାଳୀନ ଓ ନିଜ ଅଞ୍ଚଳରେ ମିଳୁଥିବା ସତେଜ ଫଳମୂଳ, ଶାଗ, ଶସ୍ୟଜାତୀୟ ଖାଦ୍ୟ ଓ ପର୍ଯ୍ୟାପ୍ତ ଜଳ ସେବନ ଶରୀରକୁ ଆବଶ୍ୟକ ପୋଷଣ ଯୋଗାଇଥାଏ ।

୨. ନିୟମିତ ଶାରୀରିକ କାର୍ଯ୍ୟକଳାପ: ପ୍ରତିଦିନ ଚାଲିବା, ବ୍ୟାୟାମ ଓ ଯୋଗାଭ୍ୟାସ, ସନ୍ତରଣ, ନାଟ୍ୟ ଅଭିନୟ, ସାଇକେଲ ଚାଳନା ଆଦି ଶରୀରକୁ ସକ୍ରିୟ ରଖିବା ସହ ମାନସିକ ସତେଜତା ବୃଦ୍ଧି କରେ ।

୩. ପର୍ଯ୍ୟାପ୍ତ ନିଦ୍ରା ଓ ବିଶ୍ରାମ: ନିୟମିତ ସମୟରେ ଶୀଘ୍ର ଶୋଇବା ଓ ଶୀଘ୍ର ଉଠିବା ଶରୀରର ସ୍ୱାଭାବିକ କାର୍ଯ୍ୟଧାରାକୁ ସନ୍ତୁଳିତ ରଖେ ।

୪. ମାନସିକ ଶାନ୍ତି: ଧ୍ୟାନ, ପ୍ରାଣାୟାମ, ଜପ ଓ ସକାରାତ୍ମକ ଚିନ୍ତାଧାରା ମାନସିକ ଚାପ ହ୍ରାସ କରିବାରେ ସହାୟକ ହୋଇଥାଏ ।

୫. ପ୍ରକୃତି ସହ ସମ୍ପର୍କ: ସବୁଜ ପରିବେଶରେ ସମୟ ବିତାଇବା, ଖାଲି ପାଦରେ ଚାଲିବା, ନିର୍ମଳ ବାୟୁ ସକାଳ ସୂର୍ଯ୍ୟ କିରଣ ଗ୍ରହଣ କରିବା ଆଦି ସୁସ୍ଥ ଜୀବନର ଅବିଚ୍ଛେଦ୍ୟ ଅଙ୍ଗ ।



୬.ଯୋଗ ଓ ପ୍ରାକୃତିକ ଚିକିତ୍ସାର ସମନ୍ୱୟ: ଯୋଗ ଓ ପ୍ରାକୃତିକ ଚିକିତ୍ସା ଉଭୟ ପରସ୍ପରର ପରିପୂରକ । ଯୋଗାସନ ଶରୀରର ନମନୀୟତା, ଶକ୍ତି ଓ ସନ୍ତୁଳନ ବୃଦ୍ଧିରେ ସାହାଯ୍ୟ କରେ । ପ୍ରାଣାୟାମ ଶ୍ୱାସକ୍ରିୟାକୁ ସଚେତନ ଓ ନିୟନ୍ତ୍ରିତ କରିବା ସହ ମନକୁ ଶାନ୍ତ ରଖିବାରେ ସହାୟକ ହୁଏ । ଧ୍ୟାନ ମାନସିକ ଏକାଗ୍ରତା ଓ ଆତ୍ମସଚେତନତା ବୃଦ୍ଧି କରେ । ଏହି ଅଭ୍ୟାସଗୁଡ଼ିକୁ ସନ୍ତୁଳିତ ଆହାର ଓ ଶୃଙ୍ଖଳିତ ଦୈନନ୍ଦିନ ଜୀବନ ସହ ମିଶାଇଲେ ଏକ ସୁସ୍ଥ ଜୀବନର ଭିତ୍ତିଭୂମି ଗଢ଼ିଉଠେ ।

ସ୍ଥୂଳତା ଓ ଜୀବନଶୈଳୀଜନିତ ରୋଗ ପ୍ରତି ସଚେତନତା

ଚ

ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

ବାରମ୍ବାର...

ବିଶାଖାପାଟଣାଠାରୁ ପ୍ରାୟ ୭୫୦ କିମି ଏବଂ ଗୋପାଳପୁରଠାରୁ ପ୍ରାୟ ୮୨୫ କିମି ଦକ୍ଷିଣ-ପୂର୍ବରେ ଅବସ୍ଥିତ ଥିଲା । ରାତି ୮ଟା ୩୦ ମିନିଟ୍ ବେଳକୁ ଏହା ସାମାନ୍ୟ ଉତ୍ତର-ଉତ୍ତରପଶ୍ଚିମ ଦିଗକୁ ଗତି କରି ୧୨.୪ଓ ଉତ୍ତର ଅକ୍ଷାଂଶ ଓ ୮୭.୧ଓ ପୂର୍ବ ଦ୍ରାଘିମା ନିକଟରେ ପହଞ୍ଚିଥିବା ଦର୍ଶାଯାଇଛି । ବାତ୍ୟାଟି ଘଣ୍ଟାକୁ ପ୍ରାୟ ୪ କିମି ବେଗରେ ଧୀରେ ଧୀରେ ଉତ୍ତର ଦିଗକୁ ଗତି କରୁଛି ।

ଆଗାମୀ ୪୮-୭୨ ଘଣ୍ଟା ମଧ୍ୟରେ ବାତ୍ୟାଟି ଉତ୍ତର-ଉତ୍ତରପଶ୍ଚିମ ଦିଗକୁ ଗତି କରିବା ସହ ଏହାର ଗତିବେଗ ଘଣ୍ଟାକୁ ପ୍ରାୟ୧୧-୧୫ କିମିକୁ ବୃଦ୍ଧି ପାଇପାରେ । ୧୮ ନଭେମ୍ବର ସନ୍ଧ୍ୟାରୁ ୧୯ ତାରିଖ ସନ୍ଧ୍ୟା ମଧ୍ୟରେ ବାତ୍ୟାଟି ସର୍ବାଧିକ ତୀବ୍ରତାରେ ପହଞ୍ଚିପାରେ । ସେତେବେଳେ ପଶ୍ଚିମ-କେନ୍ଦ୍ରୀୟ ବଙ୍ଗୋପସାଗରରେ ସର୍ବାଧିକ ସ୍ଥାୟୀ ପବନ ବେଗ ଘଣ୍ଟାକୁ ପ୍ରାୟ ୮୩ କିମି ଓ ଝଟକା ପବନର ବେଗ ୧୦୨ କିମି ପର୍ଯ୍ୟନ୍ତ ହୋଇପାରେ । ଏହାପରେ ବାତ୍ୟା ସାମାନ୍ୟ ଦୁର୍ବଳ ହୋଇ ୨୦ ନଭେମ୍ବର ସକାଳ ପ୍ରାୟ ୭ଟା ୩୦ରୁ ପୂର୍ବାହ୍ନ୧୧ଟା ୩୦ ମଧ୍ୟରେ ଉତ୍ତର ଆନ୍ଧ୍ରପ୍ରଦେଶ-ଦକ୍ଷିଣ ଓଡ଼ିଶା ଉପକୂଳରେ ସ୍ଥଳଭାଗ ଅତିକ୍ରମ କରିପାରେ । ସମ୍ଭାବ୍ୟ ଅଞ୍ଚଳ ଭାବେ କଳିଙ୍ଗପାଟନମ-ଶ୍ରୀକାକୁଲମ୍ ଓ ବାରୁଆ-ଗୋପାଳପୁର ମଧ୍ୟବର୍ତ୍ତୀ ଉପକୂଳକୁ ଦର୍ଶାଯାଇଛି । ସ୍ଥଳଭାଗ ଅତିକ୍ରମ ସମୟରେ ବାତ୍ୟାର ସର୍ବାଧିକ ସ୍ଥାୟୀ ପବନ ବେଗ ଘଣ୍ଟାକୁ ପ୍ରାୟ ୭୪ କିମି ଏବଂ ଝଟକା ପବନର ବେଗ ୯୩ କିମି ରହିପାରେ ।

ଏହି ପୂର୍ବାନୁମାନ ଅନୁସାରେ ୧୯ ନଭେମ୍ବର ଅପରାହ୍ଣ ଠାରୁ ୨୦ ନଭେମ୍ବର ମଧ୍ୟରେ ଦକ୍ଷିଣ ଓଡ଼ିଶାର ଗଜପତି, ଗଞ୍ଜାମ, ରାୟଗଡ଼ା, କୋରାପୁଟ, ମାଲକାନଗିରି, ନବରଙ୍ଗପୁର, କନ୍ଧମାଳ ଓ କଳାହାଣ୍ଡି ଜିଲ୍ଲାରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହୋଇପାରେ । କେତେକ ସ୍ଥାନରେ ଘଣ୍ଟାକୁ ୬୦-୭୫ କିମି ବେଗରେ ଝଟକା ପବନ ବହିପାରେ । ସଂଲଗ୍ନ ପୁରୀ, ଖୋର୍ଦ୍ଧା ଓ ନୟାଗଡ଼ ଜିଲ୍ଲାରେ ମଧ୍ୟ ବର୍ଷା ଓ ପବନର ପ୍ରଭାବ ରହିପାରେ । ବିଶେଷକରି ଗଞ୍ଜାମ ଓ ଗଜପତି ଜିଲ୍ଲାରେ ବର୍ଷା ଓ ପବନ ଉପରେ ଅଧିକ ନଜର ରଖିବା ଆବଶ୍ୟକ ବୋଲି ଶ୍ରୀ ପଶୁପାଳକ ସୂଚନା ଦେଇଛନ୍ତି ।

ସାମୁଦ୍ରିକ...

ଆମେରିକାକୁ ନେଇ ଗଠିତ ଏହି ଗୋଷ୍ଠୀ ଆଗାମୀ ଦିନରେ ନିଜର ସହଯୋଗକୁ ଅଧିକ ଫଳପ୍ରଦ କରିବା ସହ ନିର୍ଦ୍ଦିଷ୍ଟ ଲକ୍ଷ୍ୟ ଧାର୍ଯ୍ୟ କରିବା ଉଚିତ । ସାମୁଦ୍ରିକ ସୁରକ୍ଷାଠାରୁ ଆରମ୍ଭ କରି ଯୋଗାଣ ଶୃଙ୍ଖଳର ବିଶ୍ୱସନୀୟତା, ନୂତନ ପ୍ରଯୁକ୍ତି ଏବଂ ବିପର୍ଯ୍ୟୟ ପରିଚାଳନା ପର୍ଯ୍ୟନ୍ତ ସବୁ କ୍ଷେତ୍ରରେ କ୍ୱାଡ୍ ସମଗ୍ର ଇଣ୍ଡୋ-ପାସିଫିକ୍ ଅଞ୍ଚଳକୁ ବିଶ୍ୱସନୀୟ ସମାଧାନ ଯୋଗାଇବା ଆମର ଉଦ୍ୟମ ରହିଛି ବୋଲି ସେ କହିଥିଲେ ।

କ୍ୱାଡ୍ ସହ ମାନିଲାର ଐତିହାସିକ ସମ୍ପର୍କ ଉପରେ ମଧ୍ୟ ପ୍ରଧାନମନ୍ତ୍ରୀ ଆଲୋକପାତ କରିଥିଲେ । ୨୦୦୭ରେ ଏହି ସହରରେ ଚାରି ଦେଶର ଅଧିକାରୀମାନେ ପ୍ରଥମ ଥର ପାଇଁ ଏକାଠି ହୋଇଥିଲେ । ଦୀର୍ଘ ୧୦ ବର୍ଷ ପରେ ୨୦୧୭ରେ ମାନିଲାରେ ଏହି ଆଲୋଚନା ପୁନର୍ବାର ଆରମ୍ଭ ହୋଇଥିଲା । ତେଣୁ ଏହି ଐତିହାସିକ ସହରରେ ପୁଣି ଥରେ କ୍ୱାଡ୍ ବୈଠକ ଆୟୋଜନ ଏକ ଗୁରୁତ୍ୱପୂର୍ଣ୍ଣ ମାଇଲଖୁଣ୍ଟ ବୋଲି ସେ ଉଲ୍ଲେଖ କରିଥିଲେ । ଆସିଆନ୍ ସମ୍ମିଳନୀ ଅବସରରେ ଏହି ବୈଠକ ଆୟୋଜିତ ହୋଇଥିଲା ।

ଚାରି ଦେଶ ମଧ୍ୟରେ ନିୟମିତ ଉଚ୍ଚସ୍ତରୀୟ ଆଲୋଚନା ଓ ସମନ୍ୱୟ ଜାରି ରହିଥିବା ମୋଦୀ କହିଥିଲେ । ଗତବର୍ଷ ଜାନୁଆରିଠାରୁ ଏପର୍ଯ୍ୟନ୍ତ ଚାରି ଦେଶର ବୈଦେଶିକ ମନ୍ତ୍ରୀମାନେ ପାଞ୍ଚଥର ବୈଠକ କରିଛନ୍ତି । ଏହା କ୍ୱାଡ୍ ସହଭାଗିତା ପ୍ରତି ସମସ୍ତ ଦେଶର ରାଜନୈତିକ ଇଚ୍ଛାଶକ୍ତି ଓ ସାମୂହିକ ପ୍ରତିବଦ୍ଧତାର ପ୍ରମାଣ ବୋଲି ସେ କହିଥିଲେ । ଏହି ସହଯୋଗକୁ ଆଗକୁ ବଢ଼ାଇବାରେ ସହଯୋଗୀ ଦେଶଗୁଡ଼ିକର ନେତୃତ୍ୱ, ସମର୍ଥନ ଓ ବ୍ୟକ୍ତିଗତ ଅବଦାନକୁ ମଧ୍ୟ ସେ ପ୍ରଶଂସା କରିଥିଲେ ।

ବୈଠକରେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ, ଅଷ୍ଟ୍ରେଲିଆ ପ୍ରଧାନମନ୍ତ୍ରୀ ଆନ୍ଥୋନି ଆଲବାନିଜ୍ ଓ ଜାପାନ ପ୍ରଧାନମନ୍ତ୍ରୀ ସାନାଏ ତାକାଇଚି ମଧ୍ୟ ନିଜର ମତ ରଖିଥିଲେ ।

ଉଲ୍ଲେଖଯୋଗ୍ୟ, କ୍ୱାଡ୍ ହେଉଛି ଭାରତ, ଆମେରିକା, ଜାପାନ ଓ ଅଷ୍ଟ୍ରେଲିଆକୁ ନେଇ ଗଠିତ ଏକ ରଣନୈତିକ ସହଯୋଗୀ ଗୋଷ୍ଠୀ । ମୁକ୍ତ, ଅବାଧ ଓ ସମାବେଶୀ ଇଣ୍ଡୋ-ପାସିଫିକ୍ ଅଞ୍ଚଳ ଗଠନ ଏହାର ମୁଖ୍ୟ ଉଦ୍ଦେଶ୍ୟ । ସାମୁଦ୍ରିକ ସୁରକ୍ଷା, ପ୍ରଯୁକ୍ତି, ଭିତ୍ତିଭୂମି ଓ ଆଞ୍ଚଳିକ ସ୍ଥିରତା ଆଦି କ୍ଷେତ୍ରରେ ଏହି ଗୋଷ୍ଠୀ ସହଯୋଗ କରିଆସୁଛି ।

ଗତବର୍ଷ ଭାରତରେ କ୍ୱାଡ୍ ନେତାମାନଙ୍କ ଶିଖର ସମ୍ମିଳନୀ ଆୟୋଜନ ହେବାର କାର୍ଯ୍ୟକ୍ରମ ଥିଲେ ମଧ୍ୟ ଟ୍ରମ୍ପଙ୍କ ଭାରତ ଗସ୍ତକୁ ନେଇ ଅନିଶ୍ଚିତତା ଯୋଗୁଁ ଏହା ଅନୁଷ୍ଠିତ ହୋଇପାରି ନଥିଲା । ଏହା ପୂର୍ବରୁ ମାନିଲାରେ ଅନୁଷ୍ଠିତ ବାର୍ଷିକ ପୂର୍ବ ଏସିଆ ଶିଖର ସମ୍ମିଳନୀରେ ମଧ୍ୟ ମୋଦୀ ଯୋଗଦେଇଥିଲେ । ସେଠାରେ ସେ ଶାନ୍ତିପୂର୍ଣ୍ଣ, ସ୍ଥିର ଓ ସମୃଦ୍ଧ ଇଣ୍ଡୋ-ପାସିଫିକ୍ ଅଞ୍ଚଳ ଗଠନ ଉପରେ ଭାରତର ଦୃଷ୍ଟିକୋଣକୁ ଦୋହରାଇଥିଲେ । ଏଥିସହ ୧୧ ସଦସ୍ୟ ବିଶିଷ୍ଟ ଆସିଆନ୍ ଗୋଷ୍ଠୀକୁ ଆଞ୍ଚଳିକ ସହଯୋଗ ବ୍ୟବସ୍ଥାର କେନ୍ଦ୍ରବିନ୍ଦୁ ବୋଲି ଅଭିହିତ କରିଥିଲେ । ଆଞ୍ଚଳିକ ଓ ଅନ୍ତର୍ଜାତୀୟ ସମସ୍ୟାର ସମାଧାନ ପାଇଁ ଆଲୋଚନା ଓ କୂଟନୈତିକ ପଦକ୍ଷେପକୁ ଗୁରୁତ୍ୱ ଦେବା ସହ ଦେଶଗୁଡ଼ିକ ମଧ୍ୟରେ ଅଧିକ ସହଯୋଗ ପାଇଁ ସେ ଆହ୍ୱାନ ଦେଇଥିଲେ ।

ସରକାରୀ...

ସେମାନେ ମଧ୍ୟ ଅନୁରୂପ ଭାବେ ନଭେମ୍ବର ମାସ ପେନ୍‌ସନରେ ଏହି ବର୍ଦ୍ଧିତ ଟି.ଆଇ ପାଇବେ । ଏହା ଦ୍ୱାରା ପ୍ରାୟ ସାଢେ ଆଠ ଲକ୍ଷ ସରକାରୀ କର୍ମଚାରୀ ଓ ପେନ୍‌ସନଭୋଗୀ ଉପକୃତ ହେବେ ।

ଏସ୍‌ଆଇଆର୍...

ନିର୍ବାଚନ କମିଶନ ଏସ୍‌ଆଇଆର୍ ପ୍ରକ୍ରିୟା ଆଇନସମ୍ମତ ଏବଂ ସମସ୍ତ ନିଷ୍ପତ୍ତି ସର୍ବସମ୍ମତିକ୍ରମେ ହୋଇଥିବା ଦାବି କରିଛନ୍ତି । ଆବେଦନକାରୀ ଏହାକୁ ଖଣ୍ଡନ କରି ମୂଳ ରେକର୍ଡ ଦାଖଲ ପାଇଁ ଦାବି କରିଛନ୍ତି ।

ମୁଁ ଲଢ଼େଇ...

ଓ ଜୀବନକୁ ଗଭୀର ଭାବେ ପ୍ରଭାବିତ କରିଥିଲା ବୋଲି ସେ କହିଛନ୍ତି । ନ୍ୟାୟ ପାଇଁ ଦୀର୍ଘ ୨୪ ବର୍ଷ ଧରି ସେ ସଂଘର୍ଷ କରିଆସୁଛନ୍ତି । ସୁପ୍ରିମକୋର୍ଟ ଅକ୍ଟୋବର ୨୮ ରେ ଏହି ମାମଲାର ଦୁଇ ଦୋଷୀ ବିପିନଚନ୍ଦ ଯୋଶୀ ଓ ପ୍ରଦୀପ ମୋଧିୟାଙ୍କ ଆଜୀବନ କାରାଦଣ୍ଡକୁ ସ୍ଥଗିତ ରଖିବା ସହ ସେମାନଙ୍କୁ ଜାମିନ ପ୍ରଦାନ କରିଥିଲେ । ଉଭୟ ଦୋଷୀ ମୁମ୍ବାଇ ହାଇକୋର୍ଟଙ୍କ ୨୦୧୭ ମେ' ମାସର ରାୟକୁ ଚ୍ୟାଲେଞ୍ଜ୍ କରିଥିଲେ । ଉକ୍ତ ରାୟରେ ସେମାନଙ୍କ ଦୋଷୀ ସାବ୍ୟସ୍ତ ଓ ଆଜୀବନ କାରାଦଣ୍ଡକୁ କାଏମ ରଖାଯାଇଥିଲା । ଦୋଷୀମାନେ ୧୭ ବର୍ଷରୁ ଅଧିକ ସମୟ ଜେଲ୍‌ରେ କାଟିସାରିଥିବା ଏବଂ ସେମାନଙ୍କ ଆବେଦନରେ ଆଇନଗତ ଓ ତଥ୍ୟଗତ ପ୍ରସଙ୍ଗ ରହିଥିବାରୁ ଏହାର ବିଚାର ଆବଶ୍ୟକ ବୋଲି ସର୍ବୋଚ୍ଚ ଅଦାଲତ ଉଲ୍ଲେଖ କରିଥିଲେ ।

ଏହି ରାୟ ପରେ ନିଜ ଓ ପରିବାରର ସୁରକ୍ଷାକୁ ନେଇ ପୁଣି ଥରେ ଭୟ ସୃଷ୍ଟି ହୋଇଥିବା ବିଲ୍‌କିସ୍ କହିଛନ୍ତି । ନ୍ୟାୟ ପାଇଁ ଦୀର୍ଘଦିନ ଧରି ସଂଘର୍ଷ କରିବା ପରେ ଏବେ ପୁଣି ଥରେ ନ୍ୟାୟ ହରାଇବାର ଆଶଙ୍କା ତାଙ୍କୁ ଘାରିଛି । ନିଜର ତିନିବର୍ଷର ଝିଅ ସାଲେହାଙ୍କ ସମେତ ପିଲାମାନଙ୍କ ଭବିଷ୍ୟତ ପାଇଁ ସେ ଏହି ଆଦେଶକୁ ଚ୍ୟାଲେଞ୍ଜ୍ କରିବେ ବୋଲି କହିଛନ୍ତି । କୌଣସି ମହିଳା, ପାଡ଼ିତା କିମ୍ବା ନାଗରିକଙ୍କୁ ନିଜର ସମ୍ମାନ, ସମାନତା ଓ ନ୍ୟାୟ ପାଇଁ ଜୀବନସାରା ସଂଘର୍ଷ କରିବାକୁ ପଡ଼ିବା ଅନୁଚିତ ବୋଲି ସେ ମତ ଦେଇଛନ୍ତି ।

ପ୍ରକାଶ ଥାଉକି, ଏହି ଦୁଇ ଦୋଷୀ ୧୧ ଜଣ ଦୋଷୀଙ୍କ ମଧ୍ୟରେ ସାମିଲ ଥିଲେ, ଯେଉଁମାନଙ୍କୁ ପୂର୍ବରୁ ଗୁଜରାଟ ସରକାରଙ୍କ ନିଷ୍ପତ୍ତି ଅନୁଯାୟୀ ଆଗୁଆ ମୁକ୍ତି ମିଳିଥିଲା । ତେବେ ୨୦୨୪ ଜାନୁଆରିରେ ସୁପ୍ରିମକୋର୍ଟ ସେହି ଆଗୁଆ ମୁକ୍ତି ନିଷ୍ପତ୍ତିକୁ ରଦ୍ଦ କରିଥିଲେ । ବିଲ୍‌କିସ୍ ବାନୋ ଏହି ମୁକ୍ତିକୁ ଚ୍ୟାଲେଞ୍ଜ୍ କରି ଅଦାଲତଙ୍କ ଦ୍ୱାରସ୍ଥ ହୋଇଥିଲେ ଏବଂ ତାଙ୍କ ଆବେଦନ ଶୁଣାଣିଯୋଗ୍ୟ ବୋଲି ସୁପ୍ରିମକୋର୍ଟ ସ୍ପଷ୍ଟ କରିଥିଲେ ।

କୋଟିଆ...

ଅନୁପ୍ରବେଶ ରୋକିବାରେ ସରକାରଙ୍କ ଆଭିମୁଖ୍ୟ ନେଇ କଂଗ୍ରେସ ପ୍ରଶ୍ନ କରିବ । ଓଡ଼ିଶାର ସ୍ୱାର୍ଥ ଲାଗି କଂଗ୍ରେସ ଏକଜୁଟ ଅଛି ଏବଂ ଏକାଠି ଲଢ଼େଇ କରିବ । ବିଧାସଭାରେ ଜନସାଧାରଣଙ୍କ ସମସ୍ୟାକୁ ଜୋରଦାର ଭାବେ ଉପସ୍ଥାପନ କରାଯିବ ।

ବିରୋଧୀଙ୍କୁ...

ଦେବାକୁ ସରକାରୀ ଦଳ ସମ୍ପୂର୍ଣ୍ଣ ପ୍ରସ୍ତୁତ । ବାତ୍ୟା ମୁକାବିଲାରେ ସରକାରଙ୍କ ପଦକ୍ଷେପ, ସଫଳତା, ପ୍ରଭାବିତ ଲୋକଙ୍କୁ ରିଲିଫ ଓ ସହାୟତା ପ୍ରଦାନ ପ୍ରସଙ୍ଗ ଉଠିବ । ଗଞ୍ଜାମ, ଫୁଲବାଣୀ ଓ ଗଜପତି ଜିଲ୍ଲାର ପ୍ରଭାବିତ ପରିବାରକୁ ସରକାରଙ୍କ ପକ୍ଷରୁ ସହାୟତା ପ୍ୟାକେଜ ଦିଆଯାଇଛି । ବାତ୍ୟା ପରେ ଲୋକଙ୍କ ନିକଟରେ ମନ୍ତ୍ରୀ ଓ ବିଧାୟକମାନେ ପହଞ୍ଚି ସେମାନଙ୍କ ଦୁଃଖ, ସମସ୍ୟା ବୁଝିବା ସହ ଆବଶ୍ୟକୀୟ ସହାୟତା ପାଇଁ ପଦକ୍ଷେପ ନେଇଛନ୍ତି । ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ମଧ୍ୟ ସରକାରଙ୍କ ପକ୍ଷରୁ ବିଭିନ୍ନ ସହାୟତା ଓ କାର୍ଯ୍ୟକ୍ରମ ଗ୍ରହଣ କରାଯାଇଛି । ପ୍ରଶ୍ନକାଳ, ଶୂନ୍ୟକାଳ, ମୋସନ ଏବଂ ବିଧାନସଭାର ବିଧାନ ସମ୍ବନ୍ଧୀୟ କାର୍ଯ୍ୟକ୍ରମରେ ଆସୁଥିବା ସମସ୍ତ ପ୍ରସଙ୍ଗ ଉପରେ ଆଲୋଚନା କରିବାକୁ ଶାସକ ଦଳ ପ୍ରସ୍ତୁତ ରହିଛି । କାର୍ଯ୍ୟ ପରାମର୍ଶଦାତା କମିଟିର ସୁପାରିଶ ଅନୁଯାୟୀ ବିଭିନ୍ନ ବିଲ୍ ଉପରେ ଆଲୋଚନା କରାଯିବ । ବିଧାନସଭାରେ ସୁସ୍ଥ ଓ ଗଠନମୂଳକ ଆଲୋଚନା ହେବାସହ ଗୃହ କାର୍ଯ୍ୟ ସୁରୁଖୁରୁରେ ଚାଲିବ ବୋଲି ଶାସକ ଦଳ ଆଶା ରଖିଥିବା ଶ୍ରୀ ମହାଲିଙ୍ଗ କହିଛନ୍ତି ।

ମାଳମାଳ...

ଗଞ୍ଜାମର ବନ୍ୟା କ୍ଷୟକ୍ଷତି ତାଙ୍କୁ ବ୍ୟଥୀତ କରିଛି ବୋଲି ପ୍ରକାଶ କରି ରାଜ୍ନୈତିକ ବାଛ ବିଚାରରେ ରିଲିଫ ବଣ୍ଟନକୁ ସେ ନିନ୍ଦା କରିଥିଲେ । ସେହିପରି ଏମ୍‌ଏମ୍‌ଡିଆର୍ ଆକ୍ଟ ସଂଶୋଧନ ଦ୍ୱାରା ଓଡିଶାର ବିପୁଳ କ୍ଷତି ରାଜ୍ୟର ଆର୍ଥିକ ମେରୁଦଣ୍ଡକୁ ଦୋହଲାଇ ଦେଇଛି ବୋଲି ଶ୍ରୀ ପଟ୍ଟନାୟକ କହିବା ସହ ଏହି କଳା ଆଇନକୁ ବିଜେଡିର ବିରୋଧ ଜାରୀ ରହିବ ।

କୋଟିଆ ପ୍ରସଙ୍ଗରେ ଶ୍ରୀ ପଟ୍ଟନାୟକ କହିଥିଲେ ଯେ ଉଭୟ ଆନ୍ଧ୍ର ଓ ଓଡିଶାରେ ଏନ୍‌ଡିଏର ସରକାର ଥିବା ବେଳେ ରାଜନୈତିକ ଇଚ୍ଛା ଶକ୍ତିର ଅଭାବ ଘଟଣାକୁ ଜଟିଳ କରି ଦେଉଛି । ଓଡିଶାର ଅଖଣ୍ଡତାର ସୁରକ୍ଷା ପାଇଁ ବିଜେଡି ତାର ଲଢେଇ ଜାରୀ ରଖିବ ବୋଲି ଶ୍ରୀ ପଟ୍ଟନାୟକ କହିଥିଲେ ।

ଚାଷୀଙ୍କ ସମସ୍ୟା ଉପରେ ଆଲୋକପାତ କରି ଶ୍ରୀ ପଟ୍ଟନାୟକ କହିଥିଲେ ଯେ ଡବଲ ଇଞ୍ଜିନ ସରକାର ଦାୟୀତ୍ୱ ନେବା ଠାରୁ ଚାଷ ଓ ଚାଷୀ ଉଭୟ ଅବହେଳିତ ହୋଇ ଆସୁଛନ୍ତି । ମଣ୍ଡି ଠିକ୍ ସମୟରେ ଖୋଲୁନି । ଧାନ ସଂଗ୍ରହ କାର୍ଯ୍ୟକ୍ରମ ବିପର୍ଯ୍ୟସ୍ତ ଅବସ୍ଥାରେ ରହିଛି । ଏଫ୍‌ସିଆଇ ଓଡିଶାରୁ ଧାନ ଉଠାଉ ନାହିଁ । ଏ ସବୁ ସମସ୍ୟା ଦ୍ୱାରା ଚାଷୀର ସମସ୍ୟା ଦିନକୁ ଦିନ ଜଟିଳ ହୋଇଯାଉଛି । ତେଣୁ ବିଜେଡି ଚାଷୀର କଲ୍ୟାଣ ପାଇଁ ସବୁ ପ୍ରକାର ପଦକ୍ଷେପ ନେବାକୁ ପ୍ରସ୍ତୁତ ବୋଲି ଶ୍ରୀ ପଟ୍ଟନାୟକ ଘୋଷଣା କରିଥିଲେ ।

ଛାତ୍ର ସଂସଦ ନିର୍ବାଚନରେ ସରକାରଙ୍କର ଅର୍ଥ ବଳ ଓ ବାହୁ ବଳ ଏବଂ ସରକାରୀ ହସ୍ତକ୍ଷେପ ସତ୍ତ୍ୱେ ଓଡିଶାର ଜେନ୍-ଜି ବିଜୁ ଜନତା ଦଳ ସହିତ ରହିଥିବାରୁ ଶ୍ରୀ ପଟ୍ଟନାୟକ ଖୁସି ବ୍ୟକ୍ତ କରିବା ସହ ନିର୍ବାଚନ ଫଳାଫଳକୁ ପ୍ରଭାବିତ କରିବା ପାଇଁ ସରକାରଙ୍କ ଉଦ୍ୟମର ତୀବ୍ର ନିନ୍ଦା କରିଥିଲେ ।

ସେହିପରି ବରିଷ୍ଠ ନାଗରିକ ମାନଙ୍କର ସାମାଜିକ ସୁରକ୍ଷା ପେନ୍‌ସନ କ୍ଷେତ୍ରରେ ସରକାର ଟାଳଟୁଳ ନୀତି ଯୋଗୁଁ ବୁଢା ବୁଢୀମାନେ ବିଭିନ୍ନ ସ୍ଥାନରେ ଆତ୍ମହତ୍ୟା କରୁଥିବା ଖବରରେ ଶ୍ରୀ ପଟ୍ଟନାୟକ ଦୁଃଖ ପ୍ରକାଶ କରିଥିଲେ । ଅନ୍ୟାନ୍ୟ ବିଷୟ ମଧ୍ୟରେ ଓଡିଶାରେ ଅତ୍ୟାବଶ୍ୟକୀୟ ଜିନିଷପତ୍ର ଓ ପରିବା ପତ୍ରର ଅସ୍ୱାଭାବିକ ଦର ବୃଦ୍ଧି ଓ ଆଇନ ଶୃଙ୍ଖଳା ପରିସ୍ଥିତିରେ ଅବନତି ପ୍ରସଙ୍ଗ ଗୃହରେ ବିଜେଡି ଉଠାଇବ ବୋଲି ଶ୍ରୀ ପଟ୍ଟନାୟକ ସୂଚନା ଦେଇଥିଲେ ।

ଡକ୍ୟୁମେଣ୍ଟ ହଜିଯାଇଛି

ତା.୧୭.୧୧.୨୦୨୬ରିଖ ଜେ.ଜେ ମେହେର, ମୋଟାରୀ ପବ୍ଲିକ, ପାଟଣାଗଡ଼ ନିକଟରେ ଏକ ସତ୍ୟପାଠ ଦ୍ୱାରା ମୁଁ ଶ୍ରୀ ବିଦ୍ୟାଧର ବେହେରା, ବୟସ ୬୩ ବର୍ଷ, ପିତା: ଚିନ୍ତାମଣି ବେହେରା, ଆଧାର ନଂ. ୮୧୨୪ ୭୭୭୧ ୩୬୫୮, ବାସସ୍ଥାନ ଠିକଣା- ଗ୍ରାମ/ପୋ: ଦେଉଳଗାଁ, ଥାନା: ପାଟଣାଗଡ଼, ଜିଲ୍ଲା: ବଲାଙ୍ଗୀର, ଏତଦ୍‌ଦ୍ୱାରା ଜଣାଇ ଦେଉଛି ଯେ ମୋର ପଞ୍ଜୀକୃତ ବିକ୍ରୟ ଦଲିଲ ନଂ. ୨୦୦୦ ର ୪୨୭ (ବିକ୍ରେତା: ଛତ୍ରପାଲ ସିଂହଦେବ, ପ୍ରଫୁଲ୍ଲ ସିଂହଦେବ ଏବଂ ଗୁଣନିଧି ସିଂହଦେବ), ହୋଲ୍ଡିଂ ନଂ. ୧୮୭/୧୦୧, ମୌଜା: ଦେଉଳଗାଁ, ଥାନା: ପାଟଣାଗଡ଼, ଜିଲ୍ଲା: ବଲାଙ୍ଗୀର, ଓଡ଼ିଶା, ଖାତା ନଂ.: ୧୮୭/୧୦୧, ପ୍ଲଟ ନଂ.: ୯୫୦, କ୍ଷେତ୍ର: ଏକର୦.୦୩୦ ଡିସିମିଲି, କେଉଁଠାରେ ହଜିଯାଇ ଅଛି, ସେଥି ନିମନ୍ତେ ତା୧୩.୧୧.୨୦୨୬ ରିଖରେ ମୁଁ ପାଟଣେଶ୍ୱର ଥାନାରେ ଏକ ଅଭିଯୋଗ ଦାଖଲ କରିଛି । ଉପରୋକ୍ତ ପଞ୍ଜୀକୃତ ବିକ୍ରୟ ଦଲିଲ ନଂ. ୨୦୦୦ ର ୪୨୭କୁ ଜୌଣସି ଆର୍ଥିକ ଲାଭ ନିମନ୍ତେ ମୋ ଦ୍ୱାରା ବ୍ୟବହାର କରାଯାଇନାହିଁ । ଯଦି ମିଥ୍ୟା ସାବ୍ୟସ୍ତ ହୁଏ, ତେବେ ଏହା ଦ୍ୱାରା ଉତ୍ପୁଜିବା ସମସ୍ୟା ପାଇଁ ମୁଁ ଦାୟୀ ରହିବି । ଭବିଷ୍ୟତରେ ଅରିଜିନାଲ ଜାଗାଜପତ୍ର ଯଦି ମିଳେ, ତେବେ ସେଗୁଡ଼ିକୁ ଦାଖଲ କରିବା ନିମନ୍ତେ ପ୍ରତିଶ୍ରୁତି ଦେଉଛି ଏବଂ ମୁଁ ମଧ୍ୟ ଘୋଷଣା କରୁଛି ଯେ, ଉକ୍ତ ଜମି ଆଇନଗତ ପ୍ରତିବନ୍ଧକରୁ ମୁକ୍ତ ଅଟେ । ମୁଁ ଶପଥ କରୁଛି ଯେ, ଏହି ଘୋଷଣାନାମାକୁ ଆଇର୍‌ଡିଆଇ ବ୍ୟାଙ୍କ, ସରମୁହଣ ଶାଖାରେ ମୋ ନାମରେ ଥିବା ସଞ୍ଚୟିକୁ ବନ୍ଧକ ରଖିବା ନିମନ୍ତେ ଦାଖଲ କରିବି । ଯଦି ଜୌଣସି ବ୍ୟକ୍ତିର ଉକ୍ତ ଜମି ଉପରେ ଜୌଣସି ଦାବି ଥାଏ, ତେବେ ଏହି ଘୋଷଣାନାମା ପ୍ରକାଶିତ ହେବାର ୭ ଦିନ ମଧ୍ୟରେ ଦାବି କରିପାରିବେ ।

ସ୍ୱା/- ଶ୍ରୀ ବିଦ୍ୟାଧର ବେହେରା
ମୋବାଇଲ ନଂ. ୯୯୩୭୫୩୫୭୪୦

AFFIDAVIT

By virtue of an affidavit sworn before Executive Magistrate,Nayagada Odisha on dated 16.11.2026 I,Ashalata Pradhan D/o -Naba Kishor Rout Resident of At-Kushadhipi P.O- Sakeri P.S-Odagaon Dist-Nayagada,PIN-752081 declare that I have changed my name from Asha Pradhan to Ashalata Pradhan Henceforth, I shall be known as Ashalata Pradhan for all purposes.

Sd/- Ashalata Pradhan

AFFIDAVIT

By virtue of an affidavit sworn before the Executive Magistrate, Bhubaneswar on dt.18.05.2026, I, **Saraswati Kishan,** W/o- Niranjan Kishan, aged about 43 years, Permanent resident of Village: Ghantibud, PO: Lahandabud, Dist.: Sundargarh, PIN-770022, Odisha, declare that all three names i.e. **(i) Saraswati Kishan** (as mentioned in Caste Certificate of my son Jyotirmay Kishan), **(ii) Saraswati** (as mentioned in my AADHAR and PAN card), **(iii) Saraswati XESS** (as mentioned in my Matriculation Certificate) stands for same and one person i.e. myself. Henceforth I shall be called, known and identified as **'Saraswati Kishan'** for all purposes.

ODISHA HYDRO POWER CORPORATION LTD.
(A GOVT. OF ODISHA UNDERTAKING)
CIN: U40101OR1995SGC003963
REGD.OFFICE: OHPC Corporate Office, Bhoi Nagar, Janpath, Bhubaneswar-751022 Phone: 91-0674-2542983,2542802, 2545526
4001/414/2627 E-mail: ohpc.co@gmail.com
No. OHPC: TECH: C&P: 44/2025-26/ 10218 Date: 12.11.2026

NOTICE INVITING TENDER No.18/2026-27

Sealed Tenders are invited in two parts i.e. (i) Techno Commercial bid & (ii) Price bid in separate sealed envelopes from the reputed Agencies fulfilling the eligibility criteria as per this tender terms & conditions for the work as mentioned below :

Description of Work	Cost of Tender Papers (Non-refundable) in Rs.	EMD in shape of DD only (Refundable) in Rs.
Procurement of Office stationary materials for Corporate Office and Training Centre, OHPC Ltd.	4720.00 (Rs. 4000.00 + GST @ 18%	7600.00

For details of the tender documents, terms & conditions and corrigendum etc., please visit our official website www.ohpc.co.in from Dt. 18.11.2026.

OIPR : 4001/4088/1/26-27/0019 C & P Head

ୟୁନିୟନ ବ୍ୟାଙ୍କ ଅଫ୍ ଇଣ୍ଡିଆ
Union Bank of India

କ୍ଷେତ୍ରୀୟ କାର୍ଯ୍ୟାଳୟ, ବ୍ରହ୍ମପୁର, ଗାୟତ୍ରୀ ସ୍କୋୟାର ପ୍ଲାଜା, ଗାଟା ବେଞ୍ଚ ସ୍କୋୟାର ନିକଟ, ବ୍ରହ୍ମପୁର, ଓଡ଼ିଶା-୭୬୦୦୦୫, ଯୋଗାଯୋଗ ନଂ.: ୮୭୬୩୫୦୬୧୬୨

ବ୍ରହ୍ମପୁର - ନୂତନ ଶାଖା ପରିସର ସଜ୍ଜିତ ଅନସାଇଟ ଏଟିଏମ୍ ଆଭ୍ୟନ୍ତରୀଣ ସାଜସଜ୍ଜା, ବୈଦ୍ୟୁତିକ (ଏୟାର କଣ୍ଡିସନର୍ ସହିତ) ଏବଂ ଡାଟା ଜେବଲିଂ କାର୍ଯ୍ୟ ନିମନ୍ତେ ଟେଣ୍ଡର

ବ୍ୟାଙ୍କର ନୂତନ ଶାଖା ପରିସର- ବ୍ରହ୍ମପୁର, ଖାତା ନଂ.: ୧୩୨

ଗ୍ରାମୀଣ ରୂପାନ୍ତରଣ ପାଇଁ ସମୁଦାୟ ନେତୃତ୍ୱାଧୀନ

ଜଳ ସୁରକ୍ଷା ଉପରେ ଗୁରୁତ୍ୱ ଦେଲା ବିଆଇପିଏଫ୍ ର ଆଇଡିଏଟ୍ ୨୦୨୬

ଭୁବନେଶ୍ୱର, (ସବୁ୍ୟ): ବଂଶଧର ଓ ଇଲା ପଣ୍ଡା ଫାଉଣ୍ଡେସନ୍ (ବିଆଇପିଏଫ୍) ପକ୍ଷରୁ ଫେଡେରେସନ୍ ଅଫ୍ ଇଣ୍ଡିଆନ୍ ଚେମ୍ବର୍ସ ଅଫ୍ କମର୍ସ ଆଣ୍ଡ ଇଣ୍ଡଷ୍ଟ୍ରି (ଫିକା) ସହଯୋଗରେ ଏହାର ବାର୍ଷିକ ବିଚାର ବିମର୍ଶ ଓ ଅଭିଯାନଭିତ୍ତିକ ସମ୍ମିଳନୀ ଆଇଡିଏଟ ର ୧୫ତମ ସଂସ୍କରଣ ଭୁବନେଶ୍ୱରରେ ଆୟୋଜିତ ହୋଇଥିଲା। ଗ୍ରାମୀଣ ରୂପାନ୍ତରଣ ପାଇଁ ଜଳ ସୁରକ୍ଷାର ପୁନଃଚିନ୍ତନ" ବିଷୟବସ୍ତୁକୁ ନେଇ ଆୟୋଜିତ ଆଇଡିଏଟ ୨୦୨୬ ରେ ନୀତି ନିର୍ଦ୍ଧାରକ, ଶିଳ୍ପ ଜଗତର ନେତୃବୃନ୍ଦ, ବିକାଶ କ୍ଷେତ୍ରର କର୍ମକର୍ତ୍ତା, ବୈଷୟିକ ବିଶେଷଜ୍ଞ ଏବଂ ସମୁଦାୟର ପ୍ରତିନିଧିମାନେ ଏକତ୍ରିତ ହୋଇ ଭାରତରେ ଗ୍ରାମୀଣ ଜଳ ସୁରକ୍ଷାର ପରିବର୍ତ୍ତିତ ଦିଗ ଉପରେ ଆଲୋଚନା କରିଥିଲେ।

ଉଦ୍‌ଘାଟନୀ ଅଧିବେଶନରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ରବି ନାରାୟଣ ନାଏକ, କ୍ୟାବିନେଟ୍ ମନ୍ତ୍ରୀ, ଗ୍ରାମ୍ୟ ଉନ୍ନୟନ, ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ, କହିଥିଲେ, "ଜଳ ସୁରକ୍ଷା ଆମ ସମସ୍ତଙ୍କର ସାମୂହିକ ଦାୟିତ୍ୱ। ପ୍ରଚୁର ଜଳ ସମ୍ପଦରେ ସମୃଦ୍ଧ ହୋଇଥିଲେ ମଧ୍ୟ ଜଙ୍ଗଲ ନଷ୍ଟ, ଜଳପ୍ରପାତ ଶୁଖିଯିବା ଏବଂ ଦୀର୍ଘମିଆଦୀ ସଂରକ୍ଷଣ ପ୍ରୟାସର ଅଭାବ ଯୋଗୁଁ ଆମେ ଜଳ ସଙ୍କଟର ସମ୍ମୁଖୀନ ହେଉଛୁ। ସରକାର ଏ ଦିଗରେ ଅନେକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ନେଉଥିବା ବେଳେ ଭବିଷ୍ୟତ ପିଢ଼ି ପାଇଁ ଆମ ଜଳ ସମ୍ପଦର ସୁରକ୍ଷା ନିମନ୍ତେ ସାମୂହିକ ଦାୟିତ୍ୱବୋଧ ଓ ଦୂରଦୃଷ୍ଟିର ଆବଶ୍ୟକତା ରହିଛି। "ଜଳ-ଜଳବାୟୁ-ଜୀବିକା ର ଆନ୍ତଃସମ୍ପର୍କ: ବିଭିନ୍ନ କ୍ଷେତ୍ରର ସମନ୍ୱିତ ଆଲୋଚନା" ଶୀର୍ଷକ ପ୍ୟାନେଲ୍ ଆଲୋଚନାରେ ପ୍ରଶାନ୍ତ କୁମାର ଦାଶ, ମୁଖ୍ୟ, ୟୁନିସେଫ୍ ଫିଲ୍ଡ ଅଫିସ୍; ଡ. ଶ୍ରମଣ ଝା, ସିଇଓ, ହିନ୍ଦୁସ୍ତାନ ୟୁନିଲିଭର ଫାଉଣ୍ଡେସନ୍; ଡ. ରାମ ବୁଜ୍, ସିଇଓ, ମୋବିୟସ୍ ଫାଉଣ୍ଡେସନ୍; ଏବଂ ଡ. ଭେଣୁ ମାର୍ଗମ୍, ନ୍ୟାସନାଲ୍ ପ୍ରୋଗ୍ରାମ୍ ଡାଇରେକ୍ଟର, ସଷ୍ଟେନେବଲ୍ ଫୁଡ୍, ଏମ୍.ଏସ୍. ସ୍ୱାମୀନାଥନ୍ ରିସର୍ଚ୍ଚ ଫାଉଣ୍ଡେସନ୍ ଅଂଶଗ୍ରହଣ କରିଥିଲେ। ଏହି ଆଲୋଚନାକୁ ଡ. ଅର୍ଜମଦତ୍ତ ସାରଙ୍ଗୀ, ନିର୍ଦ୍ଦେଶକ, ଆଇ.ସି .ଏ. ଆର. –ଇଣ୍ଡିଆନ୍ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ୱାଟର ମ୍ୟାନେଜମେଣ୍ଟ ପରିଚାଳନା କରିଥିଲେ।



ଦୀର୍ଘସ୍ଥାୟୀ ଜଳ ସୁରକ୍ଷା ସୁନିଶ୍ଚିତ କରିବାରେ ସମୁଦାୟର ମାଲିକାନା ଭାବନା ଓ ଅଂଶଗ୍ରହଣର ଗୁରୁତ୍ୱ ଉପରେ ଆଲୋକପାତ କରି ଶ୍ରୀମତୀ ଶୈଫାଳିକା ପଣ୍ଡା କହିଥିଲେ, "ଗ୍ରାମୀଣ ଭାରତରେ ଜଳ କୃଷି, ଜୀବିକା, ସ୍ୱାସ୍ଥ୍ୟ ଏବଂ ପରିବାରର ଦୈନନ୍ଦିନ ଜୀବନ ସହ ଗଭୀର ଭାବେ ଜଡ଼ିତ। ଆମକୁ କେବଳ ଜଳ ସମ୍ବନ୍ଧୀୟ ସମାଧାନ ପ୍ରଦାନ କରିବାରୁ ଆଗକୁ ବଢ଼ି ସମୁଦାୟକୁ ନିଜ ଜଳ ସମ୍ପଦର ପରିଚାଳନା କରିବାରେ ସକ୍ଷମ କରିବାକୁ ହେବ। ଭବିଷ୍ୟତ ପିଢ଼ି ପାଇଁ ଜଳ ସଂରକ୍ଷଣକୁ ମୂଲ୍ୟବାନ ମନେ କରିବା ଏବଂ ଏହାର ସାମୂହିକ ଦାୟିତ୍ୱ ନେବା ଦିଗରେ ଆମ ଚିନ୍ତାଧାରାରେ ମୌଳିକ ପରିବର୍ତ୍ତନ ଆଣିବା ଆବଶ୍ୟକ।"

ଆଇଡିଏଟ ୨୦୨୬ ର ଏକ ପ୍ରମୁଖ ନିଷ୍କର୍ଷ ଥିଲା କେବଳ ଜଳ ଉପଲବ୍ଧତାରୁ ଆଗକୁ ବଢ଼ି ଜଳ ସୁରକ୍ଷା ଉପରେ ଗୁରୁତ୍ୱ ଦେବା। ଏଥିରେ କୁହାଯାଇଥିଲା ଯେ, ନିର୍ଭରଯୋଗ୍ୟ ଜଳ ଯୋଗାଣ ଭିତ୍ତିଭୂମି ସହ ଜଳ ଉତ୍ସର ସ୍ଥାୟିତ୍ୱ, ଭୂତଳ ଜଳର ଦାୟିତ୍ୱପୂର୍ଣ୍ଣ ପରିଚାଳନା, ଜଳବାୟୁ ଅନୁକୂଳ ଯୋଜନା ଏବଂ ସୁଦୃଢ଼ ସମୁଦାୟଭିତ୍ତିକ ଅନୁଷ୍ଠାନର ଆବଶ୍ୟକତା ରହିଛି। ଏଥିସହ ସ୍ଥାନୀୟ ଆବଶ୍ୟକତା ଅନୁକୂଳ, ସମାବେଶୀ ଏବଂ ବ୍ୟାପକ ଭାବେ କାର୍ଯ୍ୟକାରୀ ହୋଇପାରୁଥିବା ସମାଧାନ ବିକଶିତ କରିବା ପାଇଁ ସରକାର, ଶିଳ୍ପ, ନାଗରିକ ସମାଜ, ବୈଷୟିକ ଅନୁଷ୍ଠାନ ଏବଂ ସ୍ଥାନୀୟ ସମୁଦାୟ ମଧ୍ୟରେ ସମନ୍ୱୟର ଗୁରୁତ୍ୱକୁ ମଧ୍ୟ ଆଲୋଚନାରେ ଦୋହରାଯାଇଥିଲା।

ୱାର୍ଡ ସୀମା ନିର୍ଦ୍ଧାରଣ, ଭୋଟର ତାଲିକାରେ ଅସଙ୍ଗତି

ରାଜ୍ୟ ନିର୍ବାଚନ କମିଶନଙ୍କୁ ଫେରାଦ ହେଲା ଏମ୍‌ଡିଏ ପ୍ରତିନିଧି ମଣ୍ଡଳୀ

କଟକ, (ସ୍ୱପ୍ର) : ସ୍ଥାନୀୟମହାନଦୀ ବିହାରର ୱାର୍ଡ ନମ୍ବର -୪୭ର ସୀମା ଓ ଭୋଟର ତାଲିକାରେ ଥିବା ଅସଙ୍ଗତିର ସମୀକ୍ଷା ପାଇଁ ରାଜ୍ୟ ନିର୍ବାଚନ କମିଶନଙ୍କୁ ଏମଡିଏର ଏକ ପ୍ରତିନିଧି ଦଳ ସାକ୍ଷାତ କରିଛନ୍ତି । ମଙ୍ଗଳବାର ମହାନଦୀ ବିହାର ଡେଭଲପମେଣ୍ଟ ଆସୋସିଏସନ (ଏମଡିଏ) ର ଏକ ୮ ଜଣିଆ ପ୍ରତିନିଧି ଦଳ ଏବଂ ୱାର୍ଡ କର୍ପୋରେଟର ଇଂ. ସୁବ୍ରତ ଘଡ଼େଇ ମିଳିତ ଭାବେ ରାଜ୍ୟ ନିର୍ବାଚନ କମିଶନଙ୍କ କାର୍ଯ୍ୟାଳୟରେ କମିଶନର ମଧୁସୂଦନ ପାଢ଼ୀଙ୍କୁ ସାକ୍ଷାତ କରି ବିସ୍ତୃତ ଆଲୋଚନା କରିଥିଲେ । ଆଲୋଚନା ସମୟରେ ମହାନଦୀ ବିହାରର ୱାର୍ଡ ସୀମା ନିର୍ଦ୍ଧାରଣ ଏବଂ ଭୋଟର ତାଲିକା ସମ୍ପର୍କିତ ବିଭିନ୍ନ ଅସଙ୍ଗତିକୁ ତଥ୍ୟଭିତ୍ତିକ ଭାବେ ଉପସ୍ଥାପନ କରାଯାଇଥିଲା । ବିଶେଷକରି ମହାନଦୀ ବିହାରର କିଛି ଅଞ୍ଚଳ ଅନ୍ୟ ୱାର୍ଡରେ ଅନ୍ତର୍ଭୁକ୍ତ ହେବା ସହିତ ଏଚଏଲବି ଆଧାରରେ ଭୋଟର ତାଲିକାରେ ରହିଥିବା ଅସଙ୍ଗତି ଉପରେ ପ୍ରତିନିଧି ଦଳ ବିସ୍ତୃତ ତଥ୍ୟ ଓ ଯୁକ୍ତି ଉପସ୍ଥାପନ କରିଥିଲେ । ଉପସ୍ଥାପିତ ସମସ୍ତ ତଥ୍ୟକୁ ଗୁରୁତ୍ୱର ସହ ବିଚାର କରି ଆବଶ୍ୟକ ସମୀକ୍ଷା କରାଯିବା ସହ ଉଚିତ ପଦକ୍ଷେପ ନିଆଯିବ ବୋଲି କମିଶନର ଆଶ୍ୱାସନା ଦେଇଥିଲେ । ଏହି ପ୍ରତିନିଧି ଦଳରେ ଏମଡିଏର ସଭାପତି ସଞ୍ଜୟ କୁମାର ଜେନା, ଉପସଭାପତି ସରୋଜ ସ୍ୱାଇଁ, ହିମାଂଶୁ ଷଡ଼ଙ୍ଗୀ, ବରିଷ୍ଠ ସଦସ୍ୟ ରବୀନ୍ଦ୍ର ପ୍ରସାଦ ତ୍ରିପାଠୀ, ଗୋଲେଖ ଚନ୍ଦ୍ର କାନୁନଗୋ, ସୁଶାନ୍ତ କୁମାର ଘୋଷ କର୍ପୋରେଟର ସୁବ୍ରତ ଘଡ଼େଇ ଉପସ୍ଥିତ ଥିଲେ । ମହାନଦୀ ବିହାରବାସୀଙ୍କ ନ୍ୟାୟସଙ୍ଗତ ନିର୍ବାଚନୀ ଅଧିକାରର ସୁରକ୍ଷା ଏବଂ ସଠିକ୍ ୱାର୍ଡ ସୀମା ନିର୍ଦ୍ଧାରଣ ପାଇଁ ଏମଡିଏର ତାର ପ୍ରୟାସ ଜାରି ରଖିବ ।



ଶିଶୁଙ୍କ ଆଖିର ସୁରକ୍ଷା ଓ ଟେରାପଣର ଶୀଘ୍ର ଚିହ୍ନଟ ପାଇଁ

ଏଲ୍.ଭି. ପ୍ରସାଦ ଚକ୍ଷୁ ପ୍ରତିଷ୍ଠାନ ପକ୍ଷରୁ ଶିଶୁ ଚକ୍ଷୁ ଯତ୍ନ ସପ୍ତାହ ପାଳନ

ଭୁବନେଶ୍ୱର, (ସବୁ୍ୟ): ଟେରାପଣକୁ ଚିହ୍ନନ୍ତୁ, ଶିଶୁକୁ ସହଯୋଗ କରନ୍ତୁ ବାର୍ତ୍ତାକୁ ନେଇ ଏଲ୍.ଭି. ପ୍ରସାଦ ଚକ୍ଷୁ ପ୍ରତିଷ୍ଠାନ ପକ୍ଷରୁ ନଭେମ୍ବର ୫ରୁ ୧୫ ତାରିଖ ପର୍ଯ୍ୟନ୍ତ ଶିଶୁ ଚକ୍ଷୁ ଯତ୍ନ ସପ୍ତାହ ପାଳନ କରାଯାଇଥିଲା। ଏହି ଅଭିଯାନର ମୁଖ୍ୟ ଉଦ୍ଦେଶ୍ୟ ଥିଲା ଶିଶୁମାନଙ୍କ ଆଖିର ଟେରାପଣ ସମ୍ପର୍କରେ ଅଭିଭାବକ ଓ ସାଧାରଣ ଲୋକଙ୍କୁ ସଚେତନ କରିବା। ଏହା କେବଳ ଦେଖିବାରେ ଅସୁନ୍ଦର ଲାଗିବାର ସମସ୍ୟା ନୁହେଁ, ବରଂ ଶିଶୁର ଦୃଷ୍ଟିଶକ୍ତିର ବିକାଶକୁ ମଧ୍ୟ ପ୍ରଭାବିତ କରିପାରେ। ଠିକ୍ ସମୟରେ ଚିକିତ୍ସା ନକଲେ ଗୋଟିଏ ଆଖିର ଦୃଷ୍ଟିଶକ୍ତି କମିଯାଇପାରେ। ଏହି ଅବସରରେ ନଭେମ୍ବର ୧୫ ତାରିଖ ରବିବାର ଦିନ ଭୁବନେଶ୍ୱରର ବୁଦ୍ଧ ଜୟନ୍ତୀ ପାର୍କଠାରେ ଶିଶୁଙ୍କ ଆଖିର ସୁରକ୍ଷା ପାଇଁ ଏକ ସଚେତନତା ପଦଯାତ୍ରା ଆୟୋଜନ କରାଯାଇଥିଲା। ଏଥିରେ ପ୍ରାୟ ୨୫୦ ଜଣ ଡାକ୍ତର, କର୍ମଚାରୀ ଓ ଅନ୍ୟମାନେ ଯୋଗ ଦେଇଥିଲେ। କ୍ୟାମ୍ପସ ମୁଖ୍ୟ ଡା. ଉମେଶ ଚନ୍ଦ୍ର ବେହେରା ପଦଯାତ୍ରାର ଶୁଭାରମ୍ଭ କରିଥିଲେ। ଏହି ଅଭିଯାନ ସମ୍ପର୍କରେ ଏଲ୍.ଭି. ପ୍ରସାଦ ଚକ୍ଷୁ ପ୍ରତିଷ୍ଠାନର ଚାଇଲ୍ଡ ସାଇଟ୍ ଇନଷ୍ଟିଚ୍ୟୁଟ୍ ର ମୁଖ୍ୟ ଡା. ବିବେକ ୱାରକାଡ୍ କହିଥିଲେ, ଟେରାପଣ କେବଳ ଆଖିର ଦେଖାଯିବାରେ ଥିବା ସମସ୍ୟା ନୁହେଁ। ଏହା ଶିଶୁର ଦୃଷ୍ଟିଶକ୍ତି ଓ ଆଖିର ସଠିକ୍ ବିକାଶ ସହ ଜଡ଼ିତ। ଠିକ୍ ସମୟରେ ଚିହ୍ନଟ ଓ ଚିକିତ୍ସା କରାଗଲେ ଶିଶୁର ଦୃଷ୍ଟିଶକ୍ତି ଓ ଆତ୍ମବିଶ୍ୱାସରେ ଉନ୍ନତି ଆଣିହେବ।



ଅବସରପ୍ରାପ୍ତ ସରକାରୀ କର୍ମଚାରୀ ସଂଘ ବୈଠକ

କଟକ, (ସ୍ୱପ୍ର): ଚିକିସିା ଭତ୍ତା, ବକେୟା ମହଙ୍ଗା ଭତ୍ତା, ୮ମ ବେତନ ଆୟୋଗ ସୁପାରିଶ ଜରୁରୀ ବୈଠକ ବରିଷ୍ଠ ଉପଦେଷ୍ଟା କୃଷ୍ଣ ଚନ୍ଦ୍ର ସାହୁଙ୍କ ପୋôରହିତ୍ୟରେ କନକଗରି ପୀôରେ ଅନୁଷ୍ଠିତ ହୋଇଥିଲା । ପ୍ରାରମ୍ଭରେ ସଂଘର ଦିବଂଗତ ସଦସ୍ୟମାନଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଥିଲା । ଅବସରପ୍ରାପ୍ତ କର୍ମଚାରୀଙ୍କ ବିଭିନ୍ନ ସମସ୍ୟା ଓ ସଂଗଠନର କାର୍ଯ୍ୟକ୍ରମକୁ ବ୍ୟାପକ କରିବା ଉପରେ ବିସ୍ତୃତ ଆଲୋଚନା ହୋଇଥିଲା । ଏହି ଅବସରରେ ସଂଘର ନୂତନ କର୍ମକର୍ତ୍ତା ଭାବରେ ଦୟାନିଧି ସାହୁ, ସଭାପତି, ଭୀମସେନ୍ ମହାନ୍ତି ସାଧାରଣ ସଂପାଦକ, ବିଭୂତିଭୂଷଣ ସାହୁ ସଂଗଠନ ସଂପାଦକ, ଧନେଶ୍ୱର ସାହୁ ଅର୍ଥ ସଂପାଦକ ଏବଂ ଉପଦେଷ୍ଟା ମଣ୍ଡଳୀରେ ଧୀରେନ୍ଦ୍ର ନାଥ ମହାପାତ୍ର, କ୍ଷେତ୍ରବାସୀ ତ୍ରିପାଠୀ, ଜୀବନ କୁମାର ସ୍ୱାଇଁ ଏବଂ ଶ୍ରୀନିବାସ ସାହୁଙ୍କୁ ସର୍ବସମ୍ମତିକ୍ରମେ ମନୋନୀତ କରାଯାଇଥିଲା । ସ୍ୱର୍ଣ୍ଣପ୍ରଭା ଆଏଚ, ପ୍ରଶାନ୍ତ ପରିଡା, ପଦ୍ମନାଭ ବେହେରା, ଶ୍ରୀଧର ଷଡଙ୍ଗୀ ପ୍ରମୁଖ ଉପସ୍ଥିତ ଥିଲେ ।



ଅନୁଯାୟୀ ଭତ୍ତା ସମେତ ଅନ୍ୟାନ୍ୟ ସମସ୍ୟା ସମାଧାନ ଦିଗରେ ରାଜ୍ୟ ସରକାର ତୁରନ୍ତ ପଦକ୍ଷେପ ନେବା ଲାଗି ଅବସରପ୍ରାପ୍ତ ସରକାରୀ କର୍ମଚାରୀ ସଂଘ, ଟାଙ୍ଗୀ ମଣ୍ଡଳ ପକ୍ଷରୁ ଦାବୀ ହୋଇଛି । ସଂଘର କାର୍ଯ୍ୟକ୍ରମକୁ ବ୍ୟାପକ କରିବା ଏବଂ ଏହାର ସାମୂହିକ ଦାୟିତ୍ୱ ନେବା ଦିଗରେ ଆମ ଚିନ୍ତାଧାରାରେ ମୌଳିକ ପରିବର୍ତ୍ତନ ଆଣିବା ଆବଶ୍ୟକ।"

ଏୟାରଟେଲ୍ କନେକ୍ସନ ଦେଉଛି

୩୦ହଜାର ରୁ ଅଧିକ ମୂଲ୍ୟର ରିୱାର୍ଡ

ଭୁବନେଶ୍ୱର (ସବୁ୍ୟ): ପ୍ରିମିୟମ ସବସ୍କ୍ରିପସନ ଓ ସଫି ଡିଲ ଠାରୁ ଆରମ୍ଭ କରି ଯାତ୍ରା, ଖାଇବାପିଇବା ଓ ମନୋରଞ୍ଜନ ପର୍ଯ୍ୟନ୍ତ, ପ୍ରମୁଖ ବ୍ରାଣ୍ଡଗୁଡ଼ିକର ଅଫରକୁ ଏୟାରଟେଲ ଇନସାଇଡର ଗୋଟିଏ ସ୍ଥାନରେ ଏକାଠି ଆଣିଛି। ଆପଣଙ୍କ ଏୟାରଟେଲ କନେକ୍ସନ କେବଳ କନେକ୍ଟିଭିଟି ଦିଏ ନାହିଁ, ବରଂ ଏୟାରଟେଲ ଗ୍ରାହକ ହେବାକୁ ଅଧିକ ଲାଭଦାୟକ କରିଥାଏ। ଏୟାରଟେଲ ଇନସାଇଡର ମାଧ୍ୟମରେ ଗ୍ରାହକମାନେ ବିଭିନ୍ନ ବ୍ରାଣ୍ଡ ଓ ଅନୁଭୂତିରେ ୩୦,୦୦୦ ରୁ ଅଧିକ ମୂଲ୍ୟର ରିୱାର୍ଡ ଓ ଅଫର ପାଇପାରିବେ, ଯାହାକୁ ସେମାନେ ନିଜ ଦୈନନ୍ଦିନ ଜୀବନରେ ବ୍ୟବହାର କରି ଉପଭୋଗ କରିପାରିବେ। ଏୟାରଟେଲ ଇନସାଇଡର ପଛର ଚିନ୍ତାଧାରା ସରଳ: ଏୟାରଟେଲ ଗ୍ରାହକ ହେବା ଦ୍ୱାରା କେବଳ କନେକ୍ଟେଡ ରହିବା ସହିତ ଅତିରିକ୍ତ ସୁବିଧା ମଧ୍ୟ ମିଳିବା ଉଚିତ। ଡୁଓଲିଙ୍ଗୋରେ ନୂଆ ଭାଷା ଶିଖିବା ହେଉ, କ୍ରୋମାରେ ଗ୍ୟାଜେଟ କିଣିବା ହେଉ, ସିନେପୋଲିସରେ ସିନେମା ଦେଖିବା ହେଉ କିମ୍ବା ପକେଟ ଏଫଏମରେ ସଙ୍ଗୀତ ଶୁଣିବା ଏବଂ ଆହୁରି ଅନେକ କିଛି ହେଉ, ଗ୍ରାହକମାନେ ନିଜ ପସନ୍ଦ ଓ ଆବଶ୍ୟକତା ଅନୁସାରେ ସୁବିଧା ଖୋଜିପାରିବେ। ବର୍ତ୍ତମାନ ଚାଲୁ ଥିବା ସମସ୍ତ ଅଫର ରିଡିମ କରି ଗ୍ରାହକମାନେ ୩୦,୦୦୦ ରୁ ଅଧିକ ମୂଲ୍ୟର ରିୱାର୍ଡ ପାଇପାରିବେ। ନୂଆ କିଛି ଶିଖିବା, ଗ୍ୟାଜେଟ ଅପଗ୍ରେଡ କରିବା, ପରବର୍ତ୍ତୀ ଛୁଟିର ଯୋଜନା କରିବା କିମ୍ବା ବାହାରେ ଖାଇବା ଉପଭୋଗ କରିବା, ଏସବୁରେ ଏୟାରଟେଲ ଇନସାଇଡର ଗ୍ରାହକଙ୍କୁ ନିଜ ଦୈନନ୍ଦିନ ଖର୍ଚ୍ଚରୁ ଅଧିକ ସୁବିଧା ପାଇବାର ଆହୁରି ଅଧିକ ଉପାୟ ଦିଏ। ଆରମ୍ଭ କରିବା ଖୁବ ସହଜ। ଯୋଗ୍ୟ ଏୟାରଟେଲ ମୋବାଇଲ ଓ ଏୟାରଟେଲ ହୋମ ଗ୍ରାହକମାନେ ଏୟାରଟେଲ ଆପ ଖୋଲି ଏୟାରଟେଲ ଇନସାଇଡର ସେକ୍ସନକୁ ଯାଇ ମିଳୁଥିବା ଅଫରଗୁଡ଼ିକୁ ଦେଖିପାରିବେ। ସେମାନେ ନିଜ ପସନ୍ଦର ସୁବିଧା ବାଛି ଅଫରର ଶର୍ତ୍ତ ଅନୁସାରେ ରିଡିମ କରିପାରିବେ।

କଟକ ୟୁପିଡିରେ ପୁଲିସ ଅଫିସରଙ୍କ ବଦଳି

କଟକ,(ସବୁ୍ୟ): ବିଡ଼ାନାସୀ ଥାନା ଆଇଆଇସି ଅସିତ କୁମାର ବଳବନ୍ତରାୟଙ୍କୁ ସାଇବର ଥାନାକୁ ବଦଳି କରାଯାଇଛି । ଚାଉଳିଆଗଞ୍ଜ ଥାନା ଅତିରିକ୍ତ ଆଇଆଇସି ସୂର୍ଯ୍ୟକାନ୍ତ ସେଠାଙ୍କୁ ବିଡ଼ାନାସୀ ଥାନାରେ ନୂଆ ନିଯୁକ୍ତି ମିଳିଛି । ବାଦାମବାଡ଼ି ଥାନା ଆଇଆଇସି ଅଜୟ କୁମାର ରାଉତଙ୍କୁ ଡିସିପିଙ୍କ କାର୍ଯ୍ୟାଳୟ ସାଇବର ଥାନାରେ ଥିବା ଇନସ୍ପେକ୍ଟର ରଜନୀକାନ୍ତ ଦାସଙ୍କୁ ବାଦାମବାଡ଼ି ଥାନାରେ ନୂଆ ନିଯୁକ୍ତି ମିଳିଛି । ଚୌଦ୍ୱାର ଟିପିଏମ ଆଉଟପୋଷ୍ଟର ଇନସ୍ପେକ୍ଟର ଯୋଗେଶ କୁମାର ବେଜଙ୍କୁ ଚାଉଳିଆଗଞ୍ଜ ଥାନା ଅତିରିକ୍ତ ଆଇଆଇସି, ଚୌଦ୍ୱାର ଥାନାର ଏସଆଇ ଅଭୟ କୁମାର ସାହୁଙ୍କୁ ଚୌଦ୍ୱାର ଟିପିଏମ ଆଉଟପୋଷ୍ଟ, ଏସଆଇ ପ୍ରିୟଦର୍ଶନୀ ସାହୁଙ୍କୁ ସିଡିଏ ଫେଜ ୨ ଥାନା ଅନ୍ତର୍ଗତ ଏନଏଲୟୁ ଆଉଟପୋଷ୍ଟକୁ ବଦଳି କରାଯାଇଛି । ଏହାପୂର୍ବରୁ ଅକ୍ଟୋବର ୧୩ରେ ଚୌଦ୍ୱାର ଥାନାର ଆଇଆଇସି ରଜନୀ କାନ୍ତ ଦାସ ଓ ଅତିରିକ୍ତ ଆଇଆଇସି ନିରଞ୍ଜନ ଭୋଇଙ୍କ ବଦଳିକୁ କରାଯାଇଥିଲା । ରଜନୀଙ୍କୁ କଟକ ସାଇବର ଥାନା ଇନସ୍ପେକ୍ଟର, ପୁଲିସ କମିସନରଙ୍କ କାର୍ଯ୍ୟାଳୟର ଇନସ୍ପେକ୍ଟର ବିକାଶ ସେଠାଙ୍କୁ ଚୌଦ୍ୱାର ଥାନା ଆଇଆଇସି, ଚୌଦ୍ୱାର ଥାନାର ଅତିରିକ୍ତ ଆଇଆଇସି ଥିବା ଇନସ୍ପେକ୍ଟର ନିରଞ୍ଜନ ଭୋଇଙ୍କୁ କନ୍ଦରପୁର ଥାନା ଆଇଆଇସି ଓ କନ୍ଦରପୁର ଥାନା ଆଇଆଇସି ଥିବା ଅନସୂୟା ସେଠାଙ୍କୁ ଭୁବନେଶ୍ୱର ସାଇବର୍ ଥାନା ଇନସ୍ପେକ୍ଟର ଭାବେ ବଦଳି କରାଯାଇଥିଲା ।

ଭାରତୀୟ ଷ୍ଟେଟ୍ ବ୍ୟାଙ୍କ ଅଫିସର୍ସ ବହୁମୁଖୀ ସମବାୟ ସମିତିର ୪୩ତମ ବାର୍ଷିକ ସାଧାରଣ ସଭା

ଭୁବନେଶ୍ୱର, (ସବୁ୍ୟ) : ଭାରତୀୟ ଷ୍ଟେଟ୍ ବ୍ୟାଙ୍କ ଅଫିସରମାନଙ୍କ ଦ୍ୱାରା ଗଠିତ ସମବାୟ ସମିତିର ରାଜ୍ୟସ୍ତରୀୟ ୪୩ତମ ବାର୍ଷିକ ସାଧାରଣ ସଭା ଚଳିତ ମାସ ୧୫ ତାରିଖ ଦିନ ଇନ୍‌ଷ୍ଟିଚ୍ୟୁସନ୍ ଅଫ୍ ଇଞ୍ଜିନିୟର୍ସ (ଇଣ୍ଡିଆ), ଭୁବନେଶ୍ୱରଠାରେ ଅମିତାଭ ଦାସଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ସମିତିର ସମ୍ପାଦକ ନବ କିଶୋର ସାହୁ କାର୍ଯ୍ୟକ୍ରମରେ ଯୋଗଦେଇ ଅତିଥିମାନଙ୍କ ପରିଚୟ ପ୍ରଦାନ କରିବା ସାଙ୍ଗେ ସାଙ୍ଗେ ସମ୍ପାଦକୀୟ ବିବରଣୀ ପାଠ କରିଥିଲେ। ଭାରତୀୟ ପ୍ରଶାସନିକ ସେବାର ଅବସରପ୍ରାପ୍ତ ଅଧିକାରୀ ପ୍ରସନ୍ନ କୁମାର ମିଶ୍ର ମୁଖ୍ୟ ଅତିଥି ରୂପେ ଯୋଗଦେଇ ସମବାୟ ସମିତିର ଭୂମିକା ଉପରେ ଆଲୋକପାତ କରିଥିଲେ। ଅଫିସର ସଂଘର ସଭାପତି ଗୋଲ୍‌ଡେନ୍ ଟୋପ୍‌ନେ ନିଜ ବକ୍ତବ୍ୟରେ ଉଲ୍ଲେଖ କରିଥିଲେ ଯେ, ଐକ୍ୟ ବଦ୍ଧତା ଯୋଗେ ସମିତିର ତଥା ସଂଘର ଉତ୍ତୋରତ୍ତର ଉନ୍ନତି ସମ୍ପାଦିତ ହୋଇପାରିଛି ଏବଂ ଆଗାମୀ ଦିନରେ ମଧ୍ୟ ସମସ୍ତ ସଭ୍ୟଙ୍କର ସେ ସହଯୋଗ କାମନା କରିଥିଲେ। ସଭାପତି ଅମିତାଭ ଦାସ ତାଙ୍କର ସ୍ୱାଗତ ଭାଷଣ ପ୍ରଦାନ କରିବା ସଂଗେ ସଂଗେ ସଭାଟିକୁ ସୂଚାରୁ ରୂପେ ପରିଚାଳନା କରି ସମସ୍ତଙ୍କର ପ୍ରଶଂସାର ପାତ୍ର ହୋଇଥିଲେ। ଷ୍ଟେଟ୍ ବ୍ୟାଙ୍କ ଅଫ୍ ଷ୍ଟାଫ୍ ଆସୋସିଏସନ୍, ଭୁବନେଶ୍ୱର ସର୍କଲର ସଭାପତି ଡଃ. ତପନ କୁମାର ପାଲ ଓ ସମ୍ପାଦକ ଡଃ. ଚିତ୍ତ ରଞ୍ଜନ ପଣ୍ଡା ଏହି ବୈଠକରେ ଉଦ୍‌ବୋଧନ ଦେଇଥିଲେ। ପରିଶେଷରେ କୋଷାଧ୍ୟକ୍ଷ ବିଜୟ କୁମାର ମହାପାତ୍ର ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।



ଗୁଡ୍‌ନାଇଟ୍ ପକ୍ଷରୁ ପ୍ରଭାବଶାଳୀ ମଶା ନିବାରଣ ଲୋସନ ଉନ୍ମୋଚିତ

ଭୁବନେଶ୍ୱର, (ସବୁ୍ୟ): ଗୋଦରେଜ୍ କଂଜ୍ୟୁମର ପ୍ରଡକ୍ଟସ୍ ଲିମିଟେଡ୍ (ଜିସିପିଏଲ୍)ର ଭାରତର ଅଗ୍ରଣୀ ମଶା ନିବାରଣ ବ୍ରାଣ୍ଡ ଗୁଡ୍‌ନାଇଟ୍ ପକ୍ଷରୁ ଗୁଡ୍‌ନାଇଟ୍ ମସ୍କିଟୋ ରିପେଲାଂଟ୍ ଲୋସନ ଉନ୍ମୋଚନ କରାଯାଇଛି। ଏହାର ମୂଲ୍ୟ ମାତ୍ର ୩ ଟଙ୍କା ରହିଛି। ଏହା ହେଉଛି ଭାରତର ସବୁଠୁ ପ୍ରଭାବଶାଳୀ ବ୍ୟକ୍ତିଗତ ମଶା ଘଉଡ଼ାଇବା ରିପେଲାଂଟ୍ ଯାହା ରାଜ୍ୟର ପ୍ରତି ପରିବାର, ଘର କାର୍ଯ୍ୟକ୍ଷେତ୍ର ଓ ଯାତାୟାତ ବେଳେ ୮ ଘଂଟା ପର୍ଯ୍ୟନ୍ତ ମଶାଙ୍କଠାରୁ ସୁରକ୍ଷା ପ୍ରଦାନ କରିବ। ମାଲେରିଆ ଓ ଡେଙ୍

କ୍ୱାଡ ମଞ୍ଚରେ ଟ୍ରମ୍ପଙ୍କ ସ୍ୱର ବଦଳିଲା

ପ୍ରଧାନମନ୍ତ୍ରୀ ମୋଦୀଙ୍କୁ ଭୂରିଭୂରି ପ୍ରଶଂସା

ମାନିଲା : ଫିଲିପାଇନ୍ସର ରାଜଧାନୀ ମନିଲାରେ କ୍ୱାର୍ଡରେ ଅନୁଷ୍ଠିତ ଅନ୍ତର୍ଜାତୀୟ ମଞ୍ଚରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏବଂ ଡୋନାଲ୍ଡ ଟ୍ରମ୍ପଙ୍କୁ ଏକାଠି ଦେଖିବାକୁ ମିଳିଛି। ଏହି ଅବସରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ପ୍ରଶଂସାରେ ପୋତିଛନ୍ତି। ସେ କହିଛନ୍ତି, ପ୍ରଧାନମନ୍ତ୍ରୀ ମୋଦୀ ଜଣେ ବହୁତ ଶକ୍ତିଶାଳୀ ବ୍ୟକ୍ତି। ଏହି ଅବସରରେ ରାଷ୍ଟ୍ରପତି ଟ୍ରମ୍ପ ଚୀନ ସହିତ ମତଭେଦ, ଇରାନର ପରମାଣୁ କାର୍ଯ୍ୟକ୍ରମ ଏବଂ ଉତ୍ତର କୋରିଆର ନେତା କିମ ଜଙ୍ଗ ଉନଙ୍କ ସହିତ ସମ୍ଭାବ୍ୟ ଭେଟକୁ ନେଇ ମଧ୍ୟ ବୟାନ ଦେଇଛନ୍ତି। କ୍ୱାର୍ଡ ନେତାଙ୍କ ସହିତ ମଞ୍ଚରେ ଟ୍ରମ୍ପ ପ୍ରଧାନମନ୍ତ୍ରୀ ମୋଦୀଙ୍କୁ ପ୍ରଶଂସା କରିବା ସହିତ ସେ ଜଣେ ଶକ୍ତିଶାଳୀ ମଣିଷ ବୋଲି କହିଛନ୍ତି। ଟ୍ରମ୍ପଙ୍କ ଏହି ଟିପ୍ପଣୀ ଉଭୟ ନେତାଙ୍କ ଭେଟ ସମୟରେ ଆସିଛି। ଚୀନ ସହିତ ମତଭେଦକୁ ନେଇ ଗଣମାଧ୍ୟମର ପ୍ରଶ୍ନରେ ଟ୍ରମ୍ପ କହିଛନ୍ତି, ମତଭେଦକୁ ଭଲଭାବରେ ପରିଚାଳନା କରାଯାଇଛି। ସେହିପରି ଇରାନ ପ୍ରସଙ୍ଗରେ ଟ୍ରମ୍ପ କହିଛନ୍ତି, ଆମେରିକା ଏହାକୁ ବହୁତ ଗମ୍ଭୀରତା ସହିତ ନେଇଛି। ଆମେ ଏହାକୁ ବହୁତ ଗମ୍ଭୀରତାର ସହିତ ନେଉଛୁ। ଏହା କାରଣ ଯେ, ଇରାନ ପାଖରେ ପରମାଣୁ ଅସ୍ତ୍ର ନ ରହିବା ଦରକାର। ଉତ୍ତର କୋରିଆର ନେତା କିମ୍ ଜଙ୍ଗ ଉନଙ୍କ ସହିତ ସମ୍ଭାବ୍ୟ ବୈଠକକୁ ନେଇ ଟ୍ରମ୍ପ ପ୍ରତିକ୍ରିୟା ଦେଇଛନ୍ତି। ସେ କହିଛନ୍ତି, କିମ ଜଙ୍ଗ ଉନ୍ ତାଙ୍କୁ ଭେଟିବା ଦରକାର। ବିରଳ ମୃତ୍ତିକା ଉପାଦାନର ଉତ୍ପାଦନ ନେଇ ଟ୍ରମ୍ପ ଭାରତ ଏବଂ ଜାପାନକୁ ପ୍ରଶଂସା କରିଛନ୍ତି। ସେ କହିଛନ୍ତି ଯେ, ଆମେରିକା ସହିତ ଅନ୍ୟ ଦେଶ ମଧ୍ୟ ଏହି ଦିଗରେ ଦ୍ରୁତଗତିରେ କାମ କରୁଛନ୍ତି। ଏମିତିରେ ମଧ୍ୟ ଉତ୍ପାଦନ କରୁଛନ୍ତି। ଜାପାନ କରୁଛି। ଭାରତ କରୁଛି। ଆମେ ସମସ୍ତେ ଏହା କରୁଛନ୍ତି। ବିରଳ ମୃତ୍ତିକା ଉପାଦାନ ଇଲେକ୍ଟ୍ରିକ୍ ଯାନବାହନ, ଇଲେକ୍ଟ୍ରିକ୍ ଉପକରଣ, ପ୍ରତିରକ୍ଷା ସାମଗ୍ରୀ ଏବଂ ଅନ୍ୟ ଆଧୁନିକ ଶିଳ୍ପରେ ବ୍ୟବହାର ହେଉଛି। ଏହି ଖଣିଜର ଆମଦାନୀ ବିଶ୍ୱର ଅର୍ଥବ୍ୟବସ୍ଥା ଏବଂ ପ୍ରଯୁକ୍ତି ଶିଳ୍ପ ପାଇଁ ଗୁରୁତ୍ୱପୂର୍ଣ୍ଣ।



ଆନ୍ଧ୍ରରେ ଗ୍ୟାସ୍ ଲିକ୍ : ୮ ଶହ ଲୋକଙ୍କୁ ସ୍ଥାନାନ୍ତରଣ

ଅମରାବତୀ: ଆନ୍ଧ୍ରପ୍ରଦେଶର ଡକ୍ଟର ବି.ଆର. ଆମ୍ବେଦକର କୋନାସୀମା ଜିଲ୍ଲାରେ ଥିବା ଏକ ଓଏନଜିସି ଗ୍ୟାସ କୂପରେ ମଙ୍ଗଳବାର ସକାଳେ ଏକ ବଡ଼ ଧରଣର ଲିକ୍ ଘଟଣା ଘଟିଛି। ଏହାକୁ ନେଇ ଲୋକଙ୍କ ମଧ୍ୟରେ ଆତଙ୍କ ସୃଷ୍ଟି ହୋଇଛି। ସତର୍କତାମୂଳକ ପଦକ୍ଷେପ ସ୍ୱରୂପ,ଘଟଣାସ୍ଥଳର ଏକ କିଲୋମିଟର ପରିଧି ମଧ୍ୟରେ ରହୁଥିବା ପ୍ରାୟ ୪୦୦ ରୁ ୫୦୦ ପରିବାରର ୮ ଶହ ଲୋକଙ୍କୁ ସ୍ଥାନାନ୍ତର କରାଯାଇଛି। ଜିଲ୍ଲା ପ୍ରଶାସନ ସ୍ଥାନାନ୍ତରିତ ହୋଇଥିବା ଲୋକଙ୍କ ପାଇଁ ମଧ୍ୟାହ୍ନ ଭୋଜନ ଏବଂ ରାତ୍ରୀ ଭୋଜନ ବ୍ୟବସ୍ଥା କରିବାର ଦାୟିତ୍ୱ ନେଇଛି। ଚଳିତ ବର୍ଷ ଜିଲ୍ଲାରେ ଏହା ଚତୁର୍ଥ ଓଏନଜିସି ଗ୍ୟାସ୍ ଲିକ୍ ଘଟଣା। ଓଏନଜିସି ଅଧିକାରୀଙ୍କ ଅନୁଯାୟୀ, ଜାତୀୟରାଜପଥ-୨୧୬ ନିକଟରେ ଅବସ୍ଥିତ ଗେଦାଡା ଗାଁର ଗ୍ୟାସ୍ କୂପରେ ୱାର୍କଓଭର ଅପରେସନ୍ ସମୟରେ ମଙ୍ଗଳବାର ସକାଳ ପ୍ରାୟ ୫ଟାରେ ଗ୍ୟାସ୍ ଲିକ୍ଆରମ୍ଭ ହୋଇଥିଲା।କର୍ତ୍ତୃପକ୍ଷ ଘଟଣାସ୍ଥଳକୁ ଘେରାବନ୍ଦୀ କରି ରଖିଛନ୍ତି ଏବଂ ଲିକ୍ ନିୟନ୍ତ୍ରଣ କରିବା ପାଇଁ ୱାଟର ବ୍ଲାଙ୍କେଟ୍ ବ୍ୟବହାର କରୁଛନ୍ତି। ଜିଲ୍ଲା କଲେକ୍ଟର ମହେଶ କୁମାର ରବିରାଲା ସତର୍କତାମୂଳକ ପଦକ୍ଷେପ ସ୍ୱରୂପ ସ୍ଥାନୀୟ ଲୋକଙ୍କୁ ବୈଦ୍ୟୁତିକ ଉପକରଣ, ଲାଇଟ୍ ଏବଂ ଗ୍ୟାସ୍ ଚୁଲା ବ୍ୟବହାର ନ କରିବାକୁ ପରାମର୍ଶ ଦେଇଛନ୍ତି।କଲେକ୍ଟର ସ୍ଥାନୀୟ ଲୋକଙ୍କୁ ଆଶ୍ୱାସନା ଦେଇଛନ୍ତି ଯେ ପରିସ୍ଥିତି ବର୍ତ୍ତମାନ ନିୟନ୍ତ୍ରଣରେ ଅଛି। ତାଙ୍କ ଅନୁସାରେ, ଗ୍ୟାସ୍ ଭୂସମାନ୍ତର ଭାବରେ ନୁହେଁ ବରଂ ଉପରକୁ ବ୍ୟାପିବାରେ ଲାଗିଛି। ବର୍ତ୍ତମାନ ଏହା ଏକ ଗମ୍ଭୀର ପରିସ୍ଥିତି ସୃଷ୍ଟି କରି ନାହିଁ। ଚଳିତ ବର୍ଷ ଜାନୁଆରି ମାସରେ, ଜିଲ୍ଲାର ମୋରି ଗାଁରେ ଏକ ଗ୍ୟାସ୍ କୂପ ଫାଟି ଯାଇଥିଲା ଏବଂ ପ୍ରାୟ ପାଞ୍ଚ ଦିନ ଧରି ଜଳିଥିଲା।



ଦିଲ୍ଲୀରେ ଭୁଶୁଡ଼ିଲା ଦୁଇ ମହଲା କୋଠା

ନୂଆଦିଲ୍ଲୀ: ପୂର୍ବ ଦିଲ୍ଲୀର ବିବେକ ବିହାର ଅଞ୍ଚଳରେ ମଙ୍ଗଳବାର ସକାଳେ ଏକ ଦୁଇ ମହଲା କୋଠା ହଠାତ୍ ଭୁଶୁଡ଼ି ପଡ଼ିବାରୁ ଜଣେ ୩ବର୍ଷର ଶିଶୁ ସମେତ ୩ଜ ବର୍ଷୀୟ



ପିଣ୍ଟୁ ନାମକ ଜଣେ ବ୍ୟକ୍ତିଙ୍କର ମୃତ୍ୟୁ ଘଟିଛି। ଏହି ଦୁର୍ଘଟଣା ପରେ ଭଙ୍ଗା କୋଠାର ଧ୍ୱଂସାବଶେଷ ତଳେ ପ୍ରାୟ ୮ ଜଣ ଲୋକ ଫସି ରହିଥିବା ଆଶଙ୍କା କରାଯାଉଛି। ଖବର ପାଇ ଉଦ୍ଧାରକାରୀ ଦଳ ତୁରନ୍ତ ଘଟଣାସ୍ଥଳରେ ପହଞ୍ଚି ଯୁଦ୍ଧକାଳୀନ ଭିତ୍ତିରେ ଉଦ୍ଧାର କାର୍ଯ୍ୟ ଜାରି ରଖିଛନ୍ତି।ଘଟଣାସ୍ଥଳରେ ଭଙ୍ଗା କଂକ୍ରିଟ୍ ସ୍ଲାବ୍ ଏବଂ ଲୁହା ରଡଗୁଡ଼ିକ ଚାରିଆଡ଼େ ବିଛାଡ଼ି ହୋଇ ପଡ଼ିଥିବା ଦେଖିବାକୁ ମିଳିଛି, ଯାହା ଉଦ୍ଧାର କାର୍ଯ୍ୟରେ ବାଧା ସୃଷ୍ଟି କରୁଛି। ସ୍ଥାନୀୟ ପୁଲିସ ଓ ଅଗ୍ନିସମ ବାହିନୀ ସହାୟତାରେ ଭଗ୍ନାବଶେଷ ହଟାଇ ଫସି ରହିଥିବା ଲୋକଙ୍କୁ ସୁରକ୍ଷିତ ଭାବେ ବାହାର କରିବାକୁ ଉଦ୍ୟମ ଚାଲିଛି। ରାଜଧାନୀ ଦିଲ୍ଲୀରେ ଅସୁରକ୍ଷିତ ଆବାସିକ ଓ ବ୍ୟବସାୟିକ କୋଠା ଭୁଶୁଡ଼ିବା ଘଟଣା ଏବେ ପ୍ରଶାସନ ପାଇଁ ବଡ଼ ଚିନ୍ତାର କାରଣ ପାଲଟିଛି। ଗତ ସେପ୍ଟେମ୍ବର ମାସରେ ମଧ୍ୟ ଦକ୍ଷିଣ ଦିଲ୍ଲୀର ସତ୍ୟ ନିକେତନ ଅଞ୍ଚଳରେ ଦିଲ୍ଲୀ ବିଶ୍ୱବିଦ୍ୟାଳୟର ଏକ କଲେଜ ନିକଟରେ ପେଙ୍ଗି ଗେଷ୍ଟ (ପିଜି) ଭାବେ ବ୍ୟବହୃତ ହେଉଥିବା ଏକ ଛଅ ମହଲା କୋଠା ଭୁଶୁଡ଼ି ପଡ଼ିଥିଲା। ସେହି ମର୍ମନ୍ତୁଦ ଦୁର୍ଘଟଣାରେ ୫ ଜଣ ଛାତ୍ରଙ୍କ ସମେତ ୭ ଜଣଙ୍କ ପ୍ରାଣହାନି ଘଟିଥିଲା। ପରବର୍ତ୍ତୀ ତଦନ୍ତରୁ ଜଣାପଡ଼ିଥିଲା ଯେ କୌଣସି ଅନୁମୋଦିତ ପ୍ଲାନ୍ ବିନା ପୁରୁଣା କୋଠା ଉପରେ ବେଆଇନ ଭାବେ ପାଞ୍ଚ ମହଲା ପର୍ଯ୍ୟନ୍ତ ନିର୍ମାଣ କରାଯାଇଥିଲା।

ଜାତିସଂଘରେ କଡା ଜବାବ୍ ରଖିଲା ଭାରତ

ନ୍ୟୁୟର୍କ: ଭାରତ ଜାତିସଂଘରେ ୟୁଏନ-ଓଆଇସି ସହଯୋଗ ପ୍ରସ୍ତାବ ବିରୋଧରେ ଭୋଟ୍ ଦେଇଛି। ଭାରତ ସ୍ପଷ୍ଟ ଶବ୍ଦରେ କହିଛି ଯେ, ପାକିସ୍ତାନ ଇସଲାମିକ୍ ସହଯୋଗ ସଂଗଠନ(ଓଆଇସି)କୁ ଏକ ଅସ୍ତ୍ର ଭାବରେ ବ୍ୟବହାର କରୁଛି। ଭାରତ କହିଛି ଓଆଇସି ପାକିସ୍ତାନ ଭଳି ଦେଶଗୁଡ଼ିକର ପ୍ରଭାବରେ ଏକପାଖିଆ ବିବୃତି ଦେଉଛି। ଇରାକର ପ୍ରତିନିଧିଙ୍କ ଦ୍ୱାରା ପ୍ରସ୍ତାବ ଆଗତ କରାଯାଇଥିଲା। ଏହି ପ୍ରସ୍ତାବ ଅନ୍ତର୍ଗତ ଜାତିସଂଘ ସାଧାରଣ ସଭା ଶାନ୍ତି, ସୁରକ୍ଷା ଏବଂ ସଂଘର୍ଷ ନିବାରଣ ପାଇଁ ଦୃଢ଼ ସହଯୋଗ ପାଇଁ ଆହ୍ୱାନ କରିଥିଲା। ଏହା ସହିତ ପାଲେଷ୍ଟାଇନ ସମସ୍ୟାର ଶାନ୍ତିପୂର୍ଣ୍ଣ ସମାଧାନ ଏବଂ ଦୁଇ-ରାଷ୍ଟ୍ର ସମାଧାନ କାର୍ଯ୍ୟକାରୀ କରିବା ଉପରେ ନ୍ୟୁୟର୍କ ଘୋଷଣାନାମାକୁ ଆଗକୁ ବଢ଼ାଇବା ପାଇଁ ଉଭୟ ସଂଗଠନକୁ ଭାରତ ଉତ୍ସାହିତ କରିଛି। ଆତଙ୍କବାଦ ବିରୋଧୀ ପ୍ରୟାସ, ଇସଲାମୋଫୋବିୟା ମୁକାବିଲା ଏବଂ ମାନବାଧିକାରରେ ସହଯୋଗକୁ ଭାରତ ପକ୍ଷରୁ ସ୍ୱାଗତ କରାଯାଇଛି।ଜାତିସଂଘରେ ଭାରତର ଉପସ୍ଥାୟୀ ପ୍ରତିନିଧି ରାଷ୍ଟ୍ରଦୂତ ଯୋଜନା ପଟେଲ ପ୍ରସ୍ତାବ ପ୍ରତି ନୂଆଦିଲ୍ଲୀର ଆପତ୍ତିକୁ ନେଇ ଏକ ଭୋଟର ବ୍ୟାଖ୍ୟା(ଇଓଭି) ଉପସ୍ଥାପନ କରିଥିଲେ। ରାଷ୍ଟ୍ରଦୂତ ପଟେଲଙ୍କ ବିବୃତି ଅନୁଯାୟୀ, ଭାରତର ବିରୋଧ ମୁଖ୍ୟତଃ ପ୍ରସ୍ତାବ ପ୍ରସ୍ତୁତ କରିବାରେ ପ୍ରତିନିଧିମଣ୍ଡଳୀକୁ ସାମିଲ ନକରିବା ଏବଂ ଭାରତର ଆଭ୍ୟନ୍ତରୀଣ ବ୍ୟାପାରରେ ଓଆଇସିର କୌଣସି ମତ ନ ରଖିବା ଭଳି ପ୍ରସଙ୍ଗ ଉପରେ ଆଧାରିତ ଥିଲା।

ଜାପାନରେ ରାଜନାଥ-ଜୟଶଙ୍କରଙ୍କ ମିଶନ୍

ଟୋକିଓ : ଭାରତ ଓ ଜାପାନ ମଧ୍ୟରେ ପ୍ରତିରକ୍ଷା ସହଯୋଗକୁ ଆହୁରି ମଜବୁତ କରିବାକୁ ହେବ ବଡ଼ ପ୍ରସ୍ତୁତି । ଏଥିପାଇଁ ଜାପାନ ଗସ୍ତରେ ଯାଉଛନ୍ତି ଭାରତର ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ ଏବଂ ବୈଦେଶିକ ମନ୍ତ୍ରୀ ଡ. ଏସ୍. ଜୟଶଙ୍କର । ଟୋକିଓରେ ଉଭୟ ଦେଶ ମଧ୍ୟରେ ଚତୁର୍ଥ '2+2' ବୈଠକ ଅନୁଷ୍ଠିତ ହେବ । ଏହି ଉଚ୍ଚସ୍ତରୀୟ ଆଲୋଚନାରେ ପ୍ରତିରକ୍ଷା ସହଯୋଗ, ସାମରିକ ଅଭ୍ୟାସ ଏବଂ ସମୁଦ୍ର ସୁରକ୍ଷା ଭଳି ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗକୁ ନେଇ ଚର୍ଚ୍ଚା ହେବ ।ପ୍ରତିରକ୍ଷା ମନ୍ତ୍ରଣାଳୟ ପକ୍ଷରୁ ମିଳିଥିବା ସୂଚନା ଅନୁସାରେ, ରାଜନାଥ ସିଂହଙ୍କ ଜାପାନ ଗସ୍ତ ନଭେମ୍ବର ୧୮ରୁ ଆରମ୍ଭ ହେବ । ସେ ନଭେମ୍ବର ୧୮ ଓ ୧୯ ତାରିଖରେ ଜାପାନର ବରିଷ୍ଠ ନେତାଙ୍କ ସହ ଦ୍ୱିପାକ୍ଷିକ ଆଲୋଚନା କରିବେ । ଏହି ବୈଠକରେ ରାଜନାଥ ସିଂହ ଓ ଡ. ଏସ୍. ଜୟଶଙ୍କର ଭାରତ ପକ୍ଷରୁ ସହ-ଅଧ୍ୟକ୍ଷତା କରିବେ । ଜାପାନ ପକ୍ଷରୁ ପ୍ରତିରକ୍ଷା ମନ୍ତ୍ରୀ ଶିଞ୍ଜିରୋ କୋଇଜୁମି ଏବଂ ବୈଦେଶିକ ମନ୍ତ୍ରୀ ତୋଶିମିତ୍ସୁ ମୋତେଗି ଏଥିରେ ସାମିଲ ହେବେ ।ରାଜନାଥ ସିଂହ ଓ ଜାପାନର ପ୍ରତିରକ୍ଷା ମନ୍ତ୍ରୀ ଶିଞ୍ଜିରୋ କୋଇଜୁମିଙ୍କ ମଧ୍ୟରେ ଚଳିତ ବର୍ଷ ଏହା ତୃତୀୟ ସାକ୍ଷାତ ହେବ । ଏହା ପୂର୍ବରୁ ଅଗଷ୍ଟ ୨୦୨୬ରେ ନୂଆଦିଲ୍ଲୀ ଏବଂ ଅକ୍ଟୋବର ୨୦୨୬ରେ ଫିଲିପାଇନ୍ସର ସେବୁଠାରେ ଆସିଆନ୍ ପ୍ରତିରକ୍ଷା ମନ୍ତ୍ରୀଙ୍କ ବୈଠକ ଅବସରରେ ଉଭୟ ନେତା ସାକ୍ଷାତ କରିଥିଲେ । ପୂର୍ବ ବୈଠକରେ ହୋଇଥିବା ଆଲୋଚନାକୁ ଆଗକୁ ବଢ଼ାଇ ପ୍ରତିରକ୍ଷା କ୍ଷେତ୍ରରେ ସହଯୋଗ ବୃଦ୍ଧି ଉପରେ ଏଥର ଗୁରୁତ୍ୱ ଦିଆଯିବ ।



ନେତୃତ୍ୱ ଏକ ମିଶନ ଶୀର୍ଷକ କର୍ମଶାଳା

ମୋଦୀଙ୍କ ନେତୃତ୍ୱ ଶିକ୍ଷା ଭବିଷ୍ୟତ ପାଇଁ ଉପଯୋଗୀ

ନୂଆଦିଲ୍ଲୀ : ନୀତି ଆୟୋଗ ପକ୍ଷରୁ ନୂଆଦିଲ୍ଲୀର ଭାରତ ମଣ୍ଡପମ୍‌ରେ 'ନେତୃତ୍ୱ ଏକ ମିଶନ ଶୀର୍ଷକ ପ୍ରଥମ ଜାତୀୟ କର୍ମଶାଳା ଆୟୋଜିତ ହୋଇଛି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ୨୫ ବର୍ଷର ନେତୃତ୍ୱ ଯାତ୍ରାରୁ ମିଳିଥିବା ଶିକ୍ଷା ଓ ଅଭିଜ୍ଞତାକୁ ଅଧ୍ୟୟନ କରି ଭବିଷ୍ୟତରେ ଶାସନ ବ୍ୟବସ୍ଥାରେ ଉପଯୋଗ କରିବା ଏହି କାର୍ଯ୍ୟକ୍ରମର ମୁଖ୍ୟ ଉଦ୍ଦେଶ୍ୟ। ଉଦ୍‌ଘାଟନୀ ଅଧିବେଶନରେ ପ୍ରଧାନମନ୍ତ୍ରୀଙ୍କ ପ୍ରମୁଖ ସଚିବ ଡକ୍ଟର ପି.କେ. ମିଶ୍ର ଅଭିଭାଷଣ ରଖିଥିଲେ। ପ୍ରଧାନମନ୍ତ୍ରୀ ୨୦୦୧ ଅକ୍ଟୋବରରେ ଗୁଜରାଟର ମୁଖ୍ୟମନ୍ତ୍ରୀ ଏବଂ ୨୦୧୪ ମେଦରେ ଦେଶର ପ୍ରଧାନମନ୍ତ୍ରୀ ଭାବେ ଦାୟିତ୍ୱ ଗ୍ରହଣ କରିଥିଲେ। ତାଙ୍କର ଏହି ନେତୃତ୍ୱ ଯାତ୍ରାରେ 'ଅନ୍ତ୍ୟୋଦୟ , 'ଜନଭାଗୀଦାରୀ ଏବଂ 'ସବକା ସାଥ୍, ସବକା ବିକାଶ, ସବକା ବିଶ୍ୱାସ, ସବକା ପ୍ରୟାସ ଭଳି ନୀତି ଶାସନ ବ୍ୟବସ୍ଥାକୁ ଦିଗଦର୍ଶନ ଦେଇଛି। ପାଞ୍ଚଟି ଜାତୀୟ କର୍ମଶାଳାର ଶୃଙ୍ଖଳାରେ ଏହା ପ୍ରଥମ। ଏହି କାର୍ଯ୍ୟକ୍ରମରେ ହେଉଥିବା ଆଲୋଚନା ଓ ଅଭିଜ୍ଞତାକୁ ଭବିଷ୍ୟତରେ ପ୍ରଶାସନିକ ତାଲିମ ପ୍ରତିଷ୍ଠାନ, ଶିକ୍ଷାନୁଷ୍ଠାନ ଓ ବିଶ୍ୱବିଦ୍ୟାଳୟଗୁଡ଼ିକ ପାଇଁ ଶିକ୍ଷଣ ସାମଗ୍ରୀ ଏବଂ କେସ୍ ଷ୍ଟଡି ଭାବେ ବିକଶିତ କରାଯିବ। ଏହା ୨୦୪୭ ସୁଦ୍ଧା ବିକଶିତ ଭାରତ ଗଠନ ପାଇଁ ନୀତି ପ୍ରଣୟନ ଓ ପ୍ରଶାସନିକ ରୂପରେଖ ପ୍ରସ୍ତୁତିରେ ସହାୟକ ହେବ। କର୍ମଶାଳାରେ ୯୦୦ରୁ ଅଧିକ ଅଂଶଗ୍ରହଣକାରୀ ଯୋଗ ଦେଇଥିବା ବେଳେ ୨୫୦ ଜଣ ପ୍ରତ୍ୟକ୍ଷ ଆଲୋଚନାରେ ସାମିଲ ହୋଇଥିଲେ। ଏଥିରେ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ବରିଷ୍ଠ ଅଧିକାରୀ, ଆକାଂକ୍ଷୀ ଜିଲ୍ଲାର ଜିଲ୍ଲାପାଳ, ଶିକ୍ଷାନୁଷ୍ଠାନର ଛାତ୍ରଛାତ୍ରୀ ଓ ବିଭିନ୍ନ ଯୋଜନାର ହିତାଧିକାରୀମାନେ ଯୋଗ ଦେଇଥିଲେ। ଏହି କାର୍ଯ୍ୟକ୍ରମ ଆଇଗଟ୍ କର୍ମଯୋଗୀ ପ୍ଲାଟଫର୍ମ ସହ ଦେଶର ବିଭିନ୍ନ ପ୍ରଶାସନିକ ତାଲିମ ପ୍ରତିଷ୍ଠାନରେ ସିଧାପ୍ରସାରଣ କରାଯାଇଥିଲା।

ଟ୍ରମ୍ପଙ୍କୁ ଅଦାଲତି ଝଟକା

ଭିସା ଅବଧି ନେଇ ବିଦେଶୀ ଛାତ୍ରଛାତ୍ରୀ ଆଶ୍ୱସ୍ତ

ୱାଶିଂଟନ : ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ପ୍ରଶାସନ ଦ୍ୱାରା ବିଦେଶୀ ଛାତ୍ର, ଗବେଷକ ଏବଂ ସାମ୍ବାଦିକଙ୍କୁ ନିଜ ନିଜ ଭିସାରେ ଦେଶରେ ରହିବାର ଅବଧି ସୀମିତ କରିବା ପାଇଁ ଏକ ପ୍ରସ୍ତାବକୁ ଆମେରିକୀୟ ସଂଘୀୟ ଅଦାଲତ ଖାରଜ କରିଦେଇଛନ୍ତି। ଆମେରିକାର ଗୃହ ସୁରକ୍ଷା ବିଭାଗ ଜୁଲାଇରେ ଏକ ନୀତି ପାଇଁ ପ୍ରସ୍ତାବ ଦେଇଥିଲା ଯାହାର ଲକ୍ଷ୍ୟ ଥିଲା ଯେ, ବିଦେଶୀ ଛାତ୍ରମାନଙ୍କୁ ସଂଘୀୟ ସରକାରଙ୍କ ଅନୁମୋଦନ ବିନା ଚାରି ବର୍ଷରୁ ଅଧିକ ସମୟ ପାଇଁ ଦେଶରେ ରହିବାରୁ ନିବୃତ୍ତ ରଖିବା।ତାଙ୍କ ରାୟରେ ବୋଷ୍ଟନ ଫେଡେରାଲ ବିଚାରପତି ଏଫ. ଡେନିସ୍ ସେଲର୍ ଗୃହ ସୁରକ୍ଷା ବିଭାଗ ପ୍ରସ୍ତାବକୁ ମନମୁଖୀ, ବିବେକହୀନ, କ୍ଷମତାର ଅପବ୍ୟବହାର ଏବଂ ଆଇନର ବିରୋଧ ବୋଲି କହି ଖାରଜ କରିଦେଇଛନ୍ତି। ପ୍ରସ୍ତାବିତ



ନିୟମରେ ଆମେରିକାରେ ବିଦେଶୀ ସାମ୍ବାଦିକଙ୍କ ରହଣି ସମୟକୁ କିଛି ବର୍ଷରୁ ୨୪୦ ଦିନକୁ ଏବଂ ଚୀନ୍ ସାମ୍ବାଦିକଙ୍କ ପାଇଁ ୯୦ ଦିନକୁ ହ୍ରାସ କରାଯିବାର ଯୋଜନା ଥିଲା। ଏହି ପ୍ରସ୍ତାବରେ ଅଧ୍ୟୟନ କିମ୍ବା ଇଚ୍ଛାଧୀନ ବ୍ୟବହାରିକ ତାଲିମ ସମାପ୍ତ ହେବା ପରେ ଦେଶ ଛାଡ଼ିବା ପାଇଁ ଗ୍ରେସ୍ ପିରିୟଡ୍ ୬୦ ଦିନରୁ ୩୦ ଦିନକୁ ହ୍ରାସ କରାଯାଇଥିଲା। ଭାଷା ପାଠ୍ୟକ୍ରମ ପାଇଁ ଛୁଟି ଏବଂ ଛୁଟି ସମେତ ଦେଶରେ ରହଣିର ମୋଟ ଅବଧି ୨୪ ମାସ ପର୍ଯ୍ୟନ୍ତ ସୀମିତ ରଖିବାକୁ ପ୍ରସ୍ତାବ ଦିଆଯାଇଥିଲା।ଫାଉଣ୍ଡେସନ୍ ଫର୍ ଇଣ୍ଡିଆ ଆଣ୍ଡ ଇଣ୍ଡିଆନ୍ ଡାଏସ୍ପୋରା ଷ୍ଟଡିଜ୍ ଫେଡେରାଲ୍ କୋର୍ଟଙ୍କ ଆଦେଶକୁ ସ୍ୱାଗତ କରିଛି। କୋର୍ଟ ପୁଣି ଥରେ ଅନ୍ତର୍ଜାତୀୟ ଛାତ୍ରଙ୍କ ସାହାଯ୍ୟ ପାଇଁ ଆଗକୁ ଆସିଛନ୍ତି ଏବଂ ଏପରି ରାୟ ପ୍ରଦାନ କରି, ଆମେରିକୀୟ ବିଜ୍ଞାନ, ପ୍ରଯୁକ୍ତିବିଦ୍ୟା, ଗବେଷଣା ଏବଂ ନବସୃଜନର ଭବିଷ୍ୟତକୁ ସୁରକ୍ଷା ଦେବାରେ ସାହାଯ୍ୟ କରିଥିବା ଫାଉଣ୍ଡେସନ୍ ଫର୍ ଇଣ୍ଡିଆ ଆଣ୍ଡ ଇଣ୍ଡିଆନ୍ ଡାଏସ୍ପୋରା ଷ୍ଟଡିଜ୍ର ସଭାପତି ଏବଂ ନୀତି ତଥା ରଣନୀତି ମୁଖ୍ୟ ଖଣ୍ଡେରାଓ କାଣ୍ଡ କହିଛନ୍ତି।

ରୁଷରେ ବିମାନ ଦୁର୍ଘଟଣା ; ୧୭ ମୃତ

ମସ୍କୋ: ରୁଷର କେମେରୋଭୋ ଅଞ୍ଚଳରେ ଏକ ବିବାନ ଏଏନ୍-୧୨ ଦୁର୍ଘଟଣାଗ୍ରସ୍ତ ହୋଇଛି, ଯେଉଁଥିରେ ୧୭ ଜଣ ଲୋକଙ୍କର ମୃତ୍ୟୁ ଘଟିଛି। ପ୍ରତ୍ୟକ୍ଷଦର୍ଶୀ ଏବଂ ସ୍ଥାନୀୟ ଗଣମାଧ୍ୟମର ରିପୋର୍ଟ ଅନୁସାରେ ବିମାନ ଉଡ଼ାଣ ସମୟରେ ମଝି ଆକାଶରେ ଅଚାନକ ନିଆଁ ଲାଗି ଯାଇଥିଲା। ଏହା ପରେ ବିମାନଟି ଆକାଶରୁ ଖସି ପଡ଼ି ମାଟି ଉପରେ ପଡ଼ିଥିଲା। ବିମାନଟି ମାଟି ଉପରେ ଖସିପଡ଼ିବା ପରେ ଏକ ବଡ଼ ବିସ୍ଫୋରଣ ଘଟିଥିଲା। ଦୁର୍ଘଟଣା ଏତେ ଭୟଙ୍କର ଥିଲା ଯେ, ବିମାନରେ ଥିବା କୌଣସି ବ୍ୟକ୍ତିଙ୍କୁ ଜୀବିତ ଉଦ୍ଧାର କରାଯାଇ ପାରିଲା ନାହିଁ। ରୁଷ ଗଣମାଧ୍ୟମର ରିପୋର୍ଟ ଅନୁସାରେ କେମୋରୋଭୋ ଅଞ୍ଚଳର ଗଭର୍ଣ୍ଣର ଇଲ୍ୟା ସେରେଡ୍ୟୁକ ସ୍ଥାନୀୟ ସମୟ ରାତି ୯ଟା ୩୦ରେ ଦୁର୍ଘଟଣା ସଂପର୍କିତ ସୂଚନା ପ୍ରଦାନ କରିଛନ୍ତି। ବିମାନରେ ନିଆଁ ଲାଗି ଯାଇଥିଲା ଏବଂ କ୍ରୁ ସଦସ୍ୟ ଜଳନ୍ତା ବିମାନକୁ ଜନବସତି ଠାରୁ ଦୂରରେ ଥିବା ସ୍ଥାନରେ ଅବତରଣ କରିବା ପାଇଁ ଉଦ୍ୟମ କରିଥିଲେ। ସେ ଚାହୁଁଥିଲେ ଜନସାଧାରଣଙ୍କ ଧନଜୀବନ ନଷ୍ଟ ନହେଉ। ଏହି ବିମାନଟି ସାଇବେରିଆର ନୋଭୋସିବିର୍ସ୍କରୁ କ୍ରାସ୍ନୋୟାର୍ସ୍କ କ୍ରାଇର କାଂସକ ଅଭିମୁଖେ ଯାଉଥିଲା।

ଆବିଷ୍କୃତ ହେଲା ନୂତନ କିଟନାଶକ "ପିଓକ୍ସାଜୋନ୍'

ନୂଆଦିଲ୍ଲୀ : ଭାରତରେ ଆବିଷ୍କୃତ ପ୍ରଥମ କୀଟନାଶକ ଅଣୁ "ପିଓକ୍ସା

ଆଇପିଏଲରୁ ଥାଲାଙ୍କ ଅବସର

ଅବସର ନିଷ୍ପତ୍ତି ଶୁଣି ସ୍ତବ୍ଧ ହୋଇଗଲେ ସିଏସକେ କର୍ତ୍ତୃପକ୍ଷ, ୨୦୨୬ରେ ନୂଆ ଭୂମିକାରେ ନଜର ଆସିବେ 'ଥାଲା'



ଚେନ୍ନାଇ, ୧୭।୧୧(ଏଜେନ୍ସି) : ଭାରତୀୟକ୍ରିକେଟର ଅନ୍ୟତମ ମହାନ ଅଧିନାୟକ ମହେନ୍ଦ୍ର ସିଂହ ଧୋନିଙ୍କ ଆଇପିଏଲ୍ ଖେଳାଳି ଜୀବନରେ ପଡ଼ିଛି ଯବନିକା। ଦୀର୍ଘ ୧୯ ବର୍ଷର ଆଇପିଏଲ୍ ଯାତ୍ରାରେ ପୂର୍ଣ୍ଣଚ୍ଛେଦ ପକାଇଛନ୍ତି ଏହି କିମ୍ବଦନ୍ତୀ କ୍ରିକେଟର। ତେବେ ତାଙ୍କ ଅବସର ଘୋଷଣା କରିବାର ଶୈଳୀ ଏବେ କ୍ରିକେଟ୍ ମହଲରେ ବେଶ୍ ଚର୍ଚ୍ଚାର ବିଷୟ ହୋଇଛି। କୌଣସି ବଡ଼ ଘୋଷଣା କିମ୍ବା ଭାବପ୍ରବଣ ବିଦାୟୀ ଭାଷଣ ନୁହେଁ, ବରଂ ମାତ୍ର କେଇଟି ଶବ୍ଦରେ ସେ ଚେନ୍ନାଇ ସୁପର କିଙ୍ଗ୍ସ (ସିଏସକେ)କୁ ନିଜ ନିଷ୍ପତ୍ତି ଜଣାଇଥିଲେ। ସିଏସ୍କେର ମାଲିକାଣୀ ରୂପା ଗୁରୁନାଥ ଏକ ଭାବପ୍ରବଣ ଭିଡିଓ ବାର୍ତ୍ତାରେ ଧୋନିଙ୍କ ଅବସର ପଛର କାହାଣୀ ସାମ୍ନାକୁ ଆଣିଛନ୍ତି। ଶନିବାର ଦଳର ଖେଳାଳିଙ୍କୁ ରଖିବା ଓ ଛାଡ଼ିବା ସମ୍ପର୍କରେ ଏକ ଭିଡିଓ ବୈଠକ ଚାଲିଥିଲା। ଆଗାମୀ ଆଇପିଏଲ୍ ପାଇଁ ଦଳର ରଣନୀତି ଏବଂ ନୂଆ ଖେଳାଳି ଚୟନକୁ ନେଇ ଆଲୋଚନା ହେଉଥିଲା। ବୈଠକର ଶେଷ ଭାଗରେ ସିଏସ୍କେର ମୁଖ୍ୟ କାର୍ଯ୍ୟନିର୍ବାହୀ କାଶୀ ବିଶ୍ୱନାଥନ ଦଳରୁ ବାଦ୍ ପଡ଼ିବାକୁ ଥିବା ଖେଳାଳିଙ୍କ ତାଲିକା ପଢୁଥିଲେ। ଏହି ସମୟରେ ଧୋନି ଅତି ଶାନ୍ତ ଭାବରେ କହିଥିଲେ, 'ବୋଧହୁଏ ଏଥିରେ ମୋ ନାଁ ମଧ୍ୟ ଯୋଡ଼ିଦେବା ଉଚିତ।' ଧୋନିଙ୍କ ଏହି କଥା ଶୁଣି ବୈଠକରେ ଉପସ୍ଥିତ ସମସ୍ତେ ସ୍ତବ୍ଧ ହୋଇଯାଇଥିଲେ। ଏପରିକି ହଠାତ୍ ଭିଡିଓ କଲ୍ ମଧ୍ୟ ବନ୍ଦ ହୋଇଯାଇଥିଲା ବୋଲି ରୂପା କହିଛନ୍ତି। ସେ କହିଛନ୍ତି, ଧୋନିଙ୍କ ଏହି କଥା ପରେ ମୁଁ ପୁଣି ଥରେ ସମସ୍ତଙ୍କୁ ଫୋନ୍ରେ ଯୋଡ଼ିଥିଲି। ମଜାଳିଆ ଢଙ୍ଗରେ କହିଥିଲି, ଆସନ୍ତା ସିଜନ୍ରେ ଧୋନି ଖେଳିବେ ନାହିଁ ବୋଲି ଇଣ୍ଟରନେଟ୍ ମଧ୍ୟ ସହିପାରିଲା ନାହିଁ। ରୂପାଙ୍କ କହିବା ଅନୁଯାୟୀ, କିଛି ମାସ ପୂର୍ବରୁ ଧୋନି ତାଙ୍କୁ ଭେଟିବା ସମୟରେ ଆଗାମୀ ଆଇପିଏଲର ଖେଳିବା ନେଇ ନିଶ୍ଚିତ ନଥିବା କହିଥିଲେ। ତେବେ ତାଙ୍କର ଶେଷ ନିଷ୍ପତ୍ତି ସିଏସ୍କେ ପରିବାର ପାଇଁ ଏକ ଭାବପ୍ରବଣ ମୁହୂର୍ତ୍ତ ଥିଲା। ରୂପା କହିଛନ୍ତି, ଧୋନି ଏପରି ଜଣେ ଖେଳାଳି, ଯିଏ ଦଳକୁ ନିଜର ଶତପ୍ରତିଶତ ଦେଇପାରିବେ ନାହିଁ ବୋଲି ଅନୁଭବ କଲେ ଖେଳିବାକୁ ଚାହାନ୍ତି ନାହିଁ। ଦଳର ପ୍ରଦର୍ଶନରେ ବାଧା ସୃଷ୍ଟି କରିବା ପରିବର୍ତ୍ତେ ସେ ନିଜଆଡୁ ଓହରିଯିବାକୁ ପସନ୍ଦ କରନ୍ତି। ୨୦୨୬ରେ ମେଣ୍ଟର ଭୂମିକାରେ ଧୋନି ଅବସର ପରେ ମଧ୍ୟ ସିଏସ୍କେ ସହ ଧୋନିଙ୍କ ସମ୍ପର୍କ ଅତୁଟ ରହିବ। ଆଗାମୀ ୨୦୨୬ ଆଇପିଏଲ୍ରେ ସେ ଦଳର ମେଣ୍ଟର ଭାବେ ନୂଆ ଦାୟିତ୍ୱ ତୁଲାଇବେ। ଯୁବ ଖେଳାଳିଙ୍କୁ ମାର୍ଗଦର୍ଶନ କରିବା ସହ ପଡ଼ିଆ ଭିତରେ ଓ ବାହାରେ ନିଜର ଅଭିଜ୍ଞତା ବାଣ୍ଟିବେ। ୨୦୦୮ରେ ଆଇପିଏଲର ପ୍ରଥମ ସଂସ୍କରଣରୁ ଧୋନି ସିଏସ୍କେ ସହ ଯୋଡ଼ି ହୋଇଥିଲେ। ତାଙ୍କ ନେତୃତ୍ୱରେ ଚେନ୍ନାଇ ୨୦୧୦, ୨୦୧୧, ୨୦୧୮, ୨୦୨୧ ଓ ୨୦୨୩ରେ ଆଇପିଏଲ୍ ଟ୍ରଫି ଜିତିଥିଲା। ଏହା ସହ ଦଳ ଦୁଇଥର ଚାମ୍ପିଅନ୍ସ ଲିଗ୍ ଟି-୨୦ ଟାଇଟଲ୍ ମଧ୍ୟ ହାସଲ କରିଥିଲା। ଧୋନି ନିଜ ଆଇପିଏଲ୍ ଖେଳାଳି ଜୀବନରେ ୨୬୮ଟି ମ୍ୟାଚ୍ ଖେଳି ୫୪୩୯ ରନ୍ କରିଛନ୍ତି। ଏଥିରେ ୨୪ଟି ଅର୍ଦ୍ଧଶତକ ଓ ୨୬୪ଟି ଛକା ସାମିଲ। ଚେନ୍ନାଇ ପାଇଁ ତାଙ୍କର ଅବଦାନ କେବଳ ରନ୍ କିମ୍ବା ଟ୍ରଫି ମଧ୍ୟରେ ସୀମିତ ନୁହେଁ। ତାଙ୍କ ଶାନ୍ତ ସ୍ୱଭାବ, ରଣନୀତି ଓ ଚାପରେ ନିଷ୍ପତ୍ତି ନେବାର କ୍ଷମତା ଦଳକୁ ଏକ ସ୍ୱତନ୍ତ୍ର ପରିଚୟ ଦେଇଛି। ସିଏସ୍କେ ପକ୍ଷରୁ ଧୋନିଙ୍କୁ ବିଦାୟ ଦେବା ସହ ନୂଆ ଭୂମିକାରେ ସ୍ୱାଗତ କରାଯାଇଛି। ହଳଦିଆ ଜର୍ସିରେ ତାଙ୍କର ହେଲିକପ୍ଟର ସଟ୍, ବିଜୁଳି ବେଗର ଷ୍ଟମ୍ପିଂ ଓ ଶାନ୍ତ ଅଧିନାୟକତ୍ୱକୁ ଆଉ ଖେଳାଳି ଭାବେ ଦେଖିବାକୁ ମିଳିବନି। କିନ୍ତୁ ମେଣ୍ଟର ଭାବେ ତାଙ୍କ ଅଭିଜ୍ଞତା ଚେନ୍ନାଇର ନୂଆ ପିଢ଼ି ପାଇଁ ନିଶ୍ଚିତ ଭାବେ ମୂଲ୍ୟବାନ ହେବ।

ଏସିଆନ ମଡର୍ଣ୍ଣ ପେଣ୍ଟାଥଲନ

୧୩ ପଦକ ଜିତିଲେ ଓଡିଶା ପ୍ରତିଯୋଗୀ

ଭୁବନେଶ୍ୱର, ୧୭।୧୧(ସବ୍ୟୁ) : ଅନ୍ତର୍ଜାତୀୟ କ୍ରୀଡା ମଞ୍ଚରେ ଆଉ ଏକ ଗୌରବ ଯୋଡି ହୋଇଛି। ଏସିଆନ ମହର୍ଣ୍ଣ ପେଣ୍ଟାଥଲନ ଚାମ୍ପିଅନସିପରେ ଭାରତୀୟ ଦଳରେ ସ୍ଥାନ ପାଇଥିବା ଓଡିଶାର ୭ ଜଣ ଖେଳାଳି ୧୩ ଟି ପଦକ ଜିତିଛନ୍ତି। ଏଥିରେ ୭ ଟି ସ୍ୱର୍ଣ୍ଣ, ୫ଟି ରୌପ୍ୟ ଏବଂ ଗୋଟିଏ ବ୍ରୋଞ୍ଜ୍ ପଦକ ରହିଛି। ଚଳିତ ମାସ ୧୦ ରୁ ୧୬ ତାରିଖ ପର୍ଯ୍ୟନ୍ତ ୟୁଏଇରେ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏହି ଚାମ୍ପିଅନସିପରେ ବାଇଥେଲ, ଟ୍ରାଇଥେଲ ଓ ଲେଜର ରନ୍ ଭଳି ବିଭାଗରେ ଖେଳାଳିମାନେ ଅଂଶଗ୍ରହଣ କରି ଏହି ସଫଳତା ପାଇଛନ୍ତି। ଓଡିଶାର ରାଇଗୁରୁ ସୂର୍ଯ୍ୟାଂଶ ମହାପାତ୍ର ସର୍ବାଧିକ ୪ ଟି



ପଦକ, ପ୍ରଣବ ଦାସ ୩ ଟି ରୌପ୍ୟ, ମହମ୍ମଦ ଅମନ ଦୁଇଟି ରୌପ୍ୟ, ପୂଜା ବେହେରା ଗୋଟିଏ ସ୍ୱର୍ଣ୍ଣ ଏବଂ ଆରଭଚିଦାନନ୍ଦ ସ୍ୱାଇଁ ଦୁଇଟି ସ୍ୱର୍ଣ୍ଣ ଓ ଗୋଟିଏ ବ୍ରୋଞ୍ଜ ପଦକ ହାସଲ କରିଛନ୍ତି। ଓଡିଶା ପକ୍ଷରୁ ୭ ଜଣ ଖେଳାଳି ଯଥା ପ୍ରଣବ ଦାସ, ମହମ୍ମଦ ଅମନ, ଅମୀୟ କୁମାର ପ୍ରଧାନ, ଆରଭଚିଦାନନ୍ଦ ସ୍ୱାଇଁ, ଦେବାଂଶ ଦେବ ପଣ୍ଡା, ରାୟଗୁରୁ ସୂର୍ଯ୍ୟାଂଶ ମହାପାତ୍ର, ପୂଜା ବେହେରା ତଥା କୋଚ୍ ଭାବେ ମହମ୍ମଦ ଆଜମ୍ ଦଳ ସହ ଯାଇଥିଲେ। ପଦକ ସଫଳତା ପରେ ଭୁବନେଶ୍ୱର ଫେରିଥିବା ଓଡିଆ ଖେଳାଳି ଓ କୋଚଙ୍କୁ ବିମାନ ବନ୍ଦରରେ ଭବ୍ୟ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଥିଲା। ଖେଳାଳିଙ୍କ ପରିବାର ସଦସ୍ୟ ଓବହୁ କ୍ରୀଡା ପ୍ରେମୀ ଉପସ୍ଥିତ ରହି କୋଚ୍ ଓ ଖେଳାଳିଙ୍କୁ ଉତ୍ତରୀୟ , ଫୁଲ ତୋଡା ଦେଇ ସମ୍ବର୍ଦ୍ଧିତ କରିଥିଲେ। ଦୁଲୁଦୁଲି ବାଜା ମାହୋଲକୁ ଆହୁରା ଭବ୍ୟ କରିଥିଲା। ଖେଳାଳିଙ୍କ ଘର ଲେଉଟାଣୀ ଓ ସ୍ୱାଗତ କରିବା ପାଇଁ ବହୁ କ୍ରୀଡା ପ୍ରେମୀ ବିମାନ ବନ୍ଦରରେ ଉପସ୍ଥିତ ଥିଲେ। କୋଚ୍ ମହମ୍ମଦ ଆଜମ୍ କହିଛନ୍ତି ରାଜ୍ୟ ସରକାରଙ୍କ ଖୋଲା ସମର୍ଥନ ତଥା କ୍ରୀଡା ବିଭାଗ ଓ କ୍ରୀଡା ମନ୍ତ୍ରୀଙ୍କ ସହାୟତା ପାଇଁ ଆମ ପ୍ରତିଯୋଗୀ ବିଦେଶରେ ଆଶାଠୁ ଅଧିକ ପଦକ ସଫଳତା ହାସଲ କରିଛନ୍ତି। ଦୀର୍ଘ ୪ ମାସ ହେବ ଆମେ କଳିଙ୍ଗ ଷ୍ଟାଡିୟମରେ ଏସିଆନ୍ ମଡର୍ଣ୍ଣ ପେଣ୍ଟାଥଲନ ଚାମ୍ପିଅନସିପ୍ ପାଇଁ ପ୍ରସ୍ତୁତ ହୋଇଥିଲୁ। ଏହାର ସଫଳତା ୧୩ ଟି ପଦକରେ ପ୍ରତିଫଳିତ ହେଉଛି। ଆଗକୁ ଏକାଧିକ ବଡ ପ୍ରତିଯୋଗିତା ରହିଛି। ଦିନେ ଦୁଇଦିନର ବିଶ୍ରାମ ପରେ ପୁଣି ଅଭ୍ୟାସ ମଇଦାନକୁ ସବୁ ଖେଳାଳି ଫେରିବେ। ପଦକ ଓ ଖେଳାଳିଙ୍କ ସଂଖ୍ୟା ଆଗକୁ ଆହୁରା ବଢିବ ବୋଲି କୋଚ୍ ମହମ୍ମଦ ଆଜମ୍ ଆଶାବ୍ୟକ୍ତ କରିଛନ୍ତି।

ତୀରନ୍ଦାଜୀ ପ୍ରତିଯୋଗିତାରେ ବ୍ରୋଞ୍ଜ ଜିତିଲେ ଓଟିଏଏଚପିସିର ଅର୍ଜୁନ

ଭୁବନେଶ୍ୱର: ୧୭।୧୧ସବ୍ୟୁ) : ମାଲକାନଗିରି ଜିଲ୍ଲାର ଏକ ଦୁର୍ଗମ ତଥା ମାଓ ଅଧ୍ୟୁଷିତ ଆଦିବାସୀ ଗାଁ 'ଜନ୍ତା'ର ଅର୍ଜୁନ ଖରାଙ୍କ ପାଇଁ ଓଡ଼ିଶା କ୍ରୀଡା ଇତିହାସରେ ଯୋଡ଼ି ହୋଇଛି ନୂଆ ଅଧ୍ୟାୟ। ମେଘାଳୟର ଶିଲଂଠାରେ ଆୟୋଜିତ୪୬ତମ ଏନଟିପିସି ସିନିୟର ନ୍ୟାସନାଲତୀରନ୍ଦାଜୀ ପ୍ରତିଯୋଗିତାରେଓଡ଼ିଶା ଟାଟା ଆର୍ଚେରୀ ହାଇ-ପରଫର୍ମାନ୍ସ ସେଣ୍ଟରର କ୍ୱାଡେଟ ଅର୍ଜୁନ ଖରା ବ୍ରୋଞ୍ଜ ପଦକ ହାସଲ କରିଛନ୍ତି।ସିନିୟରନ୍ୟାସନାଲ ଚାମ୍ପିୟନସିପ୍ର ବାଳକ ରିକର୍ଭ ବିଭାଗରେ ଓଡ଼ିଶା ପ୍ରଥମ ପଦକ ଜିତିଛି।ନଭେମ୍ବର ୧୧ରୁ ଆରମ୍ଭ ହୋଇଥିବା ଏହି ପ୍ରତିଯୋଗିତା ଆସନ୍ତା ୧୮ ତାରିଖ ପର୍ଯ୍ୟନ୍ତ ଚାଲିବ। ଏହି ପ୍ରତିଯୋଗିତାର ରିକର୍ଭ ଇଭେଣ୍ଟରେ ଅର୍ଜୁନ ମୋଟ ୬୭୪ ପଏଣ୍ଟ ସ୍କୋର କରି ତୃତୀୟସ୍ଥାନ ଅଧିକାର କରିଛନ୍ତି। ଏହି ବିଭାଗରେ ସର୍ଭିସେସ୍ର ଧୀରଜ ବୋମ୍ମାଦେବରା ୬୮୦ ପଏଣ୍ଟ ସ୍କୋର କରି ସ୍ୱର୍ଣ୍ଣ ଏବଂ ମହାରାଷ୍ଟ୍ରର ପାର୍ଥ ସୁଶାନ୍ତ ସାଉଙ୍ଗେ ୬୭୯ ପଏଣ୍ଟ ସ୍କୋର କରି ରୌପ୍ୟ ପଦକ ଜିତିଛନ୍ତି। ୨୦୦୩ ମସିହାରେ ଜନ୍ମଗ୍ରହଣ କରିଥିବା ଅର୍ଜୁନଙ୍କ ବାପା ଭଗବାନ ଖରା ଜଣେ ଚାଷୀ ଏବଂ ମାଆ ମୁକ୍ତା ଖରା ଜଣେ ଗୃହିଣୀ। ଜନ୍ତା ଭଳି ଏକ ମାଓ ଅଧ୍ୟୁଷିତ ଗାଁରେ ଅର୍ଜୁନଙ୍କ ଜନ୍ମ। ଅନେକ ଆର୍ଥିକ ଅନଟନ ଭିତରେ ବଢ଼ିଥିବା ଅର୍ଜୁନଙ୍କୁ ପିଲାବେଳୁ ଆଦିବାସୀ ସମ୍ପ୍ରଦାୟର ପାରମ୍ପରିକ ଧନୁତୀର ଚାଳନାବେଶ୍ଆକର୍ଷିତ କରିଥିଲା। ହେଲେ ଶିକାର ପରିବର୍ତ୍ତେ ଏହାଦ୍ୱାରାନିଜର ଓ ନିଜ ଅଞ୍ଚଳର ନୂତନ ପରିଚୟ ସୃଷ୍ଟି କରିବା ପାଇଁ ସେ ନିଷ୍ପତ୍ତି ନେଇଥିଲେ। ୨୦୧୨ରେ ମାଲକାନଗିରି ସ୍ପୋର୍ଟସ୍ ନର୍ସରୀରୁ ଅର୍ଜୁନ ନିଜର ପ୍ରଶିକ୍ଷଣ ଆରମ୍ଭ କରିଥିଲେ। ଏହାପରେ ୨୦୧୪ରେ କେନ୍ଦୁଝର ସ୍ପୋର୍ଟସ୍ ହଷ୍ଟେଲ ଏବଂ ୨୦୨୨ରେ କୋରାପୁଟ ସ୍ପୋର୍ଟସ୍ ହଷ୍ଟେଲରେ ରହି ଅଭ୍ୟାସ ଜାରି ରଖିଥିଲେ। ଉନ୍ନତ ଉପକରଣ ଓ ବୈଷୟିକ ପ୍ରଶିକ୍ଷଣ ଅଭାବରୁ ତାଙ୍କୁ ଅନେକ ଆହ୍ୱାନର ସାମ୍ନା କରିବାକୁ ପଡୁଥିଲା। ୨୦୨୪ ମସିହାରେ ଓଡ଼ିଶା ସରକାର ଏବଂ ଟାଟା ଷ୍ଟିଲ୍ ମିଳିତ ଉଦ୍ୟମରେ କେନ୍ଦୁଝରଠାରେ ପ୍ରତିଷ୍ଠିତ 'ଓଡ଼ିଶା ଟାଟା ଆର୍ଚେରୀ ହାଇ-ପରଫର୍ମାନ୍ସ ସେଣ୍ଟର' (ଓଟିଏଏଚପିସି)ରେ ଯୋଗଦେବା ପରେ ତାଙ୍କ ପ୍ରଶିକ୍ଷଣରେ ବଡ଼ ପରିବର୍ତ୍ତନ ଆସିଥିଲା। ସେଠାରେ ମିଳିଥିବା ଅନ୍ତର୍ଜାତୀୟମାନର ଉପକରଣ, ବିଶେଷଜ୍ଞଙ୍କ ଦ୍ୱାରା କୋଚିଂ, ଫିଟ୍ନେସ୍ ଏବଂ ପୁଷ୍ଟିକର ଖାଦ୍ୟଯୋଗାଣତାଙ୍କୁ ଜାତୀୟସ୍ତରରେ ପଦକ ଜିତିବା ପାଇଁ ପ୍ରସ୍ତୁତ କରିଥିଲା।

କିଟରେ ଆରମ୍ଭ ହେଲା ଅସ୍ମିତା ରଗବୀ ରାଜ୍ୟସ୍ତରୀୟ ପ୍ରତିଯୋଗିତା

ଭୁବନେଶ୍ୱର, ୧୭।୧୧(ସବ୍ୟୁ) : ମହିଳା ରଗ୍ବୀ ଖେଳାଳିଙ୍କ ପ୍ରତିଭା ଅନ୍ୱେଷଣ ଓ କ୍ରୀଡ଼ା ଦକ୍ଷତାର ବିକାଶ ଲକ୍ଷ୍ୟରେ କିଟ୍ ରାହୁଲ ବୋଷ ରଗ୍ବୀ ଷ୍ଟାଡିୟମରେ ମଙ୍ଗଳବାରଠାରୁ ଆରମ୍ଭ ହୋଇଛି ଅସ୍ମିତା ରଗ୍ବୀ ରାଜ୍ୟସ୍ତରୀୟ ପ୍ରତିଯୋଗିତା-୨୦୨୬। ଓଡ଼ିଶା ରଗ୍ବୀ ଫୁଟବଲ୍ ସଂଘ ଆନୁକୂଲ୍ୟରେ ଆୟୋଜିତ ଏହି ଦୁଇଦିନିଆ ପ୍ରତିଯୋଗିତାରେ ରାଜ୍ୟର ୧୦ଟି ଜିଲ୍ଲାରୁ ୨୪୦ ଖେଳାଳି ଅଂଶଗ୍ରହଣ କରିଛନ୍ତି। ନଭେମ୍ବର ୧୭ ଓ ୧୮ ତାରିଖରେ ହେବାକୁ ଥିବା ଏହି ଚାମ୍ପିଅନସିପରେ ସିନିୟର ମହିଳା ଏବଂ ୧୮ ବର୍ଷରୁ କମ୍ ବାଳିକା ବର୍ଗରେ ପ୍ରତିଯୋଗିତା ହେଉଛି। ଓଡ଼ିଶା ଅଲିମ୍ପିକ୍ ସଂଘର ସଭାପତି ସମୀର ରଞ୍ଜନ ମହାନ୍ତି ଏହି ପ୍ରତିଯୋଗିତାକୁ ଉଦ୍ଘାଟିତ କରିଥିଲେ। ଉଦ୍ଘାଟନୀ ସମାରୋହରେ ଓଡ଼ିଶା ରଗ୍ବୀ ଫୁଟବଲ୍ ସଂଘର ସଭାପତି ପ୍ରିୟଦର୍ଶିନୀ ମିଶ୍ର, ଉପସଭାପତି ଉପେନ୍ଦ୍ର କୁମାର ମହାନ୍ତି, କିଟ୍ ଓ କିସର କ୍ରୀଡ଼ା ଓ ଯୋଗ ମହାନିର୍ଦ୍ଦେଶକ ଡ. ଗଗନେନ୍ଦୁ ଦାଶ, କିସ୍ ବିଶ୍ୱବିଦ୍ୟାଳୟର ଯୁଗ୍ମ ନିର୍ଦ୍ଦେଶକ (କ୍ରୀଡ଼ା) ରୁଦ୍ରକେଶ ଜେନା ଏବଂ ଓଡ଼ିଶା ରଗ୍ବୀ ଫୁଟବଲ୍ ସଂଘର ସାଧାରଣ ସମ୍ପାଦକ ସୁଶାନ୍ତ ସାହୁ ଉପସ୍ଥିତ ଥିଲେ। ଏହି ପ୍ରତିଯୋଗିତାରେ ଖୋର୍ଦ୍ଧା, ଭୁବନେଶ୍ୱର, ଜଗତସିଂହପୁର, ମୟୂରଭଞ୍ଜ,



କେନ୍ଦୁଝର, ଭଦ୍ରକ, ଯାଜପୁର, କନ୍ଧମାଳ, ସୁବର୍ଣ୍ଣପୁର ଓ ବାଲେଶ୍ୱର ଜିଲ୍ଲାର ଖେଳାଳିମାନେ ଭାଗ ନେଇଛନ୍ତି। ଖେଳାଳିଙ୍କ ସହ ୫୦ ଜଣ ଅଧିକାରୀ ଓ ସ୍ୱେଚ୍ଛାସେବୀ ମଧ୍ୟ ପ୍ରତିଯୋଗିତାର ସୁପରିଚାଳନାରେ ସାମିଲ ହୋଇଛନ୍ତି। ରାଜ୍ୟର ମହିଳା ରଗ୍ବୀ ଖେଳାଳିଙ୍କୁ ନିଜର ଦକ୍ଷତା ପ୍ରଦର୍ଶନ ସହ ପ୍ରତିଯୋଗିତାମୂଳକ ଅଭିଜ୍ଞତା ହାସଲ କରିବାର ଏହା ଏକ ଗୁରୁତ୍ୱପୂର୍ଣ୍ଣ ମଞ୍ଚ। ବିଶେଷକରି ତୃଣମୂଳ ସ୍ତରରୁ ବାଳିକାମାନଙ୍କୁ ରଗ୍ବୀ ପ୍ରତି ଆକର୍ଷିତ କରିବା, ସେମାନଙ୍କ ମଧ୍ୟରେ ଖେଳୁଆଡ଼ ମନୋଭାବ ଓ ଆତ୍ମବିଶ୍ୱାସ ବୃଦ୍ଧି କରିବା ଏହି ଆୟୋଜନର ମୁଖ୍ୟ ଉଦ୍ଦେଶ୍ୟ। ମହିଳା ସଶକ୍ତୀକରଣ ଓ କ୍ରୀଡ଼ାର ବିକାଶ ପାଇଁ ଦୂରଦୃଷ୍ଟି ଏବଂ ନେତୃତ୍ୱ ଯୋଗାଇ ଆସୁଥିବା ଓଡ଼ିଶାର ମୁଖ୍ୟମନ୍ତ୍ରୀ ଓ ଭାରତର ପ୍ରଧାନମନ୍ତ୍ରୀଙ୍କ ପ୍ରତି ଆୟୋଜକ ସଂଘ କୃତଜ୍ଞତା ଜଣାଇଛି। କ୍ରୀଡ଼ା ମାଧ୍ୟମରେ ବିକଶିତ ଭାରତର ପରିକଳ୍ପନାକୁ ସାକାର କରିବା ସହ ମହିଳା ଓ ବାଳିକାଙ୍କ ଅଧିକ ଅଂଶଗ୍ରହଣ ଉପରେ ଗୁରୁତ୍ୱ ଦିଆଯାଇଛି।

ବଦଳିଲା ସାମିଙ୍କ ଠିକଣା

ନୂଆଦିଲ୍ଲୀ, ୧୭।୧୧(ଏଜେନ୍ସି) : ଆଇପିଏଲ ୨୦୨୬ ମିନି ନିଲାମ ପୂର୍ବରୁ ବଡ ଧରଣର ଅଦଳବଦଳ ଜାରି ରହିଛି। ଦ୍ରୁତ ବୋଲର ମହମ୍ମଦ ସାମି ସେ ଲକ୍ଷ୍ନୌ ସୁପର ଜ୍ୟାଣ୍ଟସରୁ ରାଜସ୍ଥାନ ରୟାଲ୍ସକୁ ଟ୍ରେଡ୍ ହୋଇଛନ୍ତି। ଏହା ସାମୀଙ୍କ ୭ମ ଆଇପିଏଲ ଫ୍ରାଞ୍ଚାଇଜ୍। ସାମିଙ୍କୁ ରାଜସ୍ଥାନ ୮ କୋଟି ଟଙ୍କାରେ ଦଳରେ ସାମିଲ କରିଛି। ମେଗା ନିଲାମରେ ଲକ୍ଷ୍ନୌ ତାଙ୍କୁ ୧୦ କୋଟି ଟଙ୍କାରେ କିଣିଥିଲା। ଅର୍ଥାତ୍ ସାମିଙ୍କ ମୂଲ୍ୟ ୨ କୋଟି ଟଙ୍କା କମିଛି। ଟ୍ରେଡ୍ ବଳରେ ସାମିଙ୍କୁ ହାସଲ କରି ରାଜସ୍ଥାନ ନିଜ ବୋଲିଂକୁ ଆହୁରା ଦୃଢ କରିଛି। ରିଟେନ ସମୟସୀମା ଶେଷ ପୂର୍ବରୁ ରାଜସ୍ଥାନ ସାମିଙ୍କୁ ହାସଲ କରିବା ଦଳର ରଣନୀତିକୁ ଦର୍ଶାଉଛି। ଏଯାଏ ସାମି ୧୩୨ ଟି ଆଇପିଏଲ୍ ମ୍ୟାଚ ଖେଳି ୧୪୫ ୱିକେଟ ନେଇଛନ୍ତି।

ଟେନିସ୍ ବଲ୍ କ୍ରିକେଟର ମହାକୁମ୍ଭ 'କଳିଙ୍ଗ କପ୍-୨୦୨୬'

ବିଜେତାଙ୍କୁ ୧୦ ଲକ୍ଷ, ଉପବିଜେତାଙ୍କୁ ୬ ଲକ୍ଷ

ଭୁବନେଶ୍ୱର,୧୭।୧୧(ସବ୍ୟୁ) : ଗୋପବନ୍ଧୁ କ୍ଲବ ଆନୁକୂଲ୍ୟରେ ଆୟୋଜିତ ହେବାକୁ ଥିବା 'କଳିଙ୍ଗ କପ୍-୨୦୨୬'ର ପଞ୍ଚମ ସଂସ୍କରଣ ପାଇଁ ପ୍ରସ୍ତୁତି ଆରମ୍ଭ ହୋଇଛି। ସୋମବାର ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ଆୟୋଜକ କମିଟି ପକ୍ଷରୁ ଏ ସମ୍ପର୍କରେ ସୂଚନା ଦିଆଯାଇଛି। ଚଳିତ ବର୍ଷ ଏହି ଟେନିସ୍ ବଲ୍ କ୍ରିକେଟ ଟୁର୍ଣ୍ଣାମେଣ୍ଟକୁ ଅଧିକ ବ୍ୟାପକ କରାଯାଇଥିବା ବେଳେ ଓଡ଼ିଶାର ସମସ୍ତ ଜିଲ୍ଲାର ଖେଳାଳିମାନେ ବିନା କୌଣସି ଏଣ୍ଟ୍ରି ଫି'ରେ ଏଥିରେ ଅଂଶଗ୍ରହଣ କରିପାରିବେ। ଟୁର୍ଣ୍ଣାମେଣ୍ଟର ପଞ୍ଚମ ସଂସ୍କରଣରେ ବିଜେତା ଦଳକୁ ଆକର୍ଷଣୀୟ ଟ୍ରଫି ସହ ୧୦ ଲକ୍ଷ ଟଙ୍କାର ପୁରସ୍କାର ରାଶି ପ୍ରଦାନ କରାଯିବ। ସେହିପରି ଉପବିଜେତା (ରନର୍ସ-ଅପ୍) ଦଳକୁ ୬ ଲକ୍ଷ ଟଙ୍କା ପୁରସ୍କାର ଦିଆଯିବ। ଏହା ବ୍ୟତୀତ ବ୍ୟକ୍ତିଗତ ଶ୍ରେଷ୍ଠ ପ୍ରଦର୍ଶନ ପାଇଁ ଆକର୍ଷଣୀୟ ପୁରସ୍କାର ଘୋଷଣା କରାଯାଇଛି। ପ୍ରତିଯୋଗିତାର ଶ୍ରେଷ୍ଠ ଖେଳାଳି (ମ୍ୟାନ୍ ଅଫ୍ ଦି ସିରିଜ)ଙ୍କୁ ଏକ ଚାରିଚକିଆ କାର ପ୍ରଦାନ କରାଯିବାକୁ ଥିବା ବେଳେ ଶ୍ରେଷ୍ଠ ବ୍ୟାଟ୍ସମ୍ୟାନଙ୍କୁ ବାଇକ୍, ଶ୍ରେଷ୍ଠ ବୋଲରଙ୍କୁ ସ୍କୁଟି ଏବଂ ଫାଇନାଲ ମ୍ୟାଚ୍ର ଶ୍ରେଷ୍ଠ ଖେଳାଳିଙ୍କୁ ଏକ ସ୍ମାର୍ଟଫୋନ୍ ପ୍ରଦାନ କରାଯିବ। ଖେଳାଳିମାନଙ୍କୁ ତିନୋଟି ଗ୍ରେଡରେ ବିଭକ୍ତ କରାଯାଇ ଗ୍ରେଡ୍ 'ଏ' ପାଇଁ ୧୦ ହଜାର, ଗ୍ରେଡ୍ 'ବି' ପାଇଁ ୮ ହଜାର ଏବଂ ଗ୍ରେଡ୍ 'ସି' ପାଇଁ ୬ ହଜାର ଟଙ୍କା ଲେଖାଏଁ ଧାର୍ଯ୍ୟ କରାଯାଇଛି। ଗୋପବନ୍ଧୁ କ୍ଲବ ସଭାପତି ଦେବପ୍ରସାଦ ଜେନା, ଅଧକ୍ଷ ଗୌତମ ବେହେରା ଏବଂ ସମ୍ପାଦକ ଜଗତ ଜ୍ୟୋତି ଲେଙ୍କାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହି ପ୍ରତିଯୋଗିତା ଆୟୋଜିତ ହେଉଛି। ଏହି ଖବରଦାତା ସମ୍ମିଳନୀରେ ଅତିଥି ଭାବେ ଦିଗପହଣ୍ଡି ବିଧାୟକ ତଥା ବିଶିଷ୍ଟ ଅଭିନେତା ସିଦ୍ଧାନ୍ତ ମହାପାତ୍ର, ବରିଷ୍ଠ ଅଭିନେତ୍ରୀ ପୁନମ ମିଶ୍ର, କ୍ୟାପଟେନ ମନ୍ମଥ ରାଉତରାୟ ଏବଂ 'କଳିଙ୍ଗ କପ୍'ର ବ୍ରାଣ୍ଡ ଆମ୍ବାସାଡର ତଥା ଅଭିନେତ୍ରୀ ଭୂମିକା ଦାଶ ପ୍ରମୁଖ ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ କ୍ଲବର ଏମ୍ଡି ମୋସିନ, ସତ୍ୟ ନାରାୟଣ ସେଠୀ, ସମୀର ଦାସ, ନବଘନ ମିଶ୍ର, ଦେବାଶିଷ ପଟ୍ଟନାୟକ, ସୋମନାଥ ଦାସ ପ୍ରମୁଖ ଉପସ୍ଥିତ ଥିଲେ।

ଉଦ୍ଘାଟିତ ହେଲା 'ସୋଆ କପ୍-୨୦୨୬'

ଭୁବନେଶ୍ୱ